Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 68
Tuesday, 12 May 2026
Balasore, Page : 8, ₹ 2/
ବାଲେଶ୍ୱର, ମଙ୍ଗଳବାର, ୧୨ ମଇ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ହର ହର ମହାଦେବ ଧ୍ୱନିରେ ପ୍ରକମ୍ପିତ ହେଲା ସୋମନାଥ

ଅହମଦାବାଦ, ୧୧/୫(ନ୍ୟୁ.ଏ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମନାଥ ମନ୍ଦିର ପୁନର୍ନିର୍ମାଣର ୭୫ତମ ବାର୍ଷିକୀ ପାଳନ କରିବା ପାଇଁ ଗୁଜରାଟ ଗସ୍ତରେ ଯାଇଛନ୍ତି । ସୋମବାର ଦିନ ସେ ସୋମନାଥ ମନ୍ଦିରରେ ଆୟୋଜିତ 'ଅମୃତ ପର୍ବ' କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ସମୟରେ, ପ୍ରଧାନମନ୍ତ୍ରୀ ଏକ ବିଧିବଦ୍ଧ ପୂଜା କରିଥିଲେ । ଭଗବାନ ଶିବଙ୍କ ୧୨ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଗୋଟିଏ ସୋମନାଥ ମନ୍ଦିରର ଭବ୍ୟ ଶିଖରକୁ ଦେଶର ୧୧ଟି ପବିତ୍ର ତୀର୍ଥସ୍ଥଳରୁ ଜଳରେ କୁମ୍ଭାଅଭିଷେକ କରାଯାଇଥିଲା । ଗୁଜରାଟରେ ସୋମନାଥ ଅମୃତ ମହୋତ୍ସବ ସମୟରେ ପ୍ରଧାନମନ୍ତ୍ରୀ ଭାରତର ସାଂସ୍କୃତିକ ଐତିହ୍ୟ, ଆତ୍ମବିଶ୍ୱାସ ଏବଂ ଜାତୀୟ ଶକ୍ତି ବିଷୟରେ ଏକ ଶକ୍ତିଶାଳୀ ବାର୍ତ୍ତା ଦେଇଥିଲେ । ତାଙ୍କ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ, ଇତିହାସରେ ଅନେକ ଆକ୍ରମଣକାରୀ ସୋମନାଥ ମନ୍ଦିର ଉପରେ ଆକ୍ରମଣ କରି ଏହାର ବୈଭବକୁ ନଷ୍ଟ କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ସେମାନେ କେବେ ସଫଳ ହୋଇ ନଥିଲେ । ଆକ୍ରମଣକାରୀମାନେ ସୋମନାଥକୁ କେବଳ ଏକ ଭୌତିକ ଗଠନ ବୋଲି ଭାବିଥିଲେ, ଏବଂ ତେଣୁ ଏହାକୁ ବାରମ୍ବାର ଧ୍ୱଂସ କରିଥିଲେ । କିନ୍ତୁ ପ୍ରତ୍ୟେକ ଥର, ସୋମନାଥ ପୁଣି ଠିଆ ହୋଇଥିଲେ କାରଣ ଏହାକୁ ଧ୍ୱଂସ କରିଥିବା ଲୋକମାନେ ଭାରତର ବୈଚାରିକ ଶକ୍ତିକୁ ବୁଝିପାରି ନଥିଲେ । ଭାରତୀୟ ସଂସ୍କୃତି ଭୌତିକ ଶରୀରକୁ ନଶ୍ୱର ବୋଲି ମାନିଥାଏ, କିନ୍ତୁ ଏହା ମଧ୍ୟରେ ଥିବା ଆତ୍ମାକୁ ଅମର ବୋଲି ମାନିଥାଏ । ଶିବ ହେଉଛନ୍ତି ପରମାତ୍ମା, ଏବଂ ଏହା ଭାରତର ଅନନ୍ତ ଚେତନାର ସର୍ବଶ୍ରେଷ୍ଠ ଶକ୍ତି । ପ୍ରଧାନମନ୍ତ୍ରୀ ଏକ ବଡ଼ ବାର୍ତ୍ତା ଦେଇ କହିଛନ୍ତି, ବିଶ୍ୱର କୌଣସି ଶକ୍ତି ଭାରତକୁ ନଇଁ ପାରିବ ନାହିଁ କି ଚାପ ପକାଇପାରିବ ନାହିଁ । ୧୧ ମେ' ୧୯୯୮ର ପୋଖରାନ ପରମାଣୁ ପରୀକ୍ଷଣ ବିଷୟରେ ଉଲ୍ଲେଖ କରି କହିଥିଲେ, ସେହି ସମୟରେ ସମଗ୍ର ବିଶ୍ୱ ଭାରତ ବିରୋଧରେ ଠିଆ ହୋଇଥିଲା । ପରମାଣୁ ପରୀକ୍ଷଣ ପରେ, ଭାରତ ଉପରେ ଅନେକ ପ୍ରତିବନ୍ଧକ ଲଗାଯାଇଥିଲା, ଏବଂ ବିଶ୍ୱ କ୍ରୋଧିତ ହୋଇଥିଲା, କିନ୍ତୁ ଭାରତ ପଛକୁ ହଟି ନଥିଲା । ସ୍ୱାଧୀନତା ସମୟରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ୫୦୦ ରୁ ଅଧିକ ଗଡ଼ଜାତ ରାଜ୍ୟକୁ ଏକତ୍ର କରି ଦେଶକୁ ଏକତ୍ର କରିଥିଲେ ଏବଂ ସୋମନାଥ ମନ୍ଦିର ପୁନଃନିର୍ମାଣ ପାଇଁ ତାଙ୍କର ପ୍ରତିଜ୍ଞାକୁ ମଧ୍ୟ ପୂରଣ କରିଥିଲେ । ତାଙ୍କୁ ଅନେକ ଥର ସୋମନାଥ ଦର୍ଶନ କରିବାର ସୁଯୋଗ ମିଳିଛି ଏବଂ କିଛି ଦିନ ପୂର୍ବରୁ ସେ ଏଠାକୁ ଆସିଥିବା ପ୍ରଧାନମନ୍ତ୍ରୀ ପ୍ରକାଶ କରିଥିଲେ । ଭାରତର ସ୍ୱାଭିମାନ, ସାଂସ୍କୃତିକ ଐତିହ୍ୟ ଏବଂ ଜାତୀୟ ଶକ୍ତି ବିଷୟରେ ଏକ ବଡ଼ ବକ୍ତବ୍ୟ ଦେଇ କହିଥିଲେ, ଆମ ଦେଶରେ ସ୍ୱାଭିମାନ ଭଳି ପ୍ରସଙ୍ଗକୁ ମଧ୍ୟ ରାଜନୀତିକରଣ କରାଯାଏ । ଭାରତର ପ୍ରଥମ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ଦ୍ୱାରା ପୁନଃନିର୍ମିତ ସୋମନାଥ ମନ୍ଦିରର ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର କଳାକାର ଏବଂ ଦୂରଦୂରାନ୍ତର ଲୋକଙ୍କ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା । ସୋମନାଥ ମନ୍ଦିରରେ ସୋମନାଥ ଅମୃତ ମହୋତ୍ସବରେ ଅଂଶଗ୍ରହଣ କରିବା ପୂର୍ବରୁ, ପ୍ରଧାନମନ୍ତ୍ରୀ ଏକ ଭବ୍ୟ ରୋଡ୍ ଶୋ କରିଥିଲେ । ତାଙ୍କ ସହିତ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଏବଂ ଉପମୁଖ୍ୟମନ୍ତ୍ରୀ ହର୍ଷ ସଂଘଭି ଉପସ୍ଥିତ ଥିଲେ ।

ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର

ଭୁବନେଶ୍ୱର, ୧୧/୫ (ଆ.ପ୍ର) : ସମୁଦ୍ର ମଧ୍ୟରେ ଦାନା ବାନ୍ଧୁଛି ଲଘୁଚାପ । ଆଜି ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଶ୍ରୀଲଙ୍କା ଉପକୂଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଆସନ୍ତା ୪୮ ଘଂଟା ମଧ୍ୟରେ ଏହା ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେବା ସମ୍ଭାବନା ରହିଛି । ପରେ ଏହା ବାତ୍ୟାର ରୂପ ନେଇପାରେ ବୋଲି ଆଶଙ୍କା କରାଯାଉଛି । ତେବେ ଲଘୁଚାପ ପ୍ରଭାବରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବର୍ଷା ପବନର ପରିମାଣ ବଢ଼ିପାରେ । ବିଶେଷ କରି ଉପକୂଳ ଓ ଦକ୍ଷିଣ ଓଡ଼ିଶାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି । ୧୭ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ଆକଳନ କରିଛି ପାଣିପାଗ ବିଭାଗ । ତେବେ ବର୍ତ୍ତମାନ ସୁଦ୍ଧା କୌଣସି ବଡ଼ ବାତ୍ୟାର ଆଶଙ୍କା କରାଯାଇନାହିଁ । ତଥାପି ଓଡ଼ିଶା ଉପରେ ପ୍ରଭାବ କଣ ରହିବ, ତାହା ଅବପାତ ହେବା ପରେ ହିଁ ସ୍ପଷ୍ଟ ସୂଚନା ମିଳିବ ବୋଲି କହିଛନ୍ତି ପାଣିପାଗ ବିଜ୍ଞାନୀ । ଗ୍ରୀଷ୍ମ ଋତୁରେ ସମୁଦ୍ରର ତାପମାତ୍ରା ବୃଦ୍ଧି କାରଣରୁ ବଙ୍ଗୋପସାଗରରେ ପ୍ରତିବର୍ଷ ଏହି ସମୟରେ ବାତ୍ୟା ହେବାର ସମ୍ଭାବନା ଅଧିକ ଥାଏ । ତେବେ ମେ ମାସ ଆଉ ବାତ୍ୟା, ଓଡ଼ିଶା ପାଇଁ ନୂଆଁ ନୁହେଁ । ୩ ମେ ୨୦୧୯ ରେ ପୁରୀ ନିକଟରେ ସ୍ଥଳଭାଗ ଛୁଇଁ ତାଣ୍ଡବ ରଚିଥିଲା ବାତ୍ୟା ଫନି । ପବନର ବେଗ ଥିଲା ଘଂଟା ପ୍ରତି ପ୍ରାୟ ୨୦୦ କିମି । ବାତ୍ୟା ମାଡରେ ଛାରଖାର ହୋଇଯାଇଥିଲା ପୁରୀ ଓ ଖୋର୍ଦ୍ଧା ଜିଲ୍ଲା । ୨୦ ମେ ୨୦୨୦ରେ ତାଉ ଦେଖାଇଥିଲା ବାତ୍ୟା ଅମ୍ପାନ । ଯଦିଓ ଏହା ପଶ୍ଚିମବଙ୍ଗ ଏବଂ ବାଂଲାଦେଶ ଆଡ଼କୁ ମୁହାଁଇଥିଲା, ତଥାପି ପ୍ରଭାବିତ ହୋଇଥିଲା ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲା । ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱରରେ ପ୍ରବଳ ବର୍ଷା ଓ ପବନ ଯୋଗୁଁ ଘଟିଥିଲା ବ୍ୟାପକ କ୍ଷୟକ୍ଷତି । ୨୬ ମେ ୨୦୨୧ ଭଦ୍ରକ ଓ ବାଲେଶ୍ୱର ମଧ୍ୟରେ ସ୍ଥଳଭାଗ ହିଟ୍ କରିଥିଲା ବାତ୍ୟା ୟାଶ । ସାଇକ୍ଲୋନର ପ୍ରଭାବରେ ଉତ୍ତର ଓଡ଼ିଶାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା । ଜଳ ଜୁଆର ଯୋଗୁଁ ଚାଷଜମିରେ ପଶିଯାଇଥିଲା ସମୁଦ୍ର ପାଣି । ମେ ୨୦୨୨ ବାତ୍ୟା ଅସାନି ଓ ବାତ୍ୟା ରେମାଲ ବି ଓଡ଼ିଶା ଉପକୂଳରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା । ଏବେ ପୁଣି ମେ ମାସରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଲଘୁଚାପ କ୍ଷେତ୍ର । ତେବେ ସମ୍ଭାବ୍ୟ ବାତ୍ୟାକୁ ନେଇ ସରକାର ପ୍ରସ୍ତୁତ ଥିବା କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କରିବାରେ ଓଡ଼ିଶା ସବୁବେଳେ ଆଗୁଆ ରହିଛି । ୩୬୫ ଦିନ ଆମେ ପ୍ରସ୍ତୁତ ଅଛୁ । ଆଇଏମଡ଼ି ଅନୁମାନ ଅନୁସାରେ ଆମେ ପୁରା ପ୍ରସ୍ତୁତ ରହିଛୁ ବୋଲି ମନ୍ତ୍ରୀ କହିଛନ୍ତି ।

ଭିଡ଼ ହିଂସାର ତଥ୍ୟ ମିଳିନି, ପ୍ରମାଣ ମିଳିଲେ ଅଭିଯୁକ୍ତ ଉପରେ ଦଫା ଲାଗିବ : କ୍ରାଇମବ୍ରାଂଚ୍ ଡିଜି

ଭୁବନେଶ୍ୱର, ୧୧/୫ (ଆ.ପ୍ର) : ବାଲିଅନ୍ତା ବର୍ବରତାର ତଦନ୍ତ ଜାରି ରଖିଛି କ୍ରାଇମବ୍ରାଂଚ । ଦ୍ୱିତୀୟ ଦିନରେ ଟିମ୍ ଘଟଣାସ୍ଥଳକୁ ଯାଇ ପ୍ରତ୍ୟକ୍ଷଦର୍ଶୀ ଓ ମୃତ ସୌମ୍ୟଙ୍କ ପରିବାର ଲୋକଙ୍କ ବୟାନ ରେକର୍ଡ କରିବ । ଏହା ପୂର୍ବରୁ ବାଲିଅନ୍ତା ଥାନା ପୁଲିସଠାରୁ ତଦନ୍ତକାରୀ ଅଧିକାରୀ 'ଭିଡ଼ ହତ୍ୟା'ର ଟିକିନିଖି ତଥ୍ୟ ସଂଗ୍ରହ କରିଛନ୍ତି । ସେପଟେ କ୍ରାଇମବ୍ରାଂଚ ଡିଜି ବିନୟତୋଷ ମିଶ୍ର ପ୍ରତିକ୍ରିୟା ରଖି କହିଛନ୍ତି, ଘଟଣାରେ ଭୁଲ ମାମଲା ରୁଜୁ କରାଯାଇଛି । କିଛି ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଛି । ବାକି କିଛି ପ୍ରତ୍ୟକ୍ଷଦର୍ଶୀ ଓ ସୌମ୍ୟଙ୍କ ପରିବାର ଲୋକଙ୍କ ବୟାନ ରେକର୍ଡ କରିବ କ୍ରାଇମବ୍ରାଂଚ । ସେହିପରି ସୌମ୍ୟଙ୍କ ପୋଷ୍ଟମର୍ଟମ ରିପୋର୍ଟ ଓ ଫରେନସିକ୍ ରିପୋର୍ଟର ତର୍ଜମା ଚାଲିଛି । ସୋସିଆଲ ମିଡିଆ ତଥ୍ୟକୁ ମଧ୍ୟ ତର୍ଜମା କରାଯାଉଛି ବୋଲି କହିଛନ୍ତି କ୍ରାଇମବ୍ରାଂଚ୍ ଡିଜି ବିନୟ ତୋଷ ମିଶ୍ର । ଏହାଛଡ଼ା ତଦନ୍ତର ସବୁ ଦିଗକୁ ପୁଙ୍ଖାନୁପୁଙ୍ଖ ଭାବେ ତର୍ଜମା କରାଯାଉଛି । ବାଲିଅନ୍ତା ବର୍ବରତା ସମୟରେ ସେଠାରେ ଉପସ୍ଥିତ ଥିବା ସମସ୍ତ ଲୋକଙ୍କୁ ଅପରାଧୀ ଭାବିବା ଠିକ୍ ନୁହେଁ । ଘଟଣାକୁ ମଧ୍ୟ ଭିଡ଼ ହିଂସା କହିହେବ ନାହିଁ । ସୌମ୍ୟ ହତ୍ୟା ମାମଲା ସେଭଳି କିଛି ତଥ୍ୟ ମିଳିନାହିଁ । ଯଦି ତଦନ୍ତ ବେଳେ ସେଭଳି ପ୍ରମାଣ ମିଳେ, ତେବେ ଅଭିଯୁକ୍ତଙ୍କ ଉପରେ ଭିଡ଼ ହିଂସା ଭଳି ଦଫା ଲାଗିବ ବୋଲି କ୍ରାଇମବ୍ରାଂଚ ଡିଜି କହିଛନ୍ତି ।

ଦେଶର ସାଂସ୍କୃତିକ ରାଜଧାନୀ ହେବ ଓଡ଼ିଶା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୧/୫ (ଆ.ପ୍ର) : ଆଧ୍ୟାତ୍ମିକ ଆକାଶରେ ହୋଇଛି ନୂଆ ସୂର୍ଯ୍ୟୋଦୟ । ଓଡ଼ିଶା ହେବ ଦେଶର ସାଂସ୍କୃତିକ ରାଜଧାନୀ । ସବୁ ମନ୍ଦିରର ହେବ ପୁନଃରୁଦ୍ଧାର । ସୋମନାଥ ମନ୍ଦିରର ଅମୃତ ପର୍ବ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ସୋମନାଥଙ୍କ ଇତିହାସ ଆମକୁ ଶିଖାଏ ଧୈର୍ଯ୍ୟ ଏବଂ ଆତ୍ମସମ୍ମାନ । ସୋମନାଥ ଏବଂ ଲିଙ୍ଗରାଜ ମନ୍ଦିର ମଧ୍ୟରେ ସମାନତା ରହିଛି । ଉଭୟ ମନ୍ଦିର ଭାରତର ପ୍ରାଚୀନ ଆଧ୍ୟାତ୍ମିକ ଏବଂ ସ୍ଥାପତ୍ୟ ଐତିହ୍ୟକୁ ପ୍ରତିନିଧିତ୍ୱ କରନ୍ତି । ପ୍ରଭୁ ସୋମନାଥଙ୍କୁ ପଶ୍ଚିମ ଭାରତର ରକ୍ଷକ ଏବଂ ପ୍ରଭୁ ଲିଙ୍ଗରାଜ ପୂର୍ବର ଅଟଳ ଆଧ୍ୟାତ୍ମିକ ଶକ୍ତି ବୋଲି କୁହାଯାଏ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଭାରତୀୟ ସଂସ୍କୃତିର ପ୍ରତୀକ ଶ୍ରୀ ସୋମନାଥ ଜ୍ୟୋତିର୍ଲିଙ୍ଗଙ୍କ ୧୦୦୦ ବର୍ଷର ଗୌରବମୟ ଇତିହାସ ଏବଂ ମନ୍ଦିରର ପୁନରୁଦ୍ଧାରର ୭୫ତମ ବର୍ଷ ପୂର୍ତ୍ତି ଅବସରରେ ଆଜି ସାରା ଦେଶରେ ପାଳିତ ହେଉଛି 'ସୋମନାଥ ସ୍ୱାଭିମାନ ପର୍ବ' । ଏହି ଐତିହାସିକ ଅବସର, ଭାରତୀୟ ସଭ୍ୟତାର ପୁନର୍ଜନ୍ମର କାହାଣୀ, ଗୌରବର ଗାଥା । ଯାହାକୁ ରକ୍ଷା କରିବା ପାଇଁ ହଜାର ହଜାର ସନାତନୀ ନିଜ ପ୍ରାଣ ବଳି ଉତ୍ସର୍ଗ କରିଛନ୍ତି । ଏହାକୁ ନଷ୍ଟ କରିବା ଲାଗି ବାରମ୍ବାର ଚେଷ୍ଟା ହୋଇଛି । ହେଲେ ସେହି ସନାତନୀଙ୍କ ପାଇଁ ଆଜି ତାହା ବଂଚିରହିଛି । ସୋମନାଥଙ୍କ ଇତିହାସ ଆମକୁ ଶିଖାଏ ଧୈର୍ଯ୍ୟ ଏବଂ ଆତ୍ମସମ୍ମାନ । ବାରମ୍ବାର ଆକ୍ରମଣ ସତ୍ତ୍ୱେ ଗର୍ବରେ ଆଜି ବି ଠିଆ ହୋଇଛି ସୋମନାଥ ମନ୍ଦିର । ସେହିଭଳି ଆମ ସଂସ୍କୃତି, ପରମ୍ପରାକୁ ନେଇ ଆମକୁ ଆଗକୁ ବଢିବାକୁ ପଡ଼ିବ । ପ୍ରଭୁ ଲିଙ୍ଗରାଜଙ୍କ ଭୂମିରୁ ମୁଁ ପ୍ରଭୁ ସୋମନାଥଙ୍କୁ ପ୍ରଣାମ ଜଣାଉଛି । ସୋମନାଥ ମନ୍ଦିର ଆମର ଆତ୍ମସମ୍ମାନର ପ୍ରତୀକ । ଶାସ୍ତ୍ର କହେ ସୋମନାଥ ମନ୍ଦିର ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ପ୍ରଥମ । ଭାରତର ପୂର୍ବ ଭାଗରେ ଥିବା ଏକାମ୍ର କ୍ଷେତ୍ର ମଧ୍ୟ ଅନ୍ୟତମ । ପ୍ରଭୁ ଲିଙ୍ଗରାଜ ଏବଂ ପ୍ରଭୁ ସୋମନାଥଙ୍କ ମଧ୍ୟରେ ଗଭୀର ସମ୍ପର୍କ ରହିଛି । ଉଭୟ ସୋମନାଥ ଏବଂ ଲିଙ୍ଗରାଜ ମନ୍ଦିର ହେଉଛି ପ୍ରାଚୀନ ସଂସ୍କୃତି ଓ କଳାର ପରିଚୟ । ପ୍ରଭୁ ସୋମନାଥ ଯଦି ଭାରତବର୍ଷର ଜାଗ୍ରତ ପ୍ରହରୀ ତେବେ ପ୍ରଭୁ ଲିଙ୍ଗରାଜ ହେଉଛନ୍ତି ଅବିଚଳିତ ଶକ୍ତି । ପ୍ରଭୁ ଜଗନ୍ନାଥ ମଧ୍ୟ ବାରମ୍ବାର ଆକ୍ରମଣର ଶିକାର ହୋଇଛନ୍ତି । ଆକ୍ରମଣକାରୀ ଜାଣିନଥିଲେ, ଭାରତର ଆସ୍ଥା ପଥରରେ ନୁହେଁ ଭାରତବାସୀଙ୍କ ରକ୍ତରେ ଅଛି । ଯେତେଥର ମନ୍ଦିର ଭାଙ୍ଗିଛନ୍ତି ସେତେଥର ମନ୍ଦିର ନିର୍ମାଣ କରିଛନ୍ତି । ସୋମନାଥ ମନ୍ଦିର ଆକ୍ରମଣର ଏକ ହଜାର ବର୍ଷ ପୂର୍ତ୍ତି ହୋଇଛି । ଏହାକୁ ଆମେ ଅତୁଟ ଆସ୍ଥାର ଏକ ହଜାର ବର୍ଷ ଭାବେ ପାଳନ କରାଯାଉଛି । ଯେତେବେଳେ ଏହାକୁ ନେହୁରୁ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ଯିବାକୁ ମନା କରିଦେଇଥିଲେ । ମୋଦିଙ୍କ ନୂଆ ଭାରତ । ସୋମନାଥ ସ୍ୱାଭିମାନ ପର୍ବ ଭାରତ ବର୍ଷରେ ସବୁଠାରେ ପାଳନ କରାଯାଉଛି । ଓଡିଶାରେ ଅନେକ ସ୍ଥାନରେ ପାଳନ କରାଯାଉଛି । ମନ୍ଦିର ପରିସରରେ ଭକ୍ତ ଏବଂ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ସୋମନାଥ ମନ୍ଦିରକୁ ଭାରତର ଆତ୍ମସମ୍ମାନ ଏବଂ ସ୍ଥିରତାର ପ୍ରତୀକ ଭାବରେ ବର୍ଣ୍ଣନା କରିଛନ୍ତି । ବାରମ୍ବାର ଆକ୍ରମଣ ସନାତନ ସଂସ୍କୃତିର ଆତ୍ମାକୁ ନଷ୍ଟ କରିପାରିବ ନାହିଁ । ସ୍ୱାଧୀନତା ପରେ ସୋମନାଥ ମନ୍ଦିର ପୁନଃନିର୍ମାଣରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଭଳି ନେତାଙ୍କ ଭୂମିକା ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଥିଲେ । 'ବିକାଶ ଭି, ବୀରାସତ୍ ଭି' ଦୃଷ୍ଟିକୋଣକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଶଂସା କରିଥିଲେ । ଓଡିଶାର ଐତିହ୍ୟ ବିକାଶ ପଦକ୍ଷେପ ବିଷୟରେ କହି ମାଝୀ କହିଛନ୍ତି ଯେ, ରାଜ୍ୟ ସରକାର ଏକାମ୍ର କ୍ଷେତ୍ର ଏବଂ ଜଗନ୍ନାଥ ମନ୍ଦିର ସମେତ ପ୍ରମୁଖ ଧାର୍ମିକ ଏବଂ ଐତିହ୍ୟ ସ୍ଥଳଗୁଡ଼ିକୁ ବିଶ୍ୱସ୍ତରୀୟ ଭିତିଭୂମି ଏବଂ ପର୍ଯ୍ୟଟନ ସୁବିଧା ସହିତ ପରିବର୍ତ୍ତନ କରିବାକୁ ପ୍ରତିବଦ୍ଧ ।

ବାଂଲାଦେଶୀ ଅନୁପ୍ରବେଶ ରୋକିବାକୁ ସୀମାରେ ଲାଗିବ ତାରବାଡ଼

କୋଲକାତା, ୧୧/୫(ନ୍ୟୁ.ଏ): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ହେଇ ହେଇ ଆକ୍ସନ ମୋଡରେ ଶୁଭେନ୍ଦୁ ଅଧିକାରୀ । ସିଏମ୍ ହେବା ପରେ ବଡ଼ ନିଷ୍ପତି ନେଇଛନ୍ତି ଶୁଭେନ୍ଦୁ ଅଧିକାରୀ । ଭାରତ ଏବଂ ବାଂଲାଦେଶ ସୀମାରେ ତାରବାଡ଼ ପାଇଁ ଜମି ଯୋଗାଇବାକୁ ଘୋଷଣା କରିଛନ୍ତି । ୪୫ ଦିନ ଭିତରେ ଜମି ଯୋଗାଇ ଦେବାକୁ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ । ୪୫ ଦିନ ଭିତରେ ସମସ୍ତ ଅଂଚଳ ବିଏସଏଫ ଅଧିନରେ ରହିବ । ୮୭୪ କିମି ଦୀର୍ଘ ସୀମାନ୍ତ ଏଯାବତ ତାରବାଡ଼ ହୋଇ ପାରିନଥିଲା । ବିଦାୟୀ ମୁଖ୍ୟମନ୍ତ୍ରୀ ମମତା ଜମି ଦେଉ ନଥିବାରୁ ତାରବାଡ଼ ହୋଇପାରୁନଥିଲା । ଫଳରେ ବାଂଲାଦେଶ ପଟୁ ଦେଶକୁ ଅନୁପ୍ରବେଶ ମାତ୍ରା ଅଧିକ ହେଉଥିଲା । ବଡ଼ ନିଷ୍ପତି ହେଉଛି ବାଂଲାଦେଶ ସୀମାରେ ଥିବା ଜମିକୁ ବିଏସଏଫକୁ ହସ୍ତାନ୍ତର କରାଯିବ ଯାହା ଦ୍ୱାରା ଏହା ସଠିକ୍ ଭାବରେ ବାଡ଼ ଦେଇପାରିବ । ଏହା ବାଂଲାଦେଶରୁ ଅନୁପ୍ରବେଶ ରୋକିବାରେ ସାହାଯ୍ୟ କରିବ । ବିଏସଏଫକୁ ଜମି ହସ୍ତାନ୍ତର ପ୍ରକ୍ରିୟା ସୋମବାର ଠାରୁ ଆରମ୍ଭ ହେବ । ପଶ୍ଚିମବଙ୍ଗର ପ୍ରଥମ ବିଜେପି ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇଛି । ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ପ୍ରଥମ କ୍ୟାବିନେଟ୍ ବୈଠକରେ ବଡ଼ ନିଷ୍ପତି ନିଆଯାଇଛି । ସେଗୁଡ଼ିକୁ ତୁରନ୍ତ କାର୍ଯ୍ୟକାରୀ କରାଯିବ । ପ୍ରଥମ ଏବଂ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ହେଉଛି ବାଂଲାଦେଶ ସୀମାରେ ଥିବା ଜମିକୁ ବିଏସଏଫକୁ ହସ୍ତାନ୍ତର କରାଯିବ । ଯାହା ଦ୍ୱାରା ଏହା ସଠିକ୍ ଭାବରେ ବାଡ଼ ଦେଇପାରିବ । ଏହା ବାଂଲାଦେଶରୁ ଅନୁପ୍ରବେଶ ରୋକିବାରେ ସାହାଯ୍ୟ କରିବ । ଆଗାମୀ ୪୫ ଦିନରେ ଏହି ଜମି ହସ୍ତାନ୍ତର ସମାପ୍ତ ହେବ । ମୁଖ୍ୟମନ୍ତ୍ରୀ ଆହୁରି ଅନେକ କିଛି ଘୋଷଣା କରିଛନ୍ତି ଯାହା ତୁରନ୍ତ କାର୍ଯ୍ୟକାରୀ ହେବ । ଏଥି ମଧ୍ୟରୁ ଗୋଟିଏ ହେଉଛି ଆୟୁଷ୍ମାନ ଭାରତ ଯୋଜନା ବଙ୍ଗାଳରେ ଲାଗୁ କରାଯିବ । ମମତା ବାନାର୍ଜୀ ସରକାର ରାଜ୍ୟରେ ଏହି କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ କରିନଥିଲେ । ଏହା ବାଦ୍ ସ୍କୁଲ, ଶିକ୍ଷକ ଚାକିରି ପାଇଁ ଆବେଦନକାରୀଙ୍କ ବୟସ ୫ ବର୍ଷ ବୃଦ୍ଧି କରାଯାଇଛି । ଗୃହମନ୍ତ୍ରୀ ଅମିତ୍ ଶାହ ନିର୍ବାଚନୀ ପ୍ରଚାର ସମୟରେ ଏହି ପ୍ରତିଶ୍ରୁତି ଦେଇଥିଲେ । ଶୁଭେନ୍ଦୁ ଅଧିକାରୀ ସରାକର ମଧ୍ୟ ରାଜ୍ୟରେ ଭାରତୀୟ ଦଣ୍ଡ ସଂହିତା ଲାଗୁ କରିଛନ୍ତି । ସେ କହିଛନ୍ତି, ଏହା ଯେ ପର୍ଯ୍ୟନ୍ତ ବଙ୍ଗାଳରେ ଲାଗୁ ହୋଇନାହିଁ ଏବଂ ଏହା ସମ୍ବିଧାନର ସିଧାସଳଖ ଉଲ୍ଲଂଘନ । ଦେଶରେ ଅନ୍ୟାନ୍ୟ ସ୍ଥାନ ପରି ବଙ୍ଗାଳରେ ବିଏନଏସ ଲାଗୁ ହେବ । ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ କହିଛନ୍ତି ଯେ, ପୂର୍ବ ସରକାର ଜନଗଣନା ସମ୍ପର୍କରେ ଗୃହ ମନ୍ତ୍ରଣାଳୟର ଜୁନ୍ ୨୦୨୫ ସର୍କୁଲାରକୁ ମଧ୍ୟ ଅବରୋଧ କରିଥିଲେ । ଏହା ବଙ୍ଗାଳର ପ୍ରଥମ କ୍ୟାବିନେଟ ବୈଠକରେ କାର୍ଯ୍ୟକାରୀ ହେଉଛି । ଭାରତୀୟ ଦଣ୍ଡ ସଂହିତା ମଧ୍ୟ କାର୍ଯ୍ୟକାରୀ ହେଉଛି । ଏବେ ବଙ୍ଗଳା ଲୋକମାନେ ମଧ୍ୟ ଦେଶର ଅନ୍ୟାନ୍ୟ ଅଂଚଳ ପରି ଆୟୁଷ୍ମାନ ଯୋଜନାରୁ ଉପକୃତ ହେବେ । ପଶ୍ଚିମବଙ୍ଗ ରାଜନୈତିକ ଇତିହାସରେ ପ୍ରଥମ ଥର ପାଇଁ ରାଜ୍ୟରେ କ୍ଷମତାକୁ ଆସିବା ପୂର୍ବରୁ ବିଜେପି ଦେଇଥିବା ସମସ୍ତ ପ୍ରତିଶ୍ରୁତି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଛି । ଏହାର ପ୍ରଥମ କ୍ୟାବିନେଟ ବୈଠକରେ ଏହା ସୂଚିତ କରିଛି ।

ୱାର୍କ ଫ୍ରମ୍ ହୋମ୍, ଅନ୍ ଲାଇନ୍ କ୍ଲାସ ଏବଂ ପବ୍ଲିକ ଟ୍ରାନ୍ସପୋର୍ଟ ବ୍ୟବହାର କରନ୍ତୁ : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୧/୫(ନ୍ୟୁ.ଏ): ମଧ୍ୟପ୍ରାଚ୍ୟରେ ଇରାନ ଏବଂ ଆମେରିକା ମଧ୍ୟରେ ବଢୁଥିବା ଉତ୍ତେଜନାର ପ୍ରଭାବ ଏବେ ବିଶ୍ୱ ଅର୍ଥନୀତି ଉପରେ ସ୍ପଷ୍ଟ ଭାବରେ ଦେଖାଯାଉଛି । ଏହା ଭାରତ ଉପରେ ମଧ୍ୟ ପ୍ରଭାବ ପକାଇପାରେ । ଏହି ପରିପ୍ରେକ୍ଷୀରେ, ଗୁଜରାଟର ଭଦୋଦରାରେ ସର୍ଦ୍ଦାର ଧାମ ଛାତ୍ରାବାସର ଉଦଘାଟନ ସମୟରେ ନରେନ୍ଦ୍ର ମୋଦି ନାଗରିକମାନଙ୍କୁ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୪ ଘଂଟା ମଧ୍ୟରେ ଦୁଇଥର ଦେଶବାସୀଙ୍କୁ ଏହି ନିବେଦନ କରିଛନ୍ତି । ରାଲିକୁ ସମ୍ବୋଧିତ କରି ସେ କହିଛନ୍ତି ଯେ ବିଦେଶରୁ ଆମଦାନି ହେଉଥିବା ଉତ୍ପାଦର ବ୍ୟବହାର ହ୍ରାସ କରିବା ପାଇଁ ଏବଂ ବିଦେଶୀ ମୁଦ୍ରା ଆବଶ୍ୟକ କରୁଥିବା ବ୍ୟକ୍ତିଗତ କାର୍ଯ୍ୟକଳାପକୁ ଏଡାଇବା ପାଇଁ ସମସ୍ତ ପ୍ରକାରର ପ୍ରୟାସ, ଛୋଟ ହେଉ କି ବଡ଼, କରାଯିବା ଉଚିତ । ସୋମବାର ସନ୍ଧ୍ୟାରେ ଭଦୋଦରାରେ ଏକ ରାଲିରେ ପ୍ରଧାନମନ୍ତ୍ରୀ ମୋଦି ସୂଚାଇ ଦେଇଥିଲେ ଯେ ପରିସ୍ଥିତି ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ଲୋକମାନେ ଛୋଟ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ ଉଚିତ । ସେ ପେଟ୍ରୋଲ ଏବଂ ଡିଜେଲ ବ୍ୟବହାର ହ୍ରାସ କରିବା, କାରପୁଲିଂ ଗ୍ରହଣ କରିବା, ଘରୁ କାମ ଏବଂ ଭର୍ଚୁଆଲ୍ ବୈଠକକୁ ଉତ୍ସାହିତ କରିବା ପାଇଁ ଆହ୍ୱାନ କରିଥିଲେ ଏବଂ ସ୍କୁଲଗୁଡ଼ିକୁ ଅନଲାଇନ୍ କ୍ଲାସ ପରିଚାଳନା କରିବାକୁ ଅପିଲ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ମୁଁ ପ୍ରତ୍ୟେକ ନାଗରିକଙ୍କୁ ଆବେଦନ କରୁଛି ଯେ ସେମାନେ ଯଥା ସମ୍ଭବ ପେଟ୍ରୋଲ ଏବଂ ଡିଜେଲର ବ୍ୟବହାର ହ୍ରାସ କରନ୍ତୁ ଏବଂ ସାର୍ବଜନୀନ ପରିବହନ ବ୍ୟବହାର କରନ୍ତୁ । ଯେଉଁମାନଙ୍କ ପାଖରେ କାର ଅଛି ସେମାନେ ଗାଡିରେ ଅଧିକ ଲୋକଙ୍କୁ ନେଇ ସାଙ୍ଗରେ ଯାଆନ୍ତୁ । ସେ କହିଛନ୍ତି ଖାଇବା ତେଲ ଆମଦାନୀ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପରିମାଣର ବିଦେଶୀ ମୁଦ୍ରା ବ୍ୟବହାର କରେ । ତେଣୁ 'ଭୋକାଲ ଫର ଲୋକାଲ୍' ବର୍ତ୍ତମାନ ସମୟର ଆବଶ୍ୟକତା ।' ବିଦେଶୀ ଉତ୍ପାଦ ବଦଳରେ ଲୋକାଲ ଜିନିଷ ଆପଣାନ୍ତୁ । ଆପଣଙ୍କ ଗାଁ, ସହର, ଆପଣଙ୍କ ଦେଶର ଉଦ୍ୟୋଗୀମାନଙ୍କୁ ସଶକ୍ତ କରନ୍ତୁ । ଆମକୁ ଆମଦାନୀ ହେଉଥିବା ଉତ୍ପାଦର ବ୍ୟବହାର ହ୍ରାସ କରିବା ଏବଂ ବିଦେଶୀ ମୁଦ୍ରା ବ୍ୟବହାର କରୁଥିବା ବ୍ୟକ୍ତିଗତ କାର୍ଯ୍ୟକଳାପକୁ ଏଡାଇବା ପାଇଁ ସବୁପ୍ରକାର ପ୍ରୟାସ କରିବାକୁ ପଡିବ ବୋଲି କହିଛନ୍ତି । ଆର୍ଥିକ ଚାପକୁ ଦୃଷ୍ଟିରେ ରଖି, ପ୍ରଧାନମନ୍ତ୍ରୀ ମୋଦି ଲୋକମାନଙ୍କୁ ସୁନା ନକିଣିବାକୁ କହିଛନ୍ତି । ବିଦେଶୀ ଉତ୍ପାଦ ବଦଳରେ ସ୍ୱଦେଶୀ ଉତ୍ପାଦ ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିଲେ । ଏହା ସହ ଚାଷୀମାନଙ୍କୁ ରାସାୟନିକ ସାର ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ ପ୍ରାକୃତିକ କୃଷି ଗ୍ରହଣ କରିବାକୁ ମଧ୍ୟ ଅପିଲ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଗତ କିଛି ବର୍ଷ ଧରି ବିଶ୍ୱ ଏକାଧିକ ସଙ୍କଟର ସମ୍ମୁଖୀନ ହେଉଛି । ପ୍ରଥମେ, କୋଭିଡ-୧୯ ମହାମାରୀ, ତା'ପରେ ଆର୍ଥିକ ଅସ୍ଥିରତା ଏବଂ ଏବେ ପଶ୍ଚିମ ଏସିଆରେ ବଢୁଥିବା ଯୁଦ୍ଧ । ତାଙ୍କ ମତରେ, ଯଦି କରୋନା ଭାଇରସ୍ ଏହି ଶତାବ୍ଦୀର ସବୁଠାରୁ ବଡ଼ ସଙ୍କଟ, ତେବେ ପଶ୍ଚିମ ଏସିଆରେ ବର୍ତ୍ତମାନର ସଂଘର୍ଷ ଏହି ଦଶନ୍ଧିର ସବୁଠାରୁ ବଡ଼ ସଙ୍କଟ ମଧ୍ୟରୁ ଗୋଟିଏ ହୋଇପାରେ । ପିଏମ୍ ମୋଦି ବିଶ୍ୱାସ ପ୍ରକାଶ କରିଛନ୍ତି ଯେ, ଯେଉଁ ଭଳି ଆମ ଦେଶ କରୋନା ଭାଇରସ୍ ମହାମାରୀ ସହିତ ଲଢ଼ିଛି, ସେହିପରି ଏହି ଚ୍ୟାଲେଞ୍ଜକୁ ମଧ୍ୟ ଦୂର କରାଯାଇପାରିବ । ସାଧାରଣ ଲୋକଙ୍କ ଉପରେ ବିଶ୍ୱ ପରିସ୍ଥିତିର ପ୍ରଭାବକୁ ହ୍ରାସ କରିବା ପାଇଁ ସରକାର ନିରନ୍ତର ପ୍ରୟାସ କରୁଛନ୍ତି । ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ଏକ ପ୍ରକାର ସ୍ପଷ୍ଟ କରୁଛି ଯେ, ବିଶ୍ୱ ସଙ୍କଟର ଏହି ସମୟରେ, ସତର୍କତା, ସଂଚୟ ଏବଂ ଆତ୍ମନିର୍ଭରଶୀଳତା ସର୍ବୋତ୍ତମ ସମର୍ଥନ ହୋଇପାରେ । ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ମଧ୍ୟ ରବିବାର ତେଲେଙ୍ଗାନାରେ ଏକ ସାଧାରଣ ରାଲିକୁ ସମ୍ବୋଧିତ କରି ଦେଶ ସ୍ୱାର୍ଥ ପାଇଁ ଗୋଟିଏ ବର୍ଷ ପାଇଁ ସୁନା କିଣିବାରୁ ବିରତ ରହିବାକୁ ଅପିଲ୍ କରିଥିଲେ । ସେ ବିଶ୍ୱରେ ଚାଲିଥିବା ଯୁଦ୍ଧର ପ୍ରଭାବ ବିଷୟରେ ଆଲୋଚନା କରି କହିଥିଲେ, ବିଶ୍ୱ ସଂଘର୍ଷ ଭାରତ ଉପରେ ଗମ୍ଭୀର ପ୍ରଭାବ ପକାଉଛି ।

ରାଜ୍ୟସଭା ନିର୍ବାଚନ ଅନିୟମିତତା ଅଭିଯୋଗ : ସିଇଓଙ୍କୁ ଭେଟିଲା ବିଜେଡ଼ି

ଭୁବନେଶ୍ୱର, ୧୧/୫ (ଆ.ପ୍ର) : ରାଜ୍ୟସଭା ନିର୍ବାଚନରେ ଅନିୟମିତତା ଅଭିଯୋଗ କରି ଆଜି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଲେ ବିଜେଡି ପ୍ରତିନିଧି ଦଳ । ଗତ ରାଜ୍ୟସଭା ନିର୍ବାଚନରେ ବିଜେପି ବିଧାୟକ ଉପାସନା ମହାପାତ୍ର ଓ ପୂର୍ଣ୍ଣ ସେଠିଙ୍କ ବିରୋଧରେ ଅଭିଯୋଗ ଆଣିଥିଲା ବିଜେଡି । ଏହି ଦୁଇ ବିଧାୟକ ପ୍ରଥମ ବାଲଟ ପେପରରେ ଭୁଲ ଭୋଟିଂ କରିବାରୁ ଦ୍ୱିତୀୟ ପେପର ଦେଇଥିଲେ ନିର୍ବାଚନ ଅଧିକାରୀ । ବିଜେଡି ଏହାର ପ୍ରତିବାଦ କରିବା ସତ୍ତ୍ୱେ ଶୁଣି ନଥିଲେ ନିର୍ବାଚନ ଅଧିକାରୀ । ଦ୍ୱିତୀୟ ବାଲଟ ପେପରରେ ଉଭୟ ବିଜେପି ବିଧାୟକ ଭୋଟ ଦେଇଥିଲେ । ଏହାକୁ ଅଗଣତନ୍ତ୍ରିକ ଅଭିଯୋଗ କରି ଉରଡ଼ କୁ ଭେଟିବାକୁ ସମୟ ମାଗିଥିଲା ବିଜେଡି । ଉରଡ଼ଙ୍କୁ ଭେଟିବା ପରେ ବିଜେଡି ଜାଣିବାକୁ ପାଉଛି ଯେ ଭୋଟ ପେପ୍ର ସମ୍ପର୍କିତ ଲିକ୍ ହେଉଥିବା ଭାରତୀୟ ନିର୍ବାଚନ ଅଧିକାରୀ ରିପୋର୍ଟ କରିଛନ୍ତି । ଉରଡ଼ ବି କହିଛନ୍ତି ଏହା ତାଙ୍କ ପରିସୀମାରେ ନାହିଁ । ଏପରି ସ୍ଥିତିରେ ବିଜେଡି ଆଗକୁ କ'ଣ କାର୍ଯ୍ୟପନ୍ଥା ନେବ, ତାହା ବୈଠକରେ ସ୍ଥିର କରିବ । ସେପଟେ ଏହି ପ୍ରସଙ୍ଗରେ ବିଜେପି ସାଂସଦ ଅପରାଜିତ ଷଡଙ୍ଗୀ କଡ଼ା ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ବିଜେଡି ତାର ଅସ୍ତିତ୍ୱ ହରାଇଛି । ବିଜେଡି କଣ କରିବ କିଛି ଜାଣିପାରୁନି । କେବଳ ଖବରରେ ରହିବାକୁ ଚେଷ୍ଟା ଚଳାଉଛି । ସେଥିପାଇଁ ଏଭଳି ମୂଲ୍ୟହୀନ କାର୍ଯ୍ୟ କରୁଛି ।

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ଜୁନ ୧ ରୁ ୯ ଯାଏଁ ପବିତ୍ର ମହେନ୍ଦ୍ରଗିରିରେ ମହେନ୍ଦ୍ରମେଳା

ପାରଳାଖେମୁଣ୍ଡି, ୧୧/୫ (ଆ.ପ୍ର) : ଆସନ୍ତା ଜୁନ ୧ ରୁ ୯ ତାରିଖ ପର୍ଯ୍ୟନ୍ତ ପବିତ୍ର ମହେନ୍ଦ୍ରଗିରିରେ ମହେନ୍ଦ୍ରମେଳା ୯ ଦିନ ବ୍ୟାପି ଗଜପତି ଜିଲ୍ଲା ରାୟଗଡ ବ୍ଲକର ପୁରାଣ ପ୍ରସିଦ୍ଧ ତଥା ଭଗବାନଙ୍କ ତପଭୂମୀ ମହେନ୍ଦ୍ରଗିରି ଶିଖର ରେ ମହେନ୍ଦ୍ର ମେଳା ପୂଜ୍ୟ ସାଧୁସନ୍ଥ, ଆଚାର୍ଯ୍ୟ, ଯାଜ୍ଞିକ, ବିଦ୍ୱାନ୍, ଭକ୍ତ ତଥା ସେବକ ମାନଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ହେବାକୁ ଯାଉଛି । ଏହି ମେଳା ଲାଗି ସ୍ନାନ ଓ ବିଶ୍ୱଶାନ୍ତି ନବକୁଣ୍ଡୀୟ ହରିହରାତ୍ମକ ମହାଯଜ୍ଞ ମହାସମାରୋହରେ ଅନୁଷ୍ଠିତ ହେବ । ତତ୍ ସହିତ ଭାରତର ବିଭିନ୍ନ କ୍ଷେତ୍ରରୁ ବହୁ ସାଧୁ ସନ୍ଥ ଓ ଆଚାର୍ଯ୍ୟ ବୃନ୍ଦ ଯୋଗଦେବା କାର୍ଯ୍ୟକ୍ରମ ରହିଛି । ସମସ୍ତ ଭକ୍ତବୃନ୍ଦ ଏହି ମହାର୍ଘ ଯଜ୍ଞାନୁଷ୍ଠାନରେ ଯୋଗଦାନ ପୂର୍ବକ ଭଗବତ୍ କୃପାଶୀର୍ବାଦ ଲାଭ କରିବା ପାଇଁ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଆହ୍ୱାନ ଦିଆଯାଇଛି । ଏହି ୯ ଦିନ ବ୍ୟାପୀ ପ୍ରତିଦିନ ଘୃତଯଜ୍ଞ, ନାମଯଜ୍ଞ, ଜ୍ଞାନଯଜ୍ଞ, ଅନ୍ନଯଜ୍ଞ, ଚତୁର୍ବେଦ ଓ ଭାଗବତ, ରାମଚରିତ ମାନସ ପାରାୟଣ, ସାଧୁସନ୍ଥ ମାନଙ୍କ ଦ୍ୱାରା ଜପ ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ତେଣୁ ଏହି ଅବସରରେ ଏଠାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବାର ଆକଳନ କରାଯାଇଛି । ସେମାନଙ୍କ ରହଣି, ଭୋଜନ ଆଦି ବ୍ୟବସ୍ଥା କିପରି ସୁରୁଖୁରୁରେ ହେବ ସେଥି ପ୍ରତି ଧ୍ୟାନ ଦିଆଯାଉଛି । ସେହିପରି ମହେନ୍ଦ୍ର ଅଂଚଳର ସଫେଇ ପ୍ରତି ମଧ୍ୟ ଧ୍ୟାନ ଦିଆଯିବ ବୋଲି କୁହାଯାଇଛି । ଏହି ଅବସରରେ ସମସ୍ତଙ୍କୁ ନିବେଦନ କରାଯାଉଛି ଯେ ମହେନ୍ଦ୍ର ଅଂଚଳରେ ପୋଲିଥିନ ବ୍ୟବହାର ନକରିବା ପାଇଁ । ଏହି ସାମ୍ବାଦିକ ସମ୍ମିଳନୀରେ ଦେବୀ ମଠ ମହନ୍ତ ରାମାନନ୍ଦ ଦାସଜୀ, ଗଞ୍ଜାମ ଚିକିଟିର ପଣ୍ଡିତ ଅଶୋକ କୁମାର ପାଢୀ, ମହନ୍ତ ଡଃ ହରିହର ଦାସଜୀ, ଅନ୍ତର୍ଯ୍ୟାମୀ ଗମାଙ୍ଗ, ସିଦ୍ଧେଶ୍ୱର ମିଶ୍ର, ନଳିନୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ସୁଧାକର ଦ୍ୱିବେଦୀଙ୍କ ସୃଷ୍ଟିସମ୍ଭାର ଓଡ଼ିଆ ଯାତ୍ରା ଜଗତକୁ ଋଦ୍ଧିମନ୍ତ କରିଛି

ଜଗତସିଂହପୁର, ୧୧/୫ (ଆ.ପ୍ର) : ବହୁ ପ୍ରାଚୀନ କାଳରୁ ଯାତ୍ରା ନାଟକ ମନୋରଞ୍ଜନର ଏକ ପ୍ରମୁଖ ମାଧ୍ୟମ ଭାବେ ରହିଛି ।ଓଡ଼ିଶାର ଅନେକ ନାଟ୍ୟକାର ତାଙ୍କ ରଚିତ ନାଟକ ଦ୍ୱାରା ଓଡ଼ିଆ ଯାତ୍ରା ନାଟକକୁ ନୂଆ ଦିଶା ଦେଇଛନ୍ତି ସେମାନଙ୍କ ମଧ୍ୟରୁ ନାଟ୍ୟକାର ସୁଧାକର ଦ୍ୱିବେଦୀ ଅନ୍ୟତମ । ତାଙ୍କ ସୃଷ୍ଟି ସମ୍ଭାର ଥିଲା ଅନନ୍ୟ ଓ ଅସାଧାରଣ ଯାହା ଓଡ଼ିଆ ଯାତ୍ରା ନାଟକକୁ ଋଦ୍ଧିମନ୍ତ କରିଛି ବୋଲି ଆଜି ଜଗତସିଂହପୁରସ୍ଥିତ ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଆୟୋଜିତ ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କର ୭୬ ତମ ଜୟନ୍ତୀ ସମାରୋହରେ ଅତିଥି ମାନେ ଯୋଗଦେଇ ଏହି ମତପୋଷଣ କରିଛନ୍ତି । ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ଏହି ସଭାରେ ପରିଷଦର ସଭାପତି ସୁସାହିତ୍ୟିକ ଅଲେଖ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପରିଷଦର ଉପ ସଭାପତି ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଭାଷ ଚନ୍ଦ୍ର ରାଉତ ସଭା ସଂଯୋଜନା କରୁଥିବା ବେଳେ ଯୁଗ୍ମ ସମ୍ପାଦକ ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ଶାନ୍ତନୁ କୁମାର ମିଶ୍ର ଅତିଥି ପରିଚୟ ଓ ପରିଷଦର ସମ୍ପାଦକ ତଥା ନାଟ୍ୟକାରଙ୍କ ସୁପୁତ୍ର ସରୋଜ କୁମାର ଦ୍ୱିବେଦୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ବିଧାୟକ ତଥା ଅଧ୍ୟକ୍ଷ, ଜିଲ୍ଲା ଯୋଜନା କମିଟି ଅମରେନ୍ଦ୍ର ଦାସ ଯୋଗଦେଇ କହିଥିଲେ ସୁଧାକର ଦ୍ୱିବେଦୀଙ୍କ ନାଟକ କେବଳ ମନୋରଞ୍ଜନର ମାଧ୍ୟମ ନଥିଲା ବରଂ ସମାଜକୁ ସୁଶିକ୍ଷା ଓ ସଚେତନ କରାଇବା ପାଇଁ ଅଭିପ୍ରେତ ଥିଲା । ମାତ୍ର ୩୨ ବର୍ଷ ଭିତରେ ନାଟ୍ୟକାର ସୁଧାକର ଦ୍ୱିବେଦୀ ୨୦ଖଣ୍ଡ ଉଚ୍ଚମାନର ନାଟକ ଲେଖି ନାଟ୍ୟ ଜଗତରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ରଖି ଯାଇଛନ୍ତି ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ ଯୋଗଦେଇ ତାଙ୍କ ବକ୍ତବ୍ୟରେ ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ବହୁ ଚର୍ଚ୍ଚିତ ନାଟକ ମଧ୍ୟରୁ ଗୃହଲକ୍ଷ୍ମୀ, ଶପଥ ନୁହେଁ କଳଙ୍କ, ଶଙ୍ଖ ଶାଢ଼ୀ ସିନ୍ଦୂର ଓ ବିପ୍ଳବୀର ଅପମୃତ୍ୟୁ ଆଦି ନାଟକ ଉପରେ ତଥ୍ୟଭିତ୍ତିକ ଆଲୋଚନା କରିଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ଜିଲ୍ଲା ପରିଷଦର ସଭାପତି ମନୋଜ କୁମାର ଭୋଇ, ରାଜ୍ୟ ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସୁଧାକର ଦ୍ୱିବେଦୀଙ୍କ ନାଟକ ଗୁଡିକ ଉତ୍ତରପିଢ଼ିର ନାଟ୍ୟକାରମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଅଧ୍ୟକ୍ଷ ରମା ରଞ୍ଜନ ସ୍ୱାଇଁ, ବିଜୟ କୁମାର ବିଶ୍ୱାଳ, ଶିକ୍ଷାବିତ ବାବାଜୀ ଚରଣ ସାହୁ, ବିଜୟ କୁମାର ରଥ, ପୂର୍ବତନ ଯୋଗାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ଦେବେନ୍ଦ୍ର ଆଚାର୍ଯ୍ୟ, ବିଜୟ କୁମାର ପତି, ସୁରେନ ରାଉତ, ଅରୁଣ କୁମାର ରାଉତରାୟ, ଗଣେଶ୍ୱର ମାଣିଆ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ୭୬ ତମ ଜୟନ୍ତୀକୁ ସ୍ମରଣୀୟ କରିବା ପାଇଁ ସ୍ମୃତିପତ୍ର 'ସୁଧାସୌରଭ'କୁ ଅତିଥି ମାନେ ଉନ୍ମୋଚିତ କରିଥିଲେ । ସେହିପରି ୯ ଜଣ କୃତୀ ପ୍ରତିଭାଧରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେମାନେ ହେଲେ ନାଟ୍ୟକାର ଓ ନିର୍ଦ୍ଦେଶକ ଆଶୁତୋଷ ମହାପାତ୍ର, ନିର୍ଦ୍ଦେଶକ ସାରଦା ପ୍ରସାଦ ଭଞ୍ଜ, ଖଳନାୟକ ଶୁଭେନ୍ଦୁ ଚୌଧୁରୀ, ଅଭିନେତା ହୃଷିକେଶ ମିଶ୍ର, ଅଭିନେତ୍ରୀ ଟିକିନା ସ୍ୱାଇଁ, ପ୍ରତିମା ରାଉତ, ହାସ୍ୟାଭିନେତା ସୁଦୀପ୍ତ ସୁନ୍ଦର ସ୍ୱାଇଁ, ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ଗଛାୟତ, ସମାଜସେବୀ ବିଜନ ମହାପାତ୍ରଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉପଲକ୍ଷେ ବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ପଦକ ପ୍ରଦାନ କରାଯାଇଥିଲା । ଆୟୋଜିତ ସଭାରେ କଳାଜୟୀ ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ଜୟନ୍ତୀ ସମାରୋହକୁ ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ଓ ସାହିତ୍ୟ ଏକାଡେମୀର ପୃଷ୍ଠପୋଷକତାରେ ପାଳନ କରିବା ସହିତ ନାଳିବର ଠାରୁ ବେହୁଆ ପର୍ଯ୍ୟନ୍ତ ରାସ୍ତାକୁ ସୁଧାକର ସରଣୀ ନାମରେ ନାମିତ କରିବା ପାଇଁ ପରିଷଦ ପକ୍ଷରୁ ଦାବି କରାଯାଇଥିଲା । ଶେଷରେ ପରିଷଦର ସଦସ୍ୟ ସତ୍ୟରଞ୍ଜନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ଅପରାହ୍ନରେ ଦୁଃଖିରାମ ସ୍ୱାଇଁ କଳା ପ୍ରତିଷ୍ଠାନର କଳାକାର ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ନୃତ୍ୟ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମର ପରିଚାଳନାରେ ଶିକ୍ଷାବିତ ଶିଶିର କୁମାର ତ୍ରିପାଠୀ, ରବିନାରାୟଣ ରଥ, ସୁକାନ୍ତ କୁମାର ଦ୍ୱିବେଦୀ, ତୁଳସୀ ପ୍ରସାଦ ମହାପାତ୍ର, ଗୋବିନ୍ଦ ଓଝା, ରାଜକିଶୋର ସାହୁ, କୋଷାଧ୍ୟକ୍ଷ ରବି ମହାନ୍ତି, ଅଜୟ କୁମାର ବରାଳ, ସ୍ମୃତିରଞ୍ଜନ ରାଉତ, ଅନସୂୟା ଷଡ଼ଙ୍ଗୀ, ଅଶୋକ କୁମାର ମୁଦୁଲି, ରମେଶ ଚନ୍ଦ୍ର ବହିରା, ରଞ୍ଜନ କୁମାର ମିଶ୍ର, ମନୋଜ କୁମାର ଦ୍ୱିବେଦୀ, ତାପସ କୁମାର ମହାରଣା, ପ୍ରଦ୍ୟୁମ୍ନ କୁମାର ବିଶ୍ୱାଳ, ସନ୍ତୋଷ କୁମାର ସାହୁ, ଅଜୟ କୁମାର ଗୋଛାୟତ ଓ ଗଣମାଧ୍ୟମ ସଂଯୋଜକ ତପନ କୁମାର ରାଉତରାୟ ଓ ତନ୍ମୟ କାନ୍ତ ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

କଇଁଝର ଛକରୁ ଗୁଟିଙ୍ଗିଆ ରାସ୍ତା ନୁହେଁ ତ ମରଣଯନ୍ତା

ଟିକାବାଲ, ୧୧/୫ (ଆ.ପ୍ର) : ଟିକାବାଲି ବ୍ଲକ ଅନ୍ତର୍ଗତ କଇଁଝର ଗ୍ରାମପଂଚାୟତ ଚାରି ଛକ ଠାରୁ ଗୁଟିଙ୍ଗିଆ ଯିବା ରାସ୍ତା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣର ଦୀର୍ଘ ବର୍ଷ ପରେ ବି ମରାମତି ଶୂନଷ କଇଁଝର ଛକରୁ ଗୁଟିଙ୍ଗିଆ ରାସ୍ତା ନୁହେଁ ତ ମରଣଯନ୍ତା ପାଲଟିଛି । ଟିକାବାଲି ବ୍ଲକ ର ବିଭିନ୍ନ ପଂଚାୟତ ସହିତ ଶଙ୍କରଖୋଲ ରାସ୍ତା ମଧ୍ୟ କଇଁଝର ଛକ ଠାରୁ ଗୁଟିଙ୍ଗିଆ ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ଅବସ୍ଥା ଏବେ ଅତ୍ୟନ୍ତ ଶୋଚନୀୟ । ସମସ୍ୟା ଗୁଡ଼ିକ: ୬ ବର୍ଷ ହେବ ରାସ୍ତାର କୌଣସି ମରାମତି ହୋଇନାହିଁ । ଏହି ରାସ୍ତାକୁ ଆଖିରେ ନ ଦେଖିଲେ ବିଶ୍ୱାସ କରି ହେବ ନାହିଁ ସବୁ ପିଚୁ ଉଠି ଯାଇ କେବଳ ଧାଗୁଆ ଚିହ୍ନ ଓ ମେଟାଲ୍‌ରେ ଖାଲ ଢମା ରେ ଭର୍ତ୍ତି ହୋଇଛି । ପ୍ରତିଦିନ ଯାତାୟାତ ସମୟରେ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପାଇଁ ଆମ୍ବୁଲାନ୍ସ ଆସିବା ବି କଷ୍ଟକର । ଏହି ରାସ୍ତା କୁ ପ୍ରତି ଦିନ ହଜାର ହଜାର ଜନସାଧାରଣ ବ୍ୟବହାର କରୁଛନ୍ତି ଏବଂ ଛାତ୍ର ଛାତ୍ରୀ ବିଦ୍ୟାଳୟ କୁ ଯାତାୟାତ ରେ ବାଧା ସୃଷ୍ଟି ହେଉଛି । ଏହି ପ୍ରଶ୍ନ ଉଠୁଛି ? କ'ଣ ସ୍ଥାନୀୟ ପ୍ରଶାସନ ଏବଂ ସରକାରଙ୍କ ଆଖିକୁ ଏହି ବିପର୍ଯ୍ୟସ୍ତ ରାସ୍ତା ଦେଖାଯାଉ ନାହିଁ? ଅଂଚଳବାସୀଙ୍କ ଜୀବନ ସହ ଏମିତି ଖେଳ କେଉଁ ପର୍ଯ୍ୟନ୍ତ ଚାଲିବ? ଏହି ରାସ୍ତାକୁ ନିର୍ମାଣ ପାଇଁ ବ୍ଲକ ପ୍ରଶାସନ ଠାରୁ ବିଭିନ୍ନ ଅଫିସ ନେତା ମନ୍ତ୍ରୀ, ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ପୂର୍ବତନ ସରପଂଚ ଶ୍ରୀ ଯସେଫ ମଲିକ, ସମାଜସେବୀ, ବୁଦ୍ଧିଜୀବୀ, ଯୁବପିଢ଼ି, ସ୍ଥାନୀୟ ସରପଂଚ, ଅଂଚଳବାସୀଙ୍କ ତରଫରୁ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ସରକାର ସ୍ଥାନୀୟ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଛି । ବର୍ତ୍ତମାନ ଅଂଚଳବାସୀ ଏହି ମରଣ ଯନ୍ତା ସାଜିଥିବା ରାସ୍ତାକୁ ତୁରନ୍ତ ମରାମତି କରାଯାଉ ନ ହେଲେ ଆଗାମୀ ଦିନରେ ସମସ୍ତ ଅଂଚଳର ବାପା ମା ଭାଇ ଓ ଭଉଣୀ ଯୁବପିଢ଼ି ରାଜ ରାସ୍ତା ହକେଇ ଜନ ଆନ୍ଦୋଳନର ଚେତାବନୀ ଦେଇଥିବା ଦେଖିବାକୁ ମିଳିଛି ।

ବାଲିତୁଠରେ ସାଇ ବାବାଙ୍କ ତୃତୀୟ ବାର୍ଷିକ ଜନ୍ମ ଉତ୍ସବ ଅନୁଷ୍ଠିତ

ଏରସମା, ୧୧/୫ (ଆ.ପ୍ର) : ସାଇ ବାବାଙ୍କ ଜନ୍ମ ଉତ୍ସବ ପାଇଁ ଚଳ ଚଂଚଳ ହୋଇ ପଡିଛି ବାଲିତୁଠ ଗ୍ରାମ ଓ ସାଇ ବାବାଙ୍କ ଭକ୍ତି ପୀଠ । ଭକ୍ତ ଓ ଭଗବାନଙ୍କର ହୋଇଛି ମହା ମିଳନ । ଘଂଟ, ଘଂଗ, ଝାଞ୍ଜ, ମୃଦଙ୍ଗ କୀର୍ତ୍ତନ, ଶଙ୍ଖ ହୁଳହୁଳି ହରିବୋଲ ସାଙ୍ଗକୁ ପ୍ରକମ୍ପିତ ହୋଇ ଉଠୁଛି ବାଲିତୁଠ ଗ୍ରାମ ଓ ସାଇ ବାବାଙ୍କ ଭକ୍ତିପୀଠ । ଏପରି ଭକ୍ତିମୟ ପରିବେଶ ଦେଖିବାକୁ ମିଳିଛି ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ବାଲିତୁଠ ପଂଚାୟତ ବାଲିତୁଠ ଗ୍ରାମରେ । ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବାଲିତୁଠ ସାଇ ମନ୍ଦିରର ଦ୍ରଷ୍ଟା ନିରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ସାଇ ବାବାଙ୍କର ତୃତୀୟ ବାର୍ଷିକ ଜନ୍ମ ଉତ୍ସବ ମହାଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି । ସାଇ ବାବାଙ୍କ ମନ୍ଦିର ପ୍ରାଙ୍ଗଣରୁ ମହିଳା ମାନେ ୧୦୮ କଳସୀ ନେଇ ବାଲିତୁଠ ବଜାର ପରିକ୍ରମା କରି ସ୍ଥାନୀୟ ମାହାଙ୍ଗା ନଦୀରୁ ଜଳାଭିଷେକ କରି ସାଇ ବାବାଙ୍କ ମନ୍ଦିର ପ୍ରାଙ୍ଗଣରେ ପହଂଚିଥିଲେ । ଏହି କାର୍ଯ୍ୟକ୍ରମରେ କର୍ତ୍ତାଭାବେ ରଶ୍ମୀ ରଞ୍ଜନ ଦାଶ (ପିଂଟୁ) ଓ କର୍ତ୍ତୀ ଭାବେ ସୁଶ୍ରୀ ସଙ୍ଗୀତା ଦାଶ ପୂଜାର୍ଚ୍ଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂଜକ ଭାବେ ମୁଖ୍ୟ ପଣ୍ଡିତ ଚିତ ରଞ୍ଜନ ସାମନ୍ତରାୟ, ସମୀର ରଞ୍ଜନ ଦାଶ, ଶିବାଶିଷ ଦାଶ, ବରଦା ପ୍ରସନ୍ନ ଦାଶ ଓ ବିଶ୍ୱନାଥ ଦ୍ୱିବେଦୀ ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ ।ଏଥିସହିତ ସାଇ ବାବାଙ୍କ ମନ୍ଦିରରେ ଶହଶହ ଶ୍ରଦ୍ଧାଳୁ ଭକ୍ତମାନେ ଯୋଗଦେଇ ସାଇ ବାବାଙ୍କୁ ଦର୍ଶନ କରିବା ସହିତ ପ୍ରସାଦ ସେବନ କରିଥିଲେ । ଯଜ୍ଞର ପୂର୍ଣ୍ଣାହୁତି ରାତ୍ର ଦଶ ଘଟିକା ସମୟରେ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ରାଜ କୃଷ୍ଣ ପତି, ସୌମ୍ୟ ରଞ୍ଜନ ରାଉତ, ମନୋରଞ୍ଜନ ଦାଶ, ନିର୍ମଳ ମହାପାତ୍ର, ରଞ୍ଜିତ ସ୍ୱାଇଁ, ସୁନୀତା ଦାସ, ସୁବ୍ରତ ସାହୁ, ଦୀପ୍ତି ମୟୀ ମୁଦୁଲି, ଜଗବନ୍ଧୁ ବେହେରା ଓ ଚୌଧୁରୀ ସତ୍ୟଜିତ ଖଟୁଆ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଏହି ସାଇ ବାବାଙ୍କ କାର୍ଯ୍ୟକ୍ରମରେ କୁଜଙ୍ଗ ପୋଲିସ ପକ୍ଷରୁ ସହାୟତା ଯୋଗାଇ ଦିଆଯାଇଥିଲା ।

ପରିଡା ପାଠାଗାର ତରଫରୁ କୃତି ଛାତ୍ରଛାତ୍ରୀ ପୁରସ୍କୃତ

ଚିଲିକା ବାଣପୁର, ୧୧/୫ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଣପୁର ବିଜ୍ଞାପିତ ଅଂଚଳ ପରିଷଦ ଅଧୀନ ସାହିତ୍ୟ ସିନ୍ଧୁରା ଓ ପରିଡା ପାଠାଗାର ଏବଂ ସାହିତ୍ୟ ପତ୍ରିକା 'କପୋତ' ଅନୁଷ୍ଠାନର ମିଳିତ ଉଦ୍ୟମରେ ଏହି ଅଂଚଳର ଦୁଇ ସହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଓଡିଆ ଭାଷାର ଜ୍ଞାନ ଉଦ୍ରେକ ନିମନ୍ତେ ଏକ ବର୍ଣ୍ଣ ମାଳା ପରୀକ୍ଷା କରାଯାଇଥିଲା । ଏହି ପରୀକ୍ଷା ତ୍ରିସ୍ତରୀୟ କରାଯାଇ ଉତ୍ତିର୍ଣ୍ଣ ହୋଇ ଥିବା ପ୍ରଥମ, ଦ୍ୱିତୀୟ, ତୃତୀୟ ଏବଂ ସାନ୍ତ୍ୱନା ମୂଳକ ଭାବେ ସାତ ଜଣଙ୍କୁ ମାନପତ୍ର, ଶିକ୍ଷଣୀୟ ପୁସ୍ତକ ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା । ଏହିଅବସରରେ ଶୁଭ ମଙ୍ଗଳ କଲ୍ୟାଣ ମଣ୍ଡପ ସଭାଗୃହରେ ଶିକ୍ଷାବିତ ଗୋଲକ ବିହାରୀ ପରିଡ଼ାଙ୍କ ସଭାପତିତ୍ୱରେ ଏକ ସଭା କରାଯାଇଥିଲା । ସଭାରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଦୁଷ୍ମନ୍ତ ହରିଚନ୍ଦନ, ବକ୍ତା ଭାବେ କବି ଶଶୀ ଭୂଷଣ ବରାଳ, ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀ ଚରଣ ପ୍ରଧାନ ଯୋଗଦେଇ ଥିଲେ । ପ୍ରଥମେ ପରିଡ଼ା ପାଠାଗାର ଓ ସାହିତ୍ୟ ସିନ୍ଧୁରାର ପ୍ରତିଷ୍ଠାତା ଗୋଲକ ବିହାରୀ ପରିଡା ମଂଚାସିନ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିକୁ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପରମ୍ପରା ଅନୁସାରେ ସମସ୍ତ ବିଷୟରେ ଜାଣିବା ନିମନ୍ତେ ଏଭଳି କାର୍ଯ୍ୟକ୍ରମ କରାଯାଉଛି ବୋଲି ପ୍ରକାଶ କରିଥିଲେ । ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଓଡିଆ ଭାଷା ଯେଉଁଳି ଆଜିର ପିଲାମାନେ ଭୁଲି ନଯାଆନ୍ତି ସେଥିନିମନ୍ତେ ପିଲାଙ୍କ ଅଭିଭାବକ ମାନେ ଗୁରୁତ୍ୱ ଉପଲବ୍ଧି କରି ଯତ୍ନବାନ ହେବାକୁ ଅତିଥିମାନେ ପ୍ରକାଶ କରିଥିଲେ । ଏହାପରେ ଭାଷାଜ୍ଞାନ ଶୀର୍ଷ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ଲକ୍ଷ୍ମେଶ୍ୱର ବିଦ୍ୟା ମନ୍ଦିରର ସାଇ ସମର୍ପିତା ସାହୁ, ପ୍ରଥମ, ସରସ୍ୱତୀ ବିଦ୍ୟାମନ୍ଦିର ବାଣପୁରର ପ୍ରିୟଂସା ମହାପାତ୍ର, ଦ୍ୱିତୀୟ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଫକୀରର ମଧୁସ୍ମିତା ରାଉତରାୟ, ତୃତୀୟଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଓ ଶିକ୍ଷା ଉପକରଣ ସହ ୭ଜଣଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମର ସଫଳତା ନିମନ୍ତେ ସାହିତ୍ୟ ପତ୍ରିକା କପୋତର ସମ୍ପାଦକ ଉମାକାନ୍ତ ସାହୁ ଉପସ୍ଥିତ ଥିବା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ଏହିଭଳି ଓଡ଼ିଆ ଭାଷା ଭିତିକ କାର୍ଯ୍ୟକ୍ରମ ଆଗାମୀ ଦିନ ମାନଙ୍କରେ ଜାରିରହିବ ବୋଲି ପରିଡ଼ା ପାଠଗାର ମୁଖ୍ୟ ଗୋଲକ ବିହାରୀ ପରିଡ଼ା ସମସ୍ତଙ୍କୁ କହିଥିଲେ । ଆଇନଜୀବୀ ରବୀନ୍ଦ୍ର ନାଥ ମାନସିଂହ ଓ ସୁଶ୍ରୀ ସୁନିତା ସାହୁଙ୍କ ଦ୍ୱାରା ପରିଚାଳିତ ଉକ୍ତ କାର୍ଯ୍ୟକ୍ରମ ବେଶ୍ ସରସ ସୁନ୍ଦର ହୋଇପାରିଥିଲେ ।

ଚତୁର୍ଥ ଦିନରେ ମେଗାଲିଫ୍ଟ ଚାଷୀଙ୍କ ଆନ୍ଦୋଳନ

କୋକସରା, ୧୧/୫ (ଆ.ପ୍ର) : ମେଗା ଉଠାଜଳସେଚନ ପ୍ରକଳ୍ପ ଅଂଚଳର ଚାଷୀମାନେ ରବି ଧାନ ବିକ୍ରି ପାଇଁ ପି-ପାସ ପୋର୍ଟାଲ ଖୋଲିବା ଓ ପଞ୍ଜିକରଣ ଦାବିନେଇ ଚାଲିଥିବା ଆନ୍ଦୋଳନ ଚତୁର୍ଥ ଦିନରେ ଆହୁରି ତେଜିଛି । କୃଷକ ସଂଘର ସଭାପତି ପୁରୁଷୋତମ ଗୁପ୍ତା ଓ ଉପସଭାପତି ରାଜୀବ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ ଚାଷୀମାନେ କୋକସରା ଠାରେ ଜାତୀୟ ରାଜପଥ ପାର୍ଶ୍ୱରେ ଗଣଧାରଣା ଦେଉଛନ୍ତି । ପ୍ରତିଦିନ ବିଭିନ୍ନ ପଂଚାୟତର ଚାଷୀମାନେ ଆନ୍ଦୋଳନରେ ସାମିଲ ହେଉଥିବାବେଳେ ଆଜି ଧର୍ମଗଡ଼ ବ୍ଲକ ଦଣ୍ଡପାଟ ଅଂଚଳର ଦାଙ୍କିମୁଣ୍ଡା, କୋକସରା ବ୍ଲକର ଭାଲୁଗୁମା ଓ ମୁଷାପାଲିର ଚାଷୀମାନେ ସାମିଲ ହୋଇଥିଲେ । ଚାଷୀଙ୍କ ଏହି ନ୍ୟାୟର ଲଢ଼େଇକୁ ସମର୍ଥନ ଜଣାଇ ଆଜି ଧାରଣାସ୍ଥଳରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ନବରଙ୍ଗପୁର ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ ପ୍ରମୁଖ ସାମିଲ ହୋଇ ଚାଷୀ ମାନଙ୍କ ସହିତ ଧାରଣାରେ ବସିଥିଲେ । ଚାଷୀ ଜୟଲାଲ ନାଏକ, ପ୍ରଶାନ୍ତ ତିୱାରୀ, ସରପଂଚ ଯୋଗେନ୍ଦ୍ର ପଟ୍ଟନାୟକ, ସରପଂଚ ଅକ୍ଷୟ ନାଏକ, ମାନସ ରଞ୍ଜନ ବାଗ, ନବୀନ ନାଏକ, ତ୍ରିଭୁବନ ନାଏକ, ଧବଳେଶ୍ୱର ନାଗ, ଅରୁଣ ମାଝୀ, ସମିତି ସଭ୍ୟ ଚିନ୍ତାମଣି ଚଣ୍ଡୀ, ଦିଗମ୍ବର ବେମାଲ, ଯଦୁମଣି ହଂସ, ପୁରୁନଧର ଘି, ମନିକର ପୋଡ଼, ଚିତରଞ୍ଜନ ପୂଜାରୀ, ଭକ୍ତିରାମ ପୋଡ଼, ପଂଚକ ପୋଡ଼, ଧନମଣି ଜଟା ସମେତ ଶତାଧିକ ଚାଷୀ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ଧାରଣାରେ ବସିଥିଲେ । ପ୍ରକାଶ ଯେ' ଇନ୍ଦ୍ରାବତୀ ମେଗା ଉଠା ଜଳସେଚନ ପ୍ରକଳ୍ପ ଜରିଆରେ କୋକସରା, ଜୟପାଟଣା ଓ ଧର୍ମଗଡ଼ ଅଂଚଳର ପ୍ରାୟ ୧୫ ହଜାର ଚାଷୀ ୧୮ ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଜମିରେ ଚାଷ କରିଛନ୍ତି । ତେବେ ଧାନ ବିକ୍ରୀ ନିମନ୍ତେ ପଞ୍ଜିକରଣ ନ ହେବାରୁ ଚାଷୀମାନେ ଏହି ଗଣ ଧାରଣାରେ ବସିଛନ୍ତି ।

ଖଡିଆଳରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର : ୬୨ ଅଭିଯୋଗର ଶୁଣାଣୀ, ଅସହାୟଙ୍କୁ ତୁରନ୍ତ ସହାୟତା

ନୂଆପଡା, ୧୧/୫ (ଆ.ପ୍ର) : ନୂଆପଡା ଜିଲ୍ଲାର ଖଡିଆଳ ବ୍ଲକରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲାପାଳ ମଧୁସୂଦନ ଦାଶ, ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂହ, ବନଖଣ୍ଡ ଅଧିକାରୀ ଏ. ମାଧବୀଲତା, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ଓ ଉପଜିଲ୍ଲାପାଳ ସୁମି ସୋରେନ୍ ପ୍ରମୁଖ ଉପସ୍ଥିତ ଥିଲେ । ଶିବିରରେ ୫୬ଟି ବ୍ୟକ୍ତିଗତ ଓ ୬ଟି ଗୋଷ୍ଠୀଗତ ଅଭିଯୋଗ ସହ ମୋଟ ୬୨ଟି ଅଭିଯୋଗର ଶୁଣାଣୀ କରାଯାଇଥିଲା । ଜିଲ୍ଲାପାଳ ସମସ୍ତ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେବାକୁ ସଂପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ୩ ଜଣ ଅସହାୟଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଲେଖାଏଁ ତୁରନ୍ତ ସହାୟତା ପ୍ରଦାନ କରାଯାଇଥିଲା । ଡେପୁଟୀ କଲେକ୍ଟର ଚିନ୍ମୟ ସାଗର ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ବ୍ଲକ ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଓ ଆୟୁଷ୍ମାନ ଆରୋଗ୍ୟ ଶିବିର ଆୟୋଜନ କରାଯାଇଥିଲା । ବାଢି ଗ୍ରାମ ପଂଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର, "ଝିଅ ପାଇଁ ଗଛଟିଏ", "ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ" ଓ "ପ୍ଲାଷ୍ଟିକ ମୁକ୍ତ ନୂଆପଡା" ଅଭିଯାନ ଉପରେ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏଥିସହ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଗୃହପାଳିତ ପଶୁପକ୍ଷୀଙ୍କ ପାଇଁ "ପ୍ରାଣୀ ପାଇଁ ଦିନଟିଏ" ନାମରେ ଏକ ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା । ସଭାରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଯନ୍ତ୍ରୀ, ବ୍ଲକସ୍ତରୀୟ କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

ସରିଲା ଭଉଁରୀ ଯାତ୍ରା : ଏକୋଇଶିପ୍ରକାର ଶୀତଳ ବ୍ୟଞ୍ଜନ ସେବନ କରି ପିତ୍ରାଳୟକୁ ବାହୁଡିଲେ ମା'ଭଗବତୀ

ଚିଲିକା ବାଣପୁର, ୧୧/୫ (ଆ.ପ୍ର) : ପବିତ୍ର ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇ ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ ଏକୋଇଶି ଦିନ ଧରି ଶକ୍ତିକ୍ଷେତ୍ର ବାଣପୁରର ଆରାଧ୍ୟା ଦେବୀ ମା' ଭଗବତୀଙ୍କ ପୀଠରେ ଚାଲିଥିବା ଚନ୍ଦନଯାତ୍ରା ଶେଷ ତିନିଦିନର ଜଳକ୍ରୀଡ଼ା ଭଉଁରୀ ରେ ଉଦଯାପିତ ହୋଇଛି । ଏକୋଇଶି ଥର ଚକ୍ରାକାରରେ ଜଳ ପରିକ୍ରମାକୁ ଭଉଁରୀ କୁହାଯାଏ । ପରେ ଏକୋଇଶି ପ୍ରକାର ଶୀତଳ ବ୍ୟଞ୍ଜନରେ ମଣୋହି ହେବାର ପରମ୍ପରା ଏହି ପୀଠର ଅନନ୍ୟ ନୀତି କାନ୍ତି । ଶ୍ରୀଅଙ୍ଗକୁ ଶୀତଳ ପ୍ରଦାନ ପାଇଁ ଚନ୍ଦନ ଲେପନ ସହିତ, ପଇଡ଼, ଡାଳ, ତରଭୁଜ, କାକୁଡ଼ି, ଦହି, ନବାତ ପଣା, ପରି ଶୀତଳ କାରକ ଦ୍ରବ୍ୟ ସେବନ, ଶୀତଳ ପବନର ସ୍ପର୍ଶ ନିମନ୍ତେ ଆଲଟ ଚାମର ସେବା ସହିତ ସାଂଧ କାଳରେ ଜଳକ୍ରୀଡା ପରି ଶୀତଳ ଉପଚାର ଦେବାଦେବୀଙ୍କ ମାନବୀୟ ଲୀଳାର ଏକ ସୁନ୍ଦରପ୍ରତୀକ । ଭଉଁରୀ ଯାତ୍ରାର ଶେଷ ଦିବସରେ ଗୋପାଳପୁର ଶାସନ ତରଫରୁ ମା' ଭଗବତୀଙ୍କ ଚଳନ୍ତି ପ୍ରତିମା କାଠିଠାକୁରାଣୀଙ୍କୁ ବିରାଟ ପଟୁଆର ବାଣରୋଷଣିରେ ସହର ପରିକ୍ରମା କରାଯାଇ ରଘୁନାଥ ସାଗର ଚନ୍ଦନ ଚକଡ଼ାରେ ବିଜେ କରାଯାଇ ପ୍ରଥମେ ଶୀତଳ ମଣୋହି ପରେ ଅଗଣିତ ଶ୍ରଦ୍ଧାଳୁଙ୍କୁ ମା'ଙ୍କ ଦୁର୍ଲଭ ଚନ୍ଦନ ପ୍ରସାଦ ବଂଟନ କରାଯାଇଥିଲା । ସୁନ୍ଦର ରଙ୍ଗୀନ ଆଲୋକ ମାଳାରେ ଝଲସି ଉଠୁଥିଲା ମନ୍ଦିର, ଚନ୍ଦନ ମଣ୍ଡପ, ପୁଷ୍କରିଣୀ ଚାରିପାଖ । ଘଂଟା ଘଂଟକାହାଳୀ ମୃଦଙ୍ଗ ହୁଳହୁଳି ଜୟଜୟକାର ଧ୍ୱନୀର ତାଳେ ତାଳେ ନୃତ୍ୟକାରୀଙ୍କ ନୃତ୍ୟ ସହିତ ଦେବାଦେବୀଙ୍କୁ ଚାପରେ ବିଜେ କରାଯାଇ ଜଳକ୍ରୀଡା ଆରମ୍ଭ ହୋଇଥିଲା । ଏକୋଇଶି ଥର ପରିକ୍ରମା ପରେ ଚାପରୁ ନେଇ ଚଳନ୍ତି ପ୍ରତିମା ମାନଙ୍କୁ ସୁବାସିତ ପୁଷ୍ପ ପରିବେଷ୍ଟିତ ଚନ୍ଦନ କୁଣ୍ଡରେ ମଧ୍ୟରାତ୍ର ପର୍ଯ୍ୟନ୍ତ ରଖାଯିବା ପରେ ପୁଣି ଶୀତଳ ମଣୋହୀ ଆଳତି ସାରି ଜନସ୍ପର୍ଶ ପରେ ମା' ଠାକୁରାଣୀ ସାତ ଦେବାଦେବୀଙ୍କ ସହିତ କୋଟ ବିଦ୍ୟାଧରପୁର ଓ ପାଟପୁର ଦେଇ ପିତ୍ରାଳୟ ଦକ୍ଷପ୍ରଜାପତି ମନ୍ଦିରକୁ ବାହୁଡି ବହି ପଖାଳ ସାଥିରେ ବାଇଗଣ ଭଜାର ବଡ଼ସିଂଘାର ଧୂପ ହୋଇ ଶୟନ କରିବାପରେ ଏକୋଇଶି ଦିନର ଏହି ଚନ୍ଦନଯାତ୍ରା ଶେଷ ହୋଇଥିଲା । ଚାପରେ ମା'ଙ୍କୁ ଦର୍ଶନ କରି କୃପାଲାଭ ପାଇଁ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା । ବାଣପୁରର ମହାନ ଏହି ପାରମ୍ପରିକ ଯାତ୍ରାର ସଫଳତା ପାଇଁ ତିନି ଶାସନ ବିଶେଷ କରି ଗୋପାଳପୁର ଶାସନର ସମସ୍ତ ଯୁବଗୋଷ୍ଠୀ, ବୁଦ୍ଧିଜୀବି ଗ୍ରାମବାସୀଙ୍କ କଠିନ ଶ୍ରମଦାନ ସହିତ, ମନ୍ଦିର ପ୍ରଶାସନର କର୍ମକର୍ତ୍ତା, ଦେବୋତ୍ତର କାର୍ଯ୍ୟାଳୟର କର୍ମଚାରୀ, ନିଯୋଗୀ ସେବାୟତ, ଥାନାଧିକାରୀ ଜୟପ୍ରକାଶ ପରୀଡ଼ା ଓ ଆରକ୍ଷୀ ବାହିନୀଙ୍କ ସହଯୋଗରେ ଏହି ପ୍ରସିଦ୍ଧ ଭଉଁରୀ ଯାତ୍ରା ଶୃଙ୍ଖଳାର ସହିତ ସମାହିତ ହୋଇଥିବା କଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜମୁକୁନ୍ଦ ଦାସଙ୍କ ଠାରୁ ପ୍ରକାଶ ।

ବିଶ୍ୱ ମାତୃ ଦିବସ ଉପଲକ୍ଷେ ମଣ୍ଡଳ ସ୍ତରୀୟ ପ୍ରତିଯୋଗିତା

ଖୋର୍ଦ୍ଧା, ୧୧/୫ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକରେ ରବିବାର ଦିନ ବିଶ୍ୱ ମାତୃ ଦିବସ ଉପଲକ୍ଷେ ବୋଲଗଡ଼ ମଣ୍ଡଳ ସ୍ତରୀୟ ପ୍ରତିଯୋଗିତା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁଙ୍କ ପରାମର୍ଶ କ୍ରମେ ଅନୁଷ୍ଠିତ ହୋଇଯାଇଛି । ପିତୁକୁଳି ସାଧନ କେନ୍ଦ୍ର ସଂଯୋଜକ ଲୋକନାଥ ସାହୁ ଓ ମାଣିବନ୍ଧ ସାଧନ କେନ୍ଦ୍ର ସଂଯୋଜକ ବିପିନ ବିହାରୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଯଥାକ୍ରମେ 'ବିଶ୍ୱ ମାତୃ ଦିବସ' ପ୍ରସଙ୍ଗ ଉପରେ ବକ୍ତୃତା ଓ 'ମାତୃ ଭକ୍ତି 'ପ୍ରସଙ୍ଗ ଉପରେ ଅଭିନୟ ପ୍ରତିଯୋଗିତା ଆଭାସୀ ପଦ୍ଧତିରେ ମଣ୍ଡଳ ସ୍ତରରେ ଅନୁଷ୍ଠିତ ହୋଇଯାଇଛି । ଅଭିନୟରେ ଉପକନିଷ୍ଠ ବିଭାଗରେ ବୋଲଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ସ୍ୱର୍ଣ୍ଣଲତା ବେହେରା ପ୍ରଥମ, ବାମନ ସରକାରୀ ଉଚ୍ଚ ବିଦ୍ୟାଳୟର ଜଗଦିଶ ଜେନା ଦ୍ୱିତୀୟ ଓ ଖଣ୍ଡୁରିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଅନନ୍ୟା ସିଂହଦେଓ ତୃତୀୟ । କନିଷ୍ଠ ବିଭାଗରେ ସମ୍ପୁର ସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ଜାଗୃତି ପ୍ରଭା ସାହୁ ପ୍ରଥମ, ଅସରଳା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୂଜାରାଣୀ ମରାଟୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ବକ୍ତୃତାରେ ଉପକନିଷ୍ଠ ବିଭାଗରେ ବୋଲଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ଆରାଧନା ତ୍ରିପାଠୀ ପ୍ରଥମ, କନିଷ୍ଠ ବିଭାଗରେ ଘୋରଡିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଲକ୍ଷ୍ମୀପ୍ରିୟା ବଡ ପ୍ରଥମ ଓ ସେହି ବିଦ୍ୟାଳୟର ସ୍ୱାତିପର୍ଣ୍ଣି ସେଠୀ ଦ୍ୱିତୀୟ, ବରିଷ୍ଠ ବିଭାଗରେ ପିତୁକୁଳି ଆଦର୍ଶ ବିଦ୍ୟାଳୟର ଅଭିପ୍ସା ଦାସ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଉକ୍ତ ସଂସ୍ଥାର ସମ୍ବନ୍ଧୀୟ ପ୍ରତିଯୋଗିତା ପରିଚାଳନାରେ ଅନ୍ୟ ଚାର ଜଣ ସାଧନ କେନ୍ଦ୍ର ସଂଯୋଜକ ସହଯୋଗ କରିଥିଲେ । ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ ପୁରସ୍କୃତ କରାଯିବ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ସ୍ୱାଇଁ ମତ ବ୍ୟକ୍ତ କରିଛନ୍ତି ।

ବାଲେଶ୍ୱରରେ ଅନୁଷ୍ଠିତ ହେଲା 'ସୋମନାଥ ସ୍ୱାଭିମାନ ପର୍ବ' : ପ୍ରତିଧ୍ୱନିତ ହେଲା ଭାରତୀୟ ସଂସ୍କୃତି ଓ ସ୍ୱାଭିମାନର ଗୌରବ ଗାଥା

ବାଲେଶ୍ୱର, ୧୧/୦୫(ଆ.ପ୍ର) : : ଜିଲ୍ଲା ପ୍ରଶାସନ ଏବଂ ସଂସ୍କୃତି ବିଭାଗର ଯୁଗ୍ମ ଆୟୋଜନରେ ପୁରୁଣା ବାଲେଶ୍ୱରସ୍ଥିତ ପ୍ରସିଦ୍ଧ ବାଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ 'ସୋମନାଥ ସ୍ୱାଭିମାନ ପର୍ବ' ଭବ୍ୟ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଭାରତର ସାଂସ୍କୃତିକ ପୁନରୁତ୍ଥାନ, ଐତିହ୍ୟ ଓ ଜାତୀୟ ସ୍ୱାଭିମାନର ପ୍ରତୀକ ସୋମନାଥ ମନ୍ଦିରର ଗୌରବମୟ ଇତିହାସକୁ ସ୍ମରଣ କରି ଏହି ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ଗୁଜୁରାଟସ୍ଥିତ ସୋମନାଥ ମନ୍ଦିରରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପୂଜାର୍ଚ୍ଚନାର ସିଧା ପ୍ରସାରଣ ଏବଂ ସୋମନାଥ ମନ୍ଦିରର ଭବ୍ୟତାକୁ ନେଇ ଏକ ଦୃଶ୍ୟାବଳୀ ପ୍ରଦର୍ଶିତ କରାଯାଇଥିଲା ତାପରେ ସେ ନିଜର ବାର୍ତ୍ତା ରଖିଥିଲେ । 'ଅମୃତ ଆତ୍ମାର ଗୌରବ ଗାଥା' ଶୀର୍ଷକରେ ଆୟୋଜିତ ଏହି ଉତ୍ସବରେ ଶତାଧିକ ଶ୍ରଦ୍ଧାଳୁ, ସ୍ଥାନୀୟ ବୁଦ୍ଧିଜୀବୀ ଓ ସଂସ୍କୃତିପ୍ରେମୀ ଯୋଗଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ବିଧାୟକ ମାନସ ଦତ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ପୌରପାଳିକା ଅଧ୍ୟକ୍ଷା ସବିତା ସାହୁ, ସ୍ଥାନୀୟ ପାରିଷଦବୃନ୍ଦ ଓ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ଉପସ୍ଥିତ ଥିଲେ । ଜିଲ୍ଲା ସଂସ୍କୃତି ବିଭାଗର ଅତିରିକ୍ତ ଦାୟିତ୍ୱରେ ଥିବା ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ପରିଚାଳନା କରିଥିଲେ । ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିବା ସହ ସୋମନାଥଙ୍କ ମହିମା ଏବଂ ଭାରତୀୟ ସଂସ୍କୃତିର ସୁରକ୍ଷା ଓ ସଂରକ୍ଷଣ ପାଇଁ ସଂକଳ୍ପ ଗ୍ରହଣ କରିଥିଲେ । ଅତିଥିମାନେ ତାଙ୍କ ଉଦବୋଧନରେ କହିଥିଲେ ଯେ, ସୋମନାଥ ମନ୍ଦିର କେବଳ ଏକ ଧାର୍ମିକ ପୀଠ ନୁହେଁ, ବରଂ ଭାରତୀୟ ସଭ୍ୟତାର ସ୍ୱାଭିମାନ, ସଂଘର୍ଷ ଓ ପୁନରୁତ୍ଥାନର ଜୀବନ୍ତ ପ୍ରତୀକ । ଉଲ୍ଲେଖଯୋଗ୍ୟ ଯେ, ୧୦୨୬ ମସିହାର ଆକ୍ରମଣର ୧୦୦୦ ବର୍ଷ ପୂର୍ତ୍ତି ଏବଂ ୧୯୫୧ ମସିହାରେ ସୋମନାଥ ମନ୍ଦିରର ପୁନଃନିର୍ମାଣର ୭୫ ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶରେ 'ସୋମନାଥ ସ୍ୱାଭିମାନ ପର୍ବ' ପାଳନ କରାଯାଉଛି । ବାଣେଶ୍ୱର ମନ୍ଦିର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ଲୋକଙ୍କୁ ଭାରତର ଗୌରବମୟ ଇତିହାସ ଓ ସଂସ୍କୃତି ସହ ଅଧିକ ସଂଯୁକ୍ତ କରିବାକୁ ପ୍ରୟାସ କରାଯାଇଥିଲା । ସମଗ୍ର କାର୍ଯ୍ୟକ୍ରମଟି ଆଧ୍ୟାତ୍ମିକତା, ସଂସ୍କୃତି ଓ ଦେଶଭକ୍ତିର ଏକ ସୁନ୍ଦର ସମନ୍ୱୟ ସୃଷ୍ଟି କରିଥିଲା ।

ସାନସାଉଁରେ ପ୍ରତିଷ୍ଠା ହେଲା ମହିଷାସୁରୀଙ୍କ ଭବ୍ୟ ନୂତନ ମନ୍ଦିର : ତିନିଦିନ ବ୍ୟାପୀ ହୋମଯଜ୍ଞ ଓ କଳସ ଯାତ୍ରାରେ ଶତାଧିକ ଶ୍ରଦ୍ଧାଳୁ ହେଲେ ସାମିଲ

ବାଲେଶ୍ୱର, ୧୧/୦୫(ଆ.ପ୍ର) : ସଦର ବ୍ଲକ ଗେଙ୍ଗୁଟି ପଂଚାୟତ ଅନ୍ତର୍ଗତ ସାନସାଉଁ ଗାଁରେ ଜଗତଜନନୀ ମାଆ ମହିଷାସୁରୀଙ୍କର ନବ ନିର୍ମିତ ଭବ୍ୟ ମନ୍ଦିରର ପ୍ରତିଷ୍ଠା ମହୋତ୍ସବ ମହାସମାରୋହରେ ସମ୍ପନ୍ନ ହୋଇଛି । ଗାଁର ଭାତେରୀ ପୋଖରୀ ନିକଟରେ ତିନିଦିନ ଧରି ଆୟୋଜିତ ଏହି ଧାର୍ମିକ କାର୍ଯ୍ୟକ୍ରମରେ ହୋମଯଜ୍ଞ, ପୂଜାର୍ଚ୍ଚନା ଓ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ପୁରାତନ ମନ୍ଦିରଟି ଦୀର୍ଘ ଦିନରୁ ଭଗ୍ନ ଅବସ୍ଥାରେ ଥିବାରୁ ଗ୍ରାମବାସୀମାନେ ନୂତନ ମନ୍ଦିର ନିର୍ମାଣ ପାଇଁ ସଂକଳ୍ପ ନେଇଥିଲେ । ଦେହୁରୀଙ୍କ ମାଧ୍ୟମରେ ମାଆଙ୍କ ସ୍ୱପ୍ନାଦେଶ ଲାଭ କରିବା ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଚଳିତ ମାସ ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରତିଷ୍ଠା ଉତ୍ସବର ପ୍ରଥମ ଦିବସରେ ଗ୍ରାମ ଓ ଆଖପାଖ ଅଂଚଳର ଶତାଧିକ ଶ୍ରଦ୍ଧାଳୁ କଳସ ଯାତ୍ରାରେ ସାମିଲ ହୋଇଥିଲେ । ବେଦଜ୍ଞ ସଞ୍ଜୟ ପଣ୍ଡାଙ୍କ ପୌରୋହିତ୍ୟରେ ସାତଜଣ ନୈଷ୍ଠିକ ବ୍ରାହ୍ମଣ ତିନିଦିନ ବ୍ୟାପୀ ହୋମଯଜ୍ଞ ସମ୍ପାଦନ କରିଥିଲେ । ଏହି ଅବସରରେ ମାଆ ମହିଷାସୁରୀଙ୍କ ସହିତ ଦେବୀ ହରଗୌରୀ, ଦେବୀ କାଳୀ ଓ ପଂଚମୁଖୀ ମାଆଙ୍କର ନୂତନ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି । ଉତ୍ସବରେ ରେମୁଣା ବିଧାୟକ ତଥା ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ପ୍ରାକ୍ତନ ସରପଂଚ ବିରୂପାକ୍ଷ ମହାପାତ୍ର, କବି ସୁଧାକର ସେଠୀ, ସୂଚନାଧିକାର କର୍ମୀ କମଳ ଲୋଚନ ରାଉତ, ସୃଷ୍ଟିର ମୁଖ୍ୟ ସନତ କୁମାର ନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ମାଆଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ଗୋପୀନାଥ ବିଶ୍ୱାଳ, ରବୀନ୍ଦ୍ର ମହାନ୍ତି, ନବକୁମାର ନାୟକ, ଶ୍ରୀଧର ବିଶ୍ୱାଳ, ତ୍ରିଲୋଚନ ବେହେରା, ସୁବ୍ରତ ନାୟକ, କାର୍ତ୍ତିକ ଗୋଛାୟତ, ସୁଶାନ୍ତ ନାୟକ, ସନ୍ଦୀପ ଗୋଛାୟତ, ସୁଦର୍ଶନ ପରିଡ଼ା, ରଘୁନାଥ ବିଶ୍ୱାଳ, ଗୋବର୍ଦ୍ଧନ ନାୟକ, ମନୋରଞ୍ଜନ ବିଶ୍ୱାଳ ପ୍ରମୁଖ ଗ୍ରାମବାସୀ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାରରେ ତୃତୀୟ ରାଜ୍ୟସ୍ତରୀୟ କବିତା ଆସର

ନୀଳଗିରି, ୧୧/୦୫(ଆ.ପ୍ର) : କବିତା କୌଣସି ଶବ୍ଦ ସଂଯୋଜନା ନୁହେଁ, ଏହା ହୃଦୟର ଅନନ୍ୟ ଅନୁଭୂତି । କବିତା ଲେଖିବା ପୂର୍ବରୁ ତପସ୍ୟା ବା ସାଧନା ଜରୁରୀ । ସର୍ବୋପରି ପାଣି ପରି ହେଉ କବି ଓ ନିଆଁ ପରି ହେଉ ତାର କବିତା ବୋଲି ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାରର ତୃତୀୟ ରାଜ୍ୟସ୍ତରୀୟ ଆଭାସୀ କବିତା ଆସରରେ ଯୋଗଦେଇ କବୀ ତଥା ସାଗରିକା ଓ ଧ୍ୱନି ପ୍ରତିଧ୍ୱନିର ସଫଳ ସମ୍ପାଦିକା ସୌରିନ୍ଦ୍ରୀ ସାହୁ ନିଜ ମତ ଉପସ୍ଥାପନ କରିଛନ୍ତି । ପ୍ରାରମ୍ଭରେ ସାହିତ୍ୟିକ କବିବନ୍ଧୁ ପରିବାରର ସମ୍ପାଦିକା କବୀ ପ୍ରଣତି ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆସରରେ କୁମାରୀ ନିବେଦିତା ମହାପାତ୍ର ସ୍ୱାଗତ ସଂଗୀତ ଓ ଗଞ୍ଜାମରୁ କବୀ ପଦ୍ମିନୀ ମିଶ୍ର ସମସ୍ତ କବିତା ଗୁଡ଼ିକୁ ତାଙ୍କର ସ୍ୱତନ୍ତ୍ର ଶୈଳୀର ଶବ୍ଦ ଐଶ୍ୱର୍ଯ୍ୟ ମଧ୍ୟରେ ସଂଯୋଜନା କରିଥିଲେ । କବି ମାନଙ୍କ ବର୍ଷୀୟାନ କବୀ କନକପ୍ରଭା ଷଡଙ୍ଗୀ (ନୀଳଗିରି), ଅକ୍ଷୟମାଳା ମିଶ୍ର (କେନ୍ଦ୍ରାପଡ଼ା), ପ୍ରଫୁଲ୍ଲ ଦାଶ(ନୟାଗଡ), ଭାତା ଅପରାଜିତା ମହାନ୍ତି (ଭୁବନେଶ୍ୱର), ରତି ନାରାୟଣ ରାଉତ (କେନ୍ଦୁଝର), ଅନୁପମା ନାଥଶର୍ମା (ଭୁବନେଶ୍ୱର), ଅଧ୍ୟାପିକା ବିଷ୍ଣୁପ୍ରିୟା ଜେନା (ନିମାପଡ଼ା), ଉନ୍ନତି ପ୍ରଧାନ (ପୁରୀ), ଅର୍ଚ୍ଚନା ମହାପାତ୍ର (କଲିକତା), ବିଜୟ ଦଳାଇ (ବାଲେଶ୍ୱର), ସୁଚିସ୍ମିତା ସାହୁ (ଯାଜପୁର), ନାରାୟଣ ଦଣ୍ଡସେନା (କଳାହାଣ୍ଡି), ପୂଜାଶ୍ରୀ (କେନ୍ଦ୍ରାପଡ଼ା), ଡ. ଅରୁଣ ଦାସ (ଭୁବନେଶ୍ୱର), ପ୍ରଭାତ ମଲ୍ଲିକ (ଯାଜପୁର), ଅଧ୍ୟାପିକା ଚିନ୍ମୟୀ ଜେନା (କେନ୍ଦ୍ରାପଡ଼ା), ଅଧ୍ୟାପିକା ହରିପ୍ରିୟା ସେଠୀ (ଭଦ୍ରକ), ଗୀତାରାଣୀ ସାହୁ (ଭଦ୍ରକ), ଅଧ୍ୟାପିକା ଗୀତାରାଣୀ ନାୟକ (ଭୁବନେଶ୍ୱର), ଶ୍ରୀଲିପି ମହାପାତ୍ର (ଭୁବନେଶ୍ୱର), ଗବେଷିକା ଅଲିଭା ଘୋଷ (ବାଲେଶ୍ୱର), ପ୍ରମୁଖ ନିଜନିଜର ସ୍ୱରଚିତ କବିତା ପାଠ କରିଥିଲେ । କବିତାପାଠ ପରେ ପରିବାରର ସଂପାଦକ ଡ. ପ୍ରଦୀପ୍ତ କୁମାର ମିଶ୍ର କବିତା ଗୁଡ଼ିକୁ ସୁନ୍ଦର ଭାବରେ ସମୀକ୍ଷା କରି ଆସରର ଗୌରବବୃଦ୍ଧି କରିଥିଲେ । ଶେଷରେ କବି ଅଲିଭା ଘୋଷ ସମସ୍ତଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ ପ୍ରଦାନ କରିଥିଲେ । ଉକ୍ତ ଆସରରେ ବହୁ କବିତା ରସ ପିପାସୁ ଯୋଗଦାନକରି ଏପରି କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ ।

ତାଳଗଛରୁ ପଡ଼ି ଯୁବକଙ୍କ ମୃତ୍ୟୁ

ନୀଳଗିରି, ୧୧/୦୫(ଆ.ପ୍ର) : ନୀଳଗିରି ବ୍ଲକ ଉର୍ଦ୍ଧିଆବାଡ଼ ଗ୍ରା:ପ ତଥା ଅଯୋଧ୍ୟା ଫାଣ୍ଡି ଅଧିନ କମାରଖାଲିଆ ଗ୍ରାମର ପ୍ରଫୁଲ୍ଲ ସିଂଙ୍କ ପୁଅ ଅଭିମନ୍ୟୁ ସିଂ (୨୫), କକା ପୁଅ ଭାଇ ଓ ସମ୍ପର୍କୀୟ ପୁତୁରାଙ୍କୁ ସଙ୍ଗରେ ନେଇ ଆଜି ସକାଳ ପ୍ରାୟ ୮,୩୦ ମିନିଟ ସମୟରେ ଘର ଠାରୁ ଅନତି ଦୂର ବିଲରେ ଥିବା ତାଳ ଗଛକୁ ଚଢ଼ି ତାଳ ସଜ ବିଛାଉ ଥିବାବେଳେ ଗୋଡ ଗଛରୁ ଖସିଯିବାରୁ ତଳକୁ ଖସି ପଡ଼ିଥିଲେ । ପିଲାମାନଙ୍କ ହୁରି ଶୁଣି ଶୌଚପାଇଁ ଯାଉଥିବା ଗ୍ରାମ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ରେ ନୀଳଗିରି ମେଡିକାଲକୁ ଆଣିଥିଲେ ମଧ୍ୟ ସେଠାରେ ଡାକ୍ତର ଅଭିମନ୍ୟୁଙ୍କୁ ମୃତ ଘୋଷଣା କରିଥିଲେ । ଏଭଳି ମୃତ୍ୟୁକୁ ନେଇ ଅଂଚଳରେ ଶୋକାକୋଳ ପରିବେଶ ସୃଷ୍ଟି ହୋଇଛି । ଖବର ପାଇ ସ୍ଥାନୀୟ ସରପଂଚ ସଞ୍ଜୟ କୁମାର ସିଂ ନୀଳଗିରି ମେଡିକାଲ ରେ ପହଂଚି ମୃତକ ପରିବାରଙ୍କୁ ସମବେଦନା ଜଣାଇଥିଲେ । ତେବେ ନୀଳଗିରି ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି ।

ଅପରେସନ ସିନ୍ଦୂରର ପ୍ରଥମ ବାର୍ଷିକୀ ପାଳିଲା ୭ ଓଡିଶା ବାଟାଲିୟନ ଏନସିସି

ଭଦ୍ରକ, ୧୧/୦୫(ଆ.ପ୍ର) : ଏନସିସି ଗ୍ରୁପ୍ ମୁଖ୍ୟାଳୟ କଟକର ଅଧୀନରେ ଭଦ୍ରକସ୍ଥିତ ୭ ଓଡିଶା ବାଟାଲିୟନ ଏନସିସି ପକ୍ଷରୁ "ଅପରେସନ ସିନ୍ଦୂର"ର ପ୍ରଥମ ବାର୍ଷିକୀ ଅବସରରେ ଆନନ୍ଦପୁର କଲେଜ ଓ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଦେଶପ୍ରେମମୟ ପରିବେଶ ମଧ୍ୟରେ ସ୍ମୃତିଚାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆନନ୍ଦପୁର କଲେଜ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଚରମ୍ପା କଲେଜ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଭଦ୍ରକ ଏବଂ ଏନସିସି ନୋଡାଲ ସ୍କୁଲର ୪୦୦ରୁ ଅଧିକ ଏନସିସି କ୍ୟାଡେଟ୍ ଯୋଗଦେଇଥିଲେ । ବାଟାଲିୟନର କମାଣ୍ଡିଙ୍ଗ ଅଫିସର ଲେଫଟ୍ନେଣ୍ଟ କର୍ଣ୍ଣେଲ ଏସ୍.ଏସ୍. ରଘୁବଂଶୀ ଜାତୀୟ ପତାକା ଉତ୍ତୋଳନ କରିବା ସହ ଅପରେସନ ସିନ୍ଦୂରରେ ଶହୀଦ ହୋଇଥିବା ବୀର ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହାପରେ ଭାରତୀୟ ସଶସ୍ତ୍ର ବାହିନୀର ସାହସ, ବଳିଦାନ ଓ ରଣନୀତିକ କୌଶଳକୁ ଉଦ୍ଭାସିତ କରୁଥିବା ଏକ ଡକ୍ୟୁମେଂଟାରୀ ପ୍ରଦର୍ଶିତ କରାଯାଇଥିଲା । କ୍ୟାଡେଟମାନଙ୍କୁ ସମ୍ବୋଧିତ କରି ଲେଫଟ୍ନେଣ୍ଟ କର୍ଣ୍ଣେଲ ରଘୁବଂଶୀ କହିଥିଲେ ଯେ, "ଅପରେସନ ସିନ୍ଦୂର ଆମ ସଶସ୍ତ୍ର ବାହିନୀର ଅଦମ୍ୟ ସାହସ ଓ ଦେଶସେବାର ପ୍ରତୀକ । ଏନସିସି କ୍ୟାଡେଟମାନେ 'ନେଶନ ଫର୍ଷ୍ଟ'ର ମନ୍ତ୍ରକୁ ପାଥେୟ କରି ଦେଶସେବା ପାଇଁ ସଦା ପ୍ରସ୍ତୁତ ରହିବା ଉଚିତ ।" ୦୭ରୁ ୧୦ ମେ ୨୦୨୬ ପର୍ଯ୍ୟନ୍ତ ଚାରିଦିନିଆ ସ୍ମୃତିଚାରଣ କାର୍ଯ୍ୟକ୍ରମ ଅନ୍ତର୍ଗତ "ବୀରତ୍ୱ ଓ ବଳିଦାନ – ଅପରେସନ ସିନ୍ଦୂରରୁ ଶିକ୍ଷା" ବିଷୟବସ୍ତୁ ଉପରେ ବାଟାଲିୟନ ଅଧୀନସ୍ଥ ୭୮ଟି ଶିକ୍ଷାନୁଷ୍ଠାନରେ ବାଦବିବାଦ, ପ୍ରବନ୍ଧ ଲେଖନ, ପୋଷ୍ଟର ପ୍ରସ୍ତୁତି ଓ ସ୍ଲୋଗାନ ଲେଖନ ପ୍ରତିଯୋଗିତା ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯୁବପିଢ଼ୀଙ୍କ ମନରେ ଦେଶପ୍ରେମ, ଶୃଙ୍ଖଳାବୋଧ, ନେତୃତ୍ୱଗୁଣ ଓ ଜାତୀୟ ସୁରକ୍ଷା ସମ୍ପର୍କିତ ସଚେତନତା ବୃଦ୍ଧି କରାଯାଇଛି ।

ଅଜଣା ଗାଡି ଧକ୍କାରେ ଯୁବକଙ୍କ ମୃତ୍ୟୁ

ସିମୁଳିଆ, ୧୧/୦୫(ଆ.ପ୍ର) : ମଉଡାପୁର ଛକ ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ଜଣଙ୍କ ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଅଂଚଳର ସୁବ୍ରତ କୁମାର ଟାମିଆ ବୋଲି ଜଣା ପଡିଛି । ସୂଚନା ଅନୁସାରେ, ସୁବ୍ରତ ଭୁବନେଶ୍ୱରରେ ରହି ଏକ କମ୍ପାନୀରେ ଚାକିରି କରୁଥିଲେ । ଗତକାଲି ବିଳମ୍ବିତ ରାତିରେ ବାଇକ ଯୋଗେ ନିଜ ଘରକୁ ଫେରୁ ଥିବାବେଳେ ସିମୁଳିଆ ଥାନା ଅଧୀନ ମଉଡାପୁର ଛକ ନିକଟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସେ ଗୁରୁତର ଆହତ ହୋଇ ରାସ୍ତାରେ ପଡ଼ି ରହିଥିଲେ । ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ସିମୁଳିଆ ମେଡିକାଲକୁ ନେଇଥିଲେ । ତେବେ ସେଠାରେ ଡାକ୍ତର ସୁବ୍ରତଙ୍କୁ ମୃତ ଘୋଷଣା କରିଥିଲେ । ଘଟଣା ସମ୍ପର୍କରେ ଖବର ପାଇ ସିମୁଳିଆ ପୋଲିସ ଘଟଣାସ୍ଥଳରେ ପହଂଚି ବାଇକଟିକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ନୂତନ ଭକ୍ତିଗୀତ 'ଜଗାରେ ଜଗାରେ' ଲୋକାର୍ପିତ

ବାଲେଶ୍ୱର, ୧୧/୦୫(ଆ.ପ୍ର) : କୋଟି ଓଡ଼ିଆଙ୍କ ଆରାଧ୍ୟ ଦେବତା କଳାଠାକୁର ଶ୍ରୀଜଗନ୍ନାଥଙ୍କ ମହିମା ପ୍ରଚାର ଉଦ୍ଦେଶ୍ୟରେ ଗୀତିକାର ଗୋପୀନାଥ ବାରିକଙ୍କ ରଚନା ଏବଂ ଜଣାଶୁଣା କଣ୍ଠଶିଳ୍ପୀ ଜୟଦେବ ମିଶ୍ରଙ୍କ କଣ୍ଠଦାନରେ ଏକ ନୂତନ ଭକ୍ତିଗୀତ 'ଜଗାରେ ଜଗାରେ' ଆଜି ଲୋକାର୍ପିତ ହୋଇଯାଇଛି । 'ନୀଳାଦ୍ରି ନାଥଙ୍କ ନୀଳ ଚକ୍ର ଚାହିଁ, ଭକ୍ତର ହୃଦୟ ଉଛୁଳି ପଡ଼ଇ' ପଂକ୍ତିରୁ ଆରମ୍ଭ ହୋଇଥିବା ଏହି ଭାବପୂର୍ଣ୍ଣ ଭଜନଟି ଶବ୍ଦ ଓ ସ୍ୱରର ଅପୂର୍ବ ସମନ୍ୱୟରେ ପ୍ରସ୍ତୁତ । ଏହା ଶ୍ରୋତାଙ୍କୁ ଭକ୍ତିର ଏକ ନିଆରା ଅନୁଭୂତି ପ୍ରଦାନ କରିବ ବୋଲି ଆଶା କରାଯାଉଛି । ଯୁଗ ଯୁଗ ଧରି ମହାପ୍ରଭୁଙ୍କୁ ନେଇ ଅସଂଖ୍ୟ ଗୀତ ଓ କବିତା ରଚନା ହୋଇ ଆସୁଛି ଯାହା ଭକ୍ତ ହୃଦୟକୁ ଆନ୍ଦୋଳିତ କରିଥାଏ । ବାଲେଶ୍ୱରର ଗୀତିକାର ଶ୍ରୀ ବାରିକ ଓ ଶ୍ରୀ ମିଶ୍ରଙ୍କ ଏହି 'ଜଗାରେ ଜଗାରେ' ସେହି ପରମ୍ପରାର ଏକ କ୍ଷୁଦ୍ର ଭକ୍ତି ନୈବେଦ୍ୟ । ଏହି ଅବସରରେ ସମସ୍ତ ଜଗନ୍ନାଥ ପ୍ରେମୀ ଶ୍ରଦ୍ଧାଳୁଙ୍କୁ ଭଜନଟି ଶୁଣିବା ସହ ନିଜର ମୂଲ୍ୟବାନ ମତାମତ ପ୍ରଦାନ କରିବାକୁ ଏବଂ ଅନ୍ୟମାନଙ୍କ ସହ ସେୟାର କରିବାକୁ ନିବେଦନ କରାଯାଇଛି ।

ଦେଶର ପ୍ରଥମ କାର୍ବନ କ୍ୟାପଚର ଲ୍ୟାବ୍‌ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

ମୁମ୍ବାଇ, ୧୧/୦୫(ଆ.ପ୍ର) : ଭାରତର ପ୍ରଥମ 'ଇଂଟିଗ୍ରେଟେଡ୍ କାର୍ବନ କ୍ୟାପଚର, ୟୁଟିଲାଇଜେସନ୍ ଏଣ୍ଡ ଷ୍ଟୋରେଜ୍ (ସିସିୟୁଏସ)' ଫିଲ୍ଡ ଲାବୋରେଟୋରୀର ଶୁଭାରମ୍ଭ ବର୍ତ୍ତମାନ ସମୟରେ ପୂର୍ଣ୍ଣ ରୂପେ ସ୍ୱାଗତଯୋଗ୍ୟ । ଏହା ଭାରତର ସ୍ୱଚ୍ଛ ଊର୍ଜା ଇନୋଭେସନ କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଆଜି ଆଇଆଇଟି ବମ୍ବେ ଠାରେ ଏହି ଲ୍ୟାବର ଶୁଭାରମ୍ଭ କରିବା ସହ କହିଛନ୍ତି ଯେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପଂଚାମୃତ' ପ୍ରତିଶ୍ରୁତି ଏବଂ ୨୦୭୦ ସୁଦ୍ଧା 'ନେଟ୍ ଜିରୋ' ଲକ୍ଷ୍ୟ ହାସଲ କରିବାରେ ଏହି ପ୍ରଯୁକ୍ତିବିଦ୍ୟା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଜାତୀୟ ଶିକ୍ଷା ନୀତି ଅନୁଯାୟୀ ଶିକ୍ଷାନୁଷ୍ଠାନଗୁଡ଼ିକ କେବଳ ଜ୍ଞାନ ଆହରଣ ନୁହେଁ, ବରଂ ନବସୃଜନ ଓ ଗବେଷଣା ମାଧ୍ୟମରେ ଦେଶର ସାମର୍ଥ୍ୟ ବୃଦ୍ଧି କରୁଛନ୍ତି । ୨୦୪୭ ସୁଦ୍ଧା 'ବିକଶିତ ଭାରତ' ଗଠନ ପାଇଁ ଶିକ୍ଷାବିତ୍, ଶିଳ୍ପ ଜଗତ ଏବଂ ନୀତି ନିର୍ଦ୍ଧାରକଙ୍କ ମଧ୍ୟରେ ସମନ୍ୱୟ ଜରୁରୀ । ଆଇଆଇଟି ବମ୍ବେ ଦ୍ୱାରା ପ୍ରୋତ୍ସାହିତ ଷ୍ଟାର୍ଟଅପ୍ 'ଉର୍ଜାନୋଭାକ'କୁ ଅଭିନନ୍ଦନ ଜଣାଇବା ସହ ଶ୍ରୀ ପ୍ରଧାନ ଏହାକୁ ଭାରତର ବୈଜ୍ଞାନିକ ସାମର୍ଥ୍ୟର ପ୍ରତିଫଳନ ବୋଲି ଅଭିହିତ କରିଛନ୍ତି । ଏହାପରେ କେନ୍ଦ୍ରମନ୍ତ୍ରୀ ଟାଟା ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ (ଟିସ)ର ୯୦ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ 'ଗ୍ଲୋବାଲ କଲୋକ୍ୱିଅମ୍-୨୦୨୬' କୁ ସମ୍ବୋଧିତ କରିଥିଲେ । ସେ କହିଥିଲେ, ସାମାଜିକ ବିଜ୍ଞାନ କେବଳ ଏକ ପାଠ୍ୟକ୍ରମ ନୁହେଁ, ବରଂ ସମାଜର ପ୍ରଗତି ଓ ସମାନତା ପାଇଁ ଏକ ଦସ୍ତାବିଜ । ସେ କହିଥିଲେ ଯେ, ଭାରତର ବହୁସଂଖ୍ୟକ ଯୁବଶକ୍ତିଙ୍କ ପାଇଁ ବୃହତ୍ତର ଭଳି ତଥା ଆନ୍ତର୍ଜାତୀୟ ସ୍ତରର ଶିକ୍ଷା ବ୍ୟବସ୍ଥାର ଆବଶ୍ୟକତା ରହିଛି । ସେହିପରି ଗତ ୧୨ ବର୍ଷ ମଧ୍ୟରେ 'ସବ୍‌କା ସାଥ୍, ସବ୍‌କା ବିକାଶ' ଏବଂ 'ଜାମ' ତଥା ଜନଧନ, ଆଧାର ଓ ମୋବାଇଲ୍ ମାଧ୍ୟମରେ ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ସମାବେଶୀ ବିକାଶ ଅଣାଯାଇଛି । ଆର୍ଥିକ ପ୍ରଗତି ସହ ସାମାଜିକ ସଚେତନତା ଓ ମାନବୀୟ ସମ୍ବେଦନଶୀଳତା ହିଁ ପ୍ରକୃତ ବିକାଶର ମାପକାଠି । ଟିସ ଭଳି ଅନୁଷ୍ଠାନ ଏହି କ୍ଷେତ୍ରରେ ଏକ ସେତୁ ଭାବେ କାର୍ଯ୍ୟ କରୁଛି । ଶେଷରେ ଶ୍ରୀ ପ୍ରଧାନ ସମସ୍ତ ଅଂଶଗ୍ରହଣକାରୀ, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ସଫଳ ବିଚାର ବିମର୍ଶ ପାଇଁ ଶୁଭେଚ୍ଛା ଜଣାଇଛନ୍ତି ।

'ସମୟର ଚକ୍ର'ର ୧୫ତମ ବାର୍ଷିକଉତ୍ସବ ଓ କବିତା ପାଠ, ପ୍ରତିଭା ସମ୍ମାନ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲେଶ୍ୱର, ୧୧/୦୫(ଆ.ପ୍ର) : 'ସମୟର ଚକ୍ର'ର ପରିବର୍ତ୍ତନ ଏକ ପାରମ୍ପରିକ ପ୍ରକ୍ରିୟା । ଯେଉଁଠି ଭଲ ଲୋକଙ୍କ ଉଜପାଇବା ଥାଏ ସେଠାରେ ସବୁ ବିପଦ ଟଳିଯାଏ । ସ୍ଥାନୀୟ ବାଲେଶ୍ୱରର ଗାନ୍ଧୀସ୍ମୃତି ଭବନ ପରିସରରେ ବାଲେଶ୍ୱରରୁ ନିୟମିତ ପ୍ରକାଶିତ ହେଉଥିବା ମାସିକ ସମ୍ବାଦ ଭିତ୍ତିକ ପତ୍ରିକା 'ସମୟର ଚକ୍ର'ର ୧୫ତମ ବାର୍ଷିକଉତ୍ସବ ଓ କବିତା ପାଠ,ପ୍ରତିଭା ସମ୍ମାନ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ସମ୍ବାଦ ଓ ସାହିତ୍ୟ ରଚନାର ରାଜପଥରେ ଯୁଗଳ ପଥିକ । ସାହିତ୍ୟ ବିନା ସମ୍ବାଦ ପତ୍ର ପ୍ରତିଷ୍ଠା ଲାଭ କରିପାରିବ ନାହିଁ । ସତ୍ୟ ସମ୍ବାଦ ପରିବେଷଣରେ ଅନେକ ସଂକଟ ଅଛି ହେଲେ ମିଛ ସିଂହାସନରେ ବସାଇ କାହାକୁ ରାଜା କରାଯାଇପାରେନା । ପ୍ରତ୍ୟେକ ମଣିଷର ଜୀବନ ସମ୍ବାଦପତ୍ରର ଖୋଲାପୃଷ୍ଠା ପରି । ସେଥିରେ ଏପରି ସ୍ୱାକ୍ଷର ଛାଡ଼ି ଯିବା ଯାହାକୁ ପଢ଼ି ଭବିଷ ସାଧକମାନେ ଜୀବନକୁ ଜୀଇଁବାର କଳା ଶିଖିବେ କୋଳାହଳମୟ ଦୁନିଆରେ ଭିତରେ ମାନବିକତାର ମଧୁର ମୂର୍ଚ୍ଛନା ଆଉ ଶୁଭୁନାହିଁ । ଏହା ସମାଜ ପାଇଁ ଚିନ୍ତାର ବିଷୟ, ସାମ୍ବାଦିକତାର ପଥ ଅତୀବ ଦୁର୍ଗମ । ନିଜେ କଣ୍ଟା ଉପରେ ଚାଲି ଅନ୍ୟ ପାଇଁ ଫୁଲ ବିଛାଇଥାଏ । ମାଛଟିଏ ପରି ସ୍ରୋତର ପ୍ରତିକୂଳରେ ଯାଇ ସାମ୍ବାଦିକ ସଫଳତା ପାଇଥାଏ । ସଂସ୍କୃତି,ସମ୍ବାଦ ଓ ସାହିତ୍ୟର ମଧୁର ସମାଜର ସଂସ୍କାର ସମ୍ଭବ ହୋଇଥାଏ ବୋଲି 'ସମୟର ଚକ୍ର' ଆଜି ପ୍ରମାଣିତ କରିପାରିଛି । ଏକ ପତ୍ରିକା ମାଧ୍ୟମରେ ଅନୁଷ୍ଠାନ ସୃଷ୍ଟି ସାମାଜିକ କାର୍ଯ୍ୟ,ପ୍ରତିଭା ସମ୍ମାନ,ସଂସ୍କୃତି ତଥା ଆଂଚଳିକ ବିକାଶ କ୍ଷେତ୍ରରେ ବିଭିନ୍ନ ସାମାଜିକ ଅନୁଷ୍ଠାନରେ ସାମିଲ ହୋଇ ବିକଶିତ ସମାଜ ଗଠନ ଦିଗରେ ନିଜକୁ ପ୍ରତିପାଦିତ କରିପାରିଛି ବୋଲି ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଥିଲେ । ସହ ସମ୍ପାଦିକା ସତ୍ୟଭାମା ଜେନାଙ୍କ ଆହ୍ୱାନ କ୍ରମେ ଅଧ୍ୟାପକ ଡ.ଅଶ୍ୱିନୀ କୁମାର ପ୍ରଧାନଙ୍କ ସଂଯୋଜନାରେ ସମାଜସେବୀ କବି ଅଭୟ ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ବାଲେଶ୍ୱରର ମାନ୍ୟବର ସାଂସଦ ପ୍ରତାପଚନ୍ଦ୍ର ଷଡଙ୍ଗୀ,ମୁଖ୍ୟ ବକ୍ତା ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଶୋଭନା ମହାନ୍ତି ବରେଣ୍ୟ ଅତିଥି ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା ବରେଣ୍ୟ ଅତିଥି ଯୁବନେତା ବିକ୍ରମ ପଣ୍ଡା ଶିକ୍ଷାବିତ୍ ଡ.ପଙ୍କଜ କୁମାର ଜେନା ସମାଜସେବୀ ଗଙ୍ଗାଧର ଜେନା,ଡ.କାଳିକିଙ୍କର ଦାସ,କବି ନିରୋଦ ସୁନ୍ଦର ଜେନା, ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ସଂପାଦକ ସର୍ବେଶ୍ୱର ଜେନା ଅତିଥି ପରିଚୟ ପ୍ରଦାନ ସହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଉଲ୍ଲେଖନୀୟ ଅବଦାନ ପାଇଁ ୨୩ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ଓ 'ସମୟର ଚକ୍ର'ର ବାର୍ଷିକ ବିଶେଷାଙ୍କ ଲୋକାର୍ପଣ କରାଯାଇଥିଲା । ପ୍ରଥମ ଅଧିବେଶନରେ କବିତା ପାଠ ଆଲୋଚନା ଚକ୍ରରେ ଗାଳ୍ପିକ ଶାନ୍ତନୁ ପଟ୍ଟନାୟକଙ୍କ ପରିଚାଳନାରେ ବରିଷ୍ଠ ସାହିତ୍ୟିକ କବି ବ୍ରଜେନ୍ଦ୍ରନାଥ ଗିରିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଉଦଳା ଏନଏସି ଚେୟାରମ୍ୟାନ କବି ପ୍ରମିଳା ପଣ୍ଡା ମୁଖ୍ୟ ବକ୍ତା ଫକୀରମୋହନ ସାହିତ୍ୟ ପରିଷଦର ସଂପାଦକ ଡ.ରତ୍ନାକର ସିଂହ ବରେଣ୍ୟ ଅତିଥି ସମାଜସେବୀ ପ୍ରତିମା ପଣ୍ଡା କବି କଲ୍ୟାଣୀ ନନ୍ଦ, ଭଗବାନ ଦାସ ଖଣ୍ଡଲାୱାଲ ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ବିହାରୀ କବି ଲାଡିବନ୍ଧୁ ପାତ୍ର ସମାଜସେବୀ ସୁଶାନ୍ତ କର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବାଲେଶ୍ୱର ଏହି ପତ୍ରିକା ଆଗାମୀ ଦିନରେ ଅଧିକ ସମ୍ପ୍ରସାରିତ ହେଉ । ନିୟମିତ ଏକ ପତ୍ରିକା ପ୍ରକାଶ କରିବା ଆଜିର ଦିନରେ ସହଜ ମନେ ହେଉ ନଥିଲା ତେବେ ସମୟର ଚକ୍ର ତାର ମାନକୁ ବଜାୟ ରଖିଛି ଏବଂ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଥିବାରୁ ଆମ ଭାଷା ଓ ସାହିତ୍ୟ ସଂସ୍କୃତି ପ୍ରତି ଆମ ମାନଙ୍କର ଉତ୍ତର ଦାୟିତ୍ୱ ବଢ଼ିଯାଇଛି ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ୨୫ରୁ ଊର୍ଦ୍ଧ୍ୱ କବି କବିତା ପାଠ କରିଥିଲେ । ଉଦ୍‌ଯାପନୀ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳକ ମନୋଜ କୁମାର ନାୟକଙ୍କ ପରିଚାଳନାରେ ୫୦ରୁ ଊର୍ଦ୍ଧ୍ୱ ପିଲା ମାନଙ୍କୁ ନେଇ ନୃତ୍ୟ, ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ସମାଜସେବୀ ସମୋନାଥ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ରେମୁଣା ବ୍ଲକ ଚେୟାରମ୍ୟାନ ରାଜେନ୍ଦ୍ର କୁମାର ରାଉତ, ମୁଖ୍ୟ ବକ୍ତା ସମାଜସେବୀ ଶ୍ରଦ୍ଧାଞ୍ଜଳି ରାୟ, ବରେଣ୍ୟ ଅତିଥି ସମାଜସେବୀ ବିକାଶ ପାତ୍ରୀ ସମାଜସେବୀ ବିମଳ ଦାସ ମହାପାତ୍ର ସତେନ୍ଦ୍ର ଦାସ,ରୁକ୍ମିଣୀ ସେଠୀ, ରତିକାନ୍ତ ଦାସ,ପ୍ରହ୍ଲାଦ କୁମାର ଦାସ ପ୍ରମୁଖ ଯୋଗଦାନ କରି କୁନି କୁନି ପିଲାମାନଙ୍କ ମନୋବଳ ଦୃଢ଼ କରିବା ସହ ସେମାନଙ୍କୁ ପୁରସ୍କୃତ କରି ଉତ୍ସାହିତ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସୁସଙ୍ଗମ ଜେନା,ଲକ୍ଷ୍ମୀକେନ୍ଦୁ ପଟ୍ଟନାୟକ, ଅଭୟ ସାହୁ, ମନୋଜ ମୁଖୀ,ସଂଗୀତ ନିର୍ଦ୍ଦେଶକ ଅମରେଶ ପାତ୍ର ପ୍ରମୁଖ ସହଯୋଗ କରିଥିଲେ । କୁନି କଣ୍ଠଶିଳ୍ପୀ ସୁହାନି ସାଈ ଜେନାସ୍ୱାଗତ ସଂଗୀତ ଓ ନନ୍ଦିକା ବିଶ୍ୱାଳ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ । ଶେଷରେ କୁନି କଣ୍ଠଶିଳ୍ପୀ ରିତୀକା ମହାପାତ୍ରଙ୍କ ସଂଗୀତରେ ଦର୍ଶକ ଝୁମିଥିଲେ ।

ସେଇଥିଓ ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୧୨ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ସଂଘର୍ଷହୀନ ସ୍ୱାଦର ସଫଳତା

ଜୀବଜଗତଠାରୁ ପରିବେଶ ପର୍ଯ୍ୟନ୍ତ ସମସ୍ତେ ଭିନ୍ନ ଭିନ୍ନ ସଂଘର୍ଷରେ ପେଷି ହେଉଛନ୍ତି । ଯାହା ଜଣାଯାଏ ମନୁଷ୍ୟ ବିନା ପୃଥିବୀରେ ଜୀବଜଗତକୁ ସଂଘର୍ଷ କରିବାକୁ ବୋଧହୁଏ ପଡିବ ନାହିଁ କିନ୍ତୁ ଜୀବଜଗତ ବିନା ମନୁଷ୍ୟ ତିଳେ ମାତ୍ର ତିଷ୍ଠି ରହି ନ ପାରେ । ମନୁଷ୍ୟ ଆଜି ନିଜେ ନିଜ ସହିତ ସଂଘର୍ଷ କରୁଛି । ଏଥିରେ କିଏ ଜିତୁଛି କିଏ ହାରୁଛି ଜାଣିବା କଷ୍ଟକର। ସଂଘର୍ଷର ଅର୍ଥ କଣ କେବଳ କଠୋର ପରିଶ୍ରମ ? ବିପରୀତ ପରିସ୍ଥିତିରେ ଆଗକୁ ବଢିବାର ପ୍ରୟାସ କରିବା ହେଉଛି ସଂଘର୍ଷ । ଅର୍ଥାତ ଆପଣଙ୍କ ପାଖରେ ଆବଶ୍ୟକ ସାଧନ ନଥାଇ ସାଧନା ବଳରେ ସଫଳତାର ନଭଶ୍ଚୁମ୍ବୀକୁ ସ୍ପର୍ଶ କରିବା ସଂଘର୍ଷ । ତେଣୁ ସଂଘର୍ଷ ଥାଏ ମାନସିକତାରେ । ଜୟଗାନ କେବଳ ସେହିମାନଙ୍କର ହୁଏ ଯିଏ ଅଭାବ ଓ ଅସୁବିଧାରେ ବି ଲକ୍ଷ୍ୟପଥରୁ ବିଚ୍ୟୁତ ନ ହୋଇଛନ୍ତି । ଲୁହ ଆଖିରୁ ଝରିଲେ ଦୁଃଖ ପ୍ରକଟ ହୋଇଥାଏ । ସମୟ ସମୟେ ଖୁସିରେ ବି ଝରେ ଲୁହ । କିନ୍ତୁ ଲୁହକୁ ଚାପି ରଖି ଦୁଃଖକୁ ସାମ୍ନା କରିବା ହେଉଛି ସଂଘର୍ଷ । ସଂଘର୍ଷ କାହାକୁ ପରାଜିତ କରି ଆଗକୁ ବଢିଯିବା ନୁହେଁ । ନିଜକୁ ଚିହ୍ନିବା ଓ ଦକ୍ଷତାର ସଠିକ ଉପଯୋଗ କରିବାରେ ମନୋନିବେଶ କରିବା ନା ଅଉ କାହାକୁ ଅନୁଧାବନ କରି ତୁଳନା କରିବା । ନିଜେ ନିଜର ପ୍ରତିଯୋଗୀ ବିଚାରି ନିଜର ଶ୍ରେଷ୍ଠତା ପ୍ରତିପାଦନ କରିବା ଆଜିର ମୁଖ୍ୟ ସଂଘର୍ଷ । ସଂଘର୍ଷକୁ ଉପଭୋଗ କଲେ ଲକ୍ଷ୍ୟସ୍ଥଳର ଦୂରତା କମି କମି ଆସେ । ତେଣୁ ସଂଘର୍ଷ ଏକ ଆହ୍ୱାନ, ତାକୁ ସ୍ୱୀକାର କରିବା ସାମ୍ନା କରି । ନା କି ପଛଘୁଞ୍ଚା ଦେଇ ଭାଗ୍ୟକୁ ଦୋଷ ଦେବା । ପିଲାଦିନେ ପ୍ରଥମେ ପାଦରେ ଚାଲିବାକୁ ସଂଘର୍ଷ କହିଲେ ଜୀବନର ଚଲାପଥରେ ଚାଲିବାକୁ ସରଳ କୁହାଯିବ କି ? ବଡମଣିଷଟିଏ ହେବା ଯଦିଓ ଏତେ କଷ୍ଟ ନୁହେଁ କିନ୍ତୁ ମଣିଷପଣିଆକୁ ବଞ୍ଚାଇ ରଖିବାରେ ହୁଏ ଅସଲ ସଂଘର୍ଷ । କଥା କହିବା ଓ କଥା ଦେବା ସରଳ ହେଉଥିବାବେଳେ କଥାକୁ କାର୍ଯ୍ୟରେ ପରିଣତ କରିବା ପାଇଁ କାହିଁକି ସଂଘର୍ଷ କରିଥାନ୍ତି ? ରାତିଦିନ ଏକ କରି ଟଙ୍କା ରୋଜଗାର କରୁଥିବା ମଣିଷଟି ଆଇନାରେ ପ୍ରତିବିମ୍ବ ଦେଖି ସୁନ୍ଦରତା ପରଖୁଥିବାବେଳେ ଅପଦେଷ୍ଟା କରେ ଭାବମୂର୍ତ୍ତି ବଦଳାଇବାକୁ ପୁରୁଣା ଆଇନାକୁ ପରିବର୍ତ୍ତନ କରି। ସଂଘର୍ଷ ହୁଏନି ଚିନ୍ତାଧାରା ଓ ଭୁଲକୁ ତର୍ଜମା କରି ଏଠି ।

ସ୍ୱାସ୍ଥ୍ୟସେବାରେ ସେବିକା

॥ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ପ୍ରତିବର୍ଷ ଭଳି ଆମେ ମେ' ୧୨ ତାରିଖକୁ ଆନ୍ତର୍ଜାତିକ ନର୍ସ ବା ସେବିକା ଦିବସ ଭାବରେ ସାରା ରାଜ୍ୟରେ ପାଳନ କରିଥାଉ । ଚଳିତ ବର୍ଷ ଏହି ଦିବସଟିର ପାଳନ ଅବସରରେ ଯେଉଁ ସ୍ଲୋଗାନ୍‌ଟି ରଖାଯାଇଛି, ସେଇଟି ହେଲା – "ଉନ୍ନତ ମାନର ସେବା ଯୋଗାଣ, ଜନସମାଜର ସେବା, ରୋଗୀଙ୍କ ସେବା କ୍ଷେତ୍ରରେ ସେବିକାଙ୍କ ଅଗ୍ରଣୀ ଭୂମିକା ।" ନିଜର ଦାୟିତ୍ୱ ସମ୍ପର୍କରେ ସେବିକାମାନଙ୍କୁ ସଚେତନ କରାଇବା ହେଲା ଏହି ଦିବସର ମୂଳଲକ୍ଷ୍ୟ । ରୋଗୀମାନଙ୍କର ସେବା, ଯତ୍ନ ଓ ସ୍ୱାସ୍ଥ୍ୟସେବା ଠିକ୍ ଭାବେ ଯୋଗାଇଦେବା ହେଉଛି ସେବିକାମାନଙ୍କର କର୍ତ୍ତବ୍ୟ । ଏହି କର୍ତ୍ତବ୍ୟ ପ୍ରତି ସଚେତନ କରାଇବା ପାଇଁ ପ୍ରତ୍ୟେକ ବର୍ଷ ଆନ୍ତର୍ଜାତିକ ସେବିକା ଦିବସଟିକୁ ପାଳନ କରାଯାଏ । ଆମ ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନାରୀମାନଙ୍କର ଭୂମିକାକୁ ଅସ୍ୱୀକାର କରାଯାଇ ନପାରେ । ଏ କ୍ଷେତ୍ରରେ ଆଧୁନିକ ନର୍ସସେବାର ଜନନୀ ଭାବରେ ପରିଚିତା ଫ୍ଲୋରେନ୍ସ ନାଇଟିଙ୍ଗେଲ୍‌ଙ୍କ ଭୂମିକାକୁ ସର୍ବାଗ୍ରେ ସ୍ମରଣ କରାଯାଏ । ରୋଗୀମାନଙ୍କୁ ଆଦର, ଯତ୍ନ ଓ ସେବା ଭଳି ମହାନ୍ ତ୍ୟାଗ ଓ ଉତ୍ସର୍ଗୀକୃତ ସେବା ଭାବନାର ପରାକାଷ୍ଠା ସେ ଦେଖାଇଥିଲେ, ତାହାଙ୍କୁ ଯେତେ ପ୍ରଶଂସା କରାଗଲେ ମଧ୍ୟ କମ୍ ହେବ । ସେଥିପାଇଁ ଏହି ମହିୟସୀ ନାରୀଙ୍କର ସେବାକ୍ଷେତ୍ରରେ ରହିଥିବା ତାଙ୍କର ଏହି ଅବଦାନକୁ ସ୍ମରଣ କରିବା ପାଇଁ ତାଙ୍କର ଜନ୍ମଦିନଟିକୁ ଆନ୍ତର୍ଜାତୀୟ ସେବିକା ଦିବସ ଭାବରେ ପାଳନ କରାଯାଉଛି ।

ପ୍ରତ୍ୟକ୍ଷ ବା ପରୋକ୍ଷରେ ସ୍ୱାସ୍ଥ୍ୟସେବା ଯୋଗାଉଥିବା ନର୍ସ ବା ସେବିକା କହିଲେ, ଏଏନ୍‌ଏମ୍ (ମହିଳା ସ୍ୱାସ୍ଥ୍ୟକର୍ମୀ), ଜିଏନ୍‌ଏମ୍ (ଷ୍ଟାଫ୍ ନର୍ସ), ଏଏଚ୍‌ଭି, ବିଏସ୍‌ସିଏନ୍ (ସିଷ୍ଟର ଟିଉଟର) ଓ ଏମ୍‌ଏସ୍‌ସିଏନ୍ (ସିଷ୍ଟର ଟିଉଟର)ଙ୍କୁ ବୁଝାଏ । ଏଠାରେ ସେବିକାମାନଙ୍କ କାର୍ଯ୍ୟ ସମ୍ପର୍କରେ ଏକ ବାସ୍ତବ ଚିତ୍ର ଉପସ୍ଥାପନର ଆବଶ୍ୟକତା ରହିଛି । ତେବେ ରୋଗୀ ଓ ସାଧାରଣ ଲୋକଙ୍କୁ ମହିଳା ସ୍ୱାସ୍ଥ୍ୟ କର୍ମୀ ଓ ଷ୍ଟାଫ୍ ନର୍ସ ପ୍ରତ୍ୟକ୍ଷ ଭାବେ ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ବେଳେ ଏଲ୍‌ଏଚ୍‌ଭି ଓ ସିଷ୍ଟର ଟିଉଟରମାନେ ସ୍ୱାସ୍ଥ୍ୟସେବାକୁ ପରୋକ୍ଷରେ ତ୍ୱରାନ୍ୱିତ କରିଥାନ୍ତି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଆରମ୍ଭ କରି ବଡ଼ ହସ୍‌ପିଟାଲ୍ ମାନଙ୍କରେ ଷ୍ଟାଫ୍ ନର୍ସମାନେ ରୋଗୀମାନଙ୍କୁ ପ୍ରତ୍ୟକ୍ଷ ସେବା ଯୋଗାଉଥିବାବେଳେ ଗ୍ରାମାଂଚଳ ଲୋକମାନଙ୍କୁ ମହିଳା ସ୍ୱାସ୍ଥ୍ୟକର୍ମୀମାନେ ପ୍ରତ୍ୟକ୍ଷ ସେବା ଯୋଗାଇଥାନ୍ତି । ମୁଖ୍ୟତଃ ଏଲ୍‌ଏଚ୍‌ଭିମାନେ ଗ୍ରାମାଂଚଳ ସ୍ୱାସ୍ଥ୍ୟସେବା ପରିଚାଳନା, ପରିଦର୍ଶନ ଓ ନିୟନ୍ତ୍ରଣ କରୁଥିବା ବେଳେ ସିଷ୍ଟର ଟିଉଟରମାନେ ମୁଖ୍ୟତଃ ମହିଳା ସ୍ୱାସ୍ଥ୍ୟକର୍ମୀ ଓ ଷ୍ଟାଫ୍‌ନର୍ସମାନଙ୍କୁ ଶିକ୍ଷାଦାନ କରିଥାନ୍ତି ।

ଆମ ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନାରୀମାନଙ୍କର ଯୋଗଦାନ କିଛି କମ୍ ନାହିଁ । ସରକାରୀ ଓ ବେସରକାରୀ ଚିକିତ୍ସାଳୟ, ନର୍ସିଂହୋମ୍ ଇତ୍ୟାଦିର ସଂଖ୍ୟା ଉଭୟ ସହର ଓ ଗ୍ରାମାଂଚଳରେ ବୃଦ୍ଧି ପାଇବାରେ ଲାଗିଛି । ପୂର୍ବଭଳି ଆଉ ମା'ମାନଙ୍କର ସନ୍ତାନ ପ୍ରସବ ସମସ୍ୟାଜନିତ ମୃତ୍ୟୁ ଆଜିକାଲି ଦେଖାଯାଉନାହିଁ କହିଲେ ଭୁଲ ହେବ ନାହିଁ । ୟୁଏସ୍‌ଏଡ୍ (ଆମେରିକାର ଏକ ସାହାଯ୍ୟକାରୀ ସଂସ୍ଥା) ତଥା ୟୁନିସେଫ୍ ପାଣ୍ଠିରେ ଚାଲିଥିବା ଏନ୍‌ଆର୍‌ଏଚ୍‌ଏମ୍‌ର କାର୍ଯ୍ୟକ୍ରମ ଦ୍ୱାରା ଆଜିକାଲି ପ୍ରତ୍ୟେକ ଗାଁମାନଙ୍କରେ ଆଶାକର୍ମୀମାନଙ୍କ ମାଧ୍ୟମରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବା ଯୋଗୁଁ ଶିଶୁମୃତ୍ୟୁ ହାର ଏବଂ ପ୍ରସବକାଳୀନ ମୃତ୍ୟୁ ହାର ବହୁତ ପରିମାଣରେ କମ୍ ହୋଇଥିବା ଲକ୍ଷ୍ୟ କରାଯାଉଛି । ଲୋକମାନଙ୍କ ମନରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କରିବା ପାଇଁ ଦୂରଦର୍ଶନ, ଘରୋଇ ଚାନେଲ୍, ରେଡ଼ିଓ, ପୋଷ୍ଟର ଓ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଯେଉଁ ପ୍ରଚାର ପ୍ରସାର କରାଯାଉଛି, ତାହା ନିଶ୍ଚିତ ଭାବେ ଆମର ସବୁବର୍ଗର ଲୋକମାନଙ୍କର କଲ୍ୟାଣ ସାଧନ କରିପାରୁଛି । ଆମ ରାଜ୍ୟର ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା "କଲ୍ୟାଣୀ" ଦୂରଦର୍ଶନ କାର୍ଯ୍ୟକ୍ରମ ସର୍ବଭାରତୀୟ କ୍ଷେତ୍ରରେ ପୁରସ୍କୃତ ହୋଇପାରିଛି । ଆଜିକାଲି ଆଉ ମା'ମାନଙ୍କର ପ୍ରସବକାଳୀନ ସମସ୍ୟା ନାହିଁ । ସେମାନେ ନିଜ ଘରେ ସନ୍ତାନ ପ୍ରସବ ନ କରି ଡାକ୍ତରଖାନାକୁ ଯିବା ନିରାପଦ ମଣୁଛନ୍ତି । ଗ୍ରାମାଂଚଳମାନଙ୍କରେ ଥିବା "ଆଶା" ଦିଦିମାନେ ଘରେ ଘରେ ଲୋକପ୍ରିୟତା ଅର୍ଜନ କରିଥିବା ସେମାନଙ୍କର ଉତ୍ସର୍ଗୀକୃତ ସେବା ମନୋଭାବର ପରିଚୟ ପ୍ରଦାନ କରୁଛି । ଆମ ରାଜ୍ୟର ନାରୀମାନେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସେମାନଙ୍କର ସମର୍ପିତ ସେବା ଭାବନା ଓ କର୍ତ୍ତବ୍ୟ ବୋଧର ପରାକାଷ୍ଠା ଦେଖାଇପାରିଲେ ଆନ୍ତର୍ଜାତୀୟ ସେବିକା ଦିବସ ପାଳନର ପ୍ରକୃତ ଉଦ୍ଦେଶ୍ୟ ନିଶ୍ଚିତ ପୂରଣ ହୋଇପାରିବ ।

ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ମୋ : ୯୪୩୭୦୫୧୯୫୭

ପୁତ୍ରଦା ଏକାଦଶୀ

॥ ଅଲେଖ ଚନ୍ଦ୍ର ସାମଲ ॥

ପୌଷ ମାସ ଶୁକ୍ଳପକ୍ଷରେ ଯେଉଁ ଏକାଦଶୀ ପଡ଼େ ତାହାକୁ ପୁତ୍ରଦା ଏକାଦଶୀ କୁହାଯାଏ । ପୁତ୍ରଦା ଏକାଦଶୀରେ ନାମମନ୍ତ୍ର ଜପ କରିବା ସହ ଶ୍ରୀହରିଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ । ଏକାଦଶୀ ତିଥିରେ ଦୀପଦାନ ସହ ସମସ୍ତ ଫଳ ପୂଜା କରିବା ବିଧାନ ରହିଛି । ଭଗବାନ ଶ୍ରୀକୃଷ୍ଣ ଧର୍ମରାଜ ଯୁଧିଷ୍ଠିରଙ୍କୁ ଏହି ବ୍ରତର ମହତ୍ୱକୁ ବ୍ୟାଖ୍ୟା କରି କହିଥିଲେ ଏହି ତିଥିରେ ଅଧିଦେବତା ହେଉଛନ୍ତି ଭଗବାନ ନାରାୟଣ । ଏହି ତିଥିରେ ସମସ୍ତ ପାପନାଶ ହୋଇଥାଏ ।

ପୂର୍ବକାଳରେ ଭଦ୍ରାବତୀପୁରୀ ରାଜା ସୁକେତୁମାନ ଶାସନ କରୁଥିଲେ । ତାଙ୍କର କୌଣସି ସନ୍ତାନ ନଥିଲେ । ଏହି କାରଣରୁ ରାଜା ଓ ରାଣୀ ଚମ୍ପା ଚିନ୍ତାରେ ରହୁଥିଲେ । ଦିନେ ରାଜା ରାଜପରିବାରର କୌଣସି ସଦସ୍ୟଙ୍କୁ ନ ଜଣାଇ ବନ୍ୟ ଭ୍ରମଣ କରିବା ପାଇଁ ବାହାରିଲେ । ରାଜା ବନର ଶୋଭାକୁ ଦେଖୁ ଦେଖୁ ଦ୍ୱିପ୍ରହର ହୋଇଗଲା । ରାଜା ଭୋକ ଶୋଷରେ ଆଉଟୁ ପାଉଟୁ ହୋଇ ଖାଦ୍ୟ ସଂଗ୍ରହ ପାଇଁ ଖୋଜିବୁଲିଲେ । ଶେଷରେ ଏକ ସରୋବର ଓ ସରୋବର ତଟରେ ଅନେକ ମୁନିଋଷି ମାନଙ୍କର ଅଶ୍ରମ ସ୍ଥଳୀ ରହିଥିବାର ଦେଖିଲେ । ଏହା ରାଜାଙ୍କ ପାଇଁ ସୌଭାଗ୍ୟ ଥିଲା । ସେ ତତ୍‌କ୍ଷଣାତ ଘୋଡ଼ା ଉପରେ ବସି ସରୋବର ନିକଟରେ ପହଂଚ୍ ସମସ୍ତ ମୁନିଋଷିମାନଙ୍କୁ ବନ୍ଦନା କରିବାକୁ ଲାଗିଲେ । ତାଙ୍କର ବନ୍ଦନାରେ ମୁନିଋଷିମାନେ ପ୍ରସନ୍ନ ହେଲେ । ରାଜା ମୁନି ମାନଙ୍କୁ ଦେଖି ପଚାରିଲେ ଆପଣମାନେ କିଏ ? ଆପଣଙ୍କ ନାମ କ'ଣ ତଥା ଆପଣମାନେ ଏଠାରେ ଏକତ୍ର ହୋଇଛନ୍ତି କାହିଁକି ? ମୁନି କହିଲେ ଆମେ ସମସ୍ତେ ବିଶ୍ୱଦେବ । ସ୍ନାନ କରିବାକୁ ଆସିଛୁ । ମାଘମାସ ନିକଟରେ ଆସୁଛି । ଆଜି ଠାରୁ ପାଂଚଦିନ ଧରି ମାଘ ସ୍ନାନ ଆରମ୍ଭ ହେବାକୁ ଯାଉଛି । ଆଜି ହିଁ ପୁତ୍ରଦା ଏକାଦଶୀ । ଯିଏ ଏହି ବ୍ରତ ପାଳନ କରିବ ତାର ପୁତ୍ର ହେବ । ରାଜା କହିଲେ ହେ ବିଶ୍ୱେଦେବଗଣ ଯଦି ଆପଣମାନେ ମୋ ଉପରେ ପ୍ରସନ୍ନ ଅଛନ୍ତି ତ ମୋତେ ପୁତ୍ର ଦିଅନ୍ତୁ । ମୁନି କହିଲେ ରାଜନ ଏହି ବ୍ରତ ବହୁତ ବିଖ୍ୟାତ, ଆଜିଠାରୁ ଏହି ବ୍ରତ ପାଳନ କରନ୍ତୁ । ମହାରାଜା ଭଗବାନ କେଶବଙ୍କ ଆଶୀର୍ବାଦରୁ ଆପଣଙ୍କୁ ପୁତ୍ର ଅବଶ୍ୟ ପ୍ରାପ୍ତ ହେବ । ଏହି ପ୍ରକାର ମୁନିଙ୍କ କହିବାନୁଯାୟୀ ରାଜା ଏହି ବ୍ରତକୁ ପାଳନ କରିବା ସହ ପୁତ୍ରଦା ଏକାଦଶୀ ଅନୁଷ୍ଠିତ କଲେ । ଦ୍ୱାଦଶରେ ସେ ନିଜ ବ୍ରତକୁ ଉଦ୍‌ଯାପିତ କରି ମୁନିଙ୍କ ଚରଣ ସ୍ପର୍ଶ କରି ଘରକୁ ଫେରିଲେ । ସେହିଦିନ ରାଣୀ ଗର୍ଭଧାରଣ କଲେ । ରାଜାଙ୍କର ଏକ ତେଜସ୍ୱୀ ପୁତ୍ର ହେଲା ଯାହା ଗୁଣର ଅଧିକାରୀ ହେବା ସହ ପ୍ରଜା ମାନଙ୍କର ପାଳକ ମଧ୍ୟ ହୋଇପାରିଥିଲେ । ଏହି ଦୃଷ୍ଟିରୁ ପୁତ୍ରଦା ଏକାଦଶୀ ବ୍ରତ ସମସ୍ତ ଏକାଦଶୀ ଠାରୁ ଅଧିକ ମହତ୍ୱପୂର୍ଣ୍ଣ ।

ପୂର୍ବତନ ଜିଏଫ୍‌ଓ , ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର

ମୌନୀ ଅଭାଷଣଙ୍କ ଧର୍ମ, କାମ, ମୋକ୍ଷର ସମୟ ନିର୍ଦ୍ଦେଶ

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

ମୌନୀ ଗ୍ରହମାନେ ନୀରବରେ କାମ କରିଚାଲୁଛନ୍ତି ତାଙ୍କର ହାତ ଅନେକ ଲମ୍ବା, କାହାକୁ ରଙ୍କରୁ ରାଜା କରାଉଛନ୍ତି ତ କାହାକୁ ରାଜାରୁ କାଙ୍ଗାଳି ବନାଉଛନ୍ତି, କିଏ ଭୋକରେ ତ ଖାଦ୍ୟ ଫିଙ୍ଗ ଦେଉଛି, କିଏ ଉଚ୍ଚ ଶିକ୍ଷା ପାଇ ବେକାର କିଏ ଅଳ୍ପପାଠ ପଢ଼ି ଅନେକ ଅର୍ଜନ ବ୍ୟସ୍ତ । ଏପରି ସବୁ ସେହି ନୀରବ ଗ୍ରହଙ୍କ କାରସାଦି, ଈଶ୍ୱରଙ୍କ ଅଦେଖା ହାତର କାନୁନ ତାଙ୍କ ଦ୍ୱାରା କାର୍ଯ୍ୟ କରିଚାଲିଛି, ଈଶ୍ୱର, ଆଲ୍ଲା, ଯୀଶୁ ଅହୁରମଜଦା କୁହ କୌଣସି ରାଜଶକ୍ତି ହୁଅନ୍ତୁ ସେ ଦେହୀଙ୍କ ପାଇଁ, ଦେହୀଙ୍କ ଦ୍ୱାରା, ଦେହୀଙ୍କର ସବୁ କାର୍ଯ୍ୟ ସାଧିତ କରାଉଛନ୍ତି । ଜୀବ, ଜୀବକୁ ଖାଉଛି, ଜୀବକୁ ହନ୍ତସନ୍ତ କରି ଲୁଟ କରି କହାଉ ଅନ୍ୟ ଜୀବ ଜୀବନ ଜୀବିକା ଚଳାଉଛନ୍ତି । କଏ ହସୁଛି, କିଏ କାନ୍ଦୁଛି, ଅଦ୍ଭୁତ ଲୀଳା, ସମୟ ଜନ୍ମ ଦେଉଛି ପୁଣି ମାରୁଛି ଏମିତି ସମୟ ଆସିଛି ୨୦୨୬ ମସିହା ଇଂରାଜୀ ସନ, ସେହିବାର ସେହି ତାରିଖ ୨୮ ବର୍ଷରେ ପୁରି ଆସିଲେ ବି ଏଥିରେ ଭାରତୀୟ ହିନ୍ଦୁ ଜ୍ୟୋତିଷ ଛିଦ୍ର ଖୋଜନ୍ତି, ଏସନ ଛିଦ୍ର କ'ଣ ? ମଧ୍ୟ ରାତ୍ରି ଆଗମନରେ ଘ୦୦.୦୦.୦୧ ସେକେଣ୍ଡ ପ୍ରବେଶକୁ ବିଗତ ପିଛିଲା ୨୦୨୫ ବର୍ଷ ଆଉ ଆଗତ ୨୦୨୬ ବର୍ଷ କାଳ ସୁବେଦାରଙ୍କ ଟୋପି ବଦଳ ୨୧ଶ ଶତାବ୍ଦୀ ବାଦଶାହାଙ୍କ ସାଲାନା କାଜନାମା ସୁବେଦାର ଯେ ମର୍ତ୍ତ୍ୟର ରାଜନଥିରେ ନାମଦରଜ କରି କରି ଚାଲିବେ, ଆସୁଥିଲା ବେଳେ ବାରଓପେନ ଟିଲ ମିଡ଼ି ନାଇଟ ଟିକେ ଏ ଦିନ ସରଗରମ ଟିକିଏ କମିଯାଏ । ପାନୀୟ ପାତ୍ର ଗୁଡ଼ିକ ଟୁନଟାଣ ଆୱାଜ, କାବେରୀ ନାଚ ଗୀତରେ ହୋଟେଲ ବାର ସରଗମ, ପଦାରେ ଶୁଣିବାକୁ ମିଳିବ ପାନୀପଥ ଯୁଦ୍ଧର ବାହୁ ତୋପ ଧ୍ୱନୀ ପରି ଅନେକ ଅନେକ ଠୋ ଠୋ ଗୁରୁଗର୍ଜନ । ସତେକି ରାଜପୁତ ବାହିନୀ ଶେଷ ହୋଇଯିବେ ଏମିତି ବୁଝାପଡ଼ିଯିବା, ଟାଟା ପାଓ୍ୱାର ଏଥର ଏହି ସମୟରେ କିଛି ଅର୍ଥ ପାଇଯିବା ବ୍ୟବସ୍ଥା ଗ୍ରାମ୍ୟ ସହରରେ ଆଲୋକସଜାରୁ ତୁଟି ହୋଇଯାଉଛି । ଫୋନ ଗୁଡ଼ିକୁ ବାର୍ତ୍ତା ପ୍ରେରଣକୁ ବା ଗ୍ରହଣକୁ ଅବକାଶ ତଳ୍ଲାକ ନାହିଁ । ଏଇତ ୨୦୨୬ ସମୟ ସୁବେଦାରଙ୍କ ଆଗମନୀ ସତ୍କାର, କିନ୍ତୁ କଳ୍ପନା ମୂଳେ କାଳ ଥାଇ ପ୍ରାଣୀ ଜାଣି ନପାରଇ । ଏ ଭାଗବତ ବାଣୀ ହେଲ ଉଜ୍ଜାଳ କାହାର ନାହିଁ ଯମରାଜ ମୃତ୍ୟୁ ଦେବତା ତାଙ୍କୁ ଲଡୁପେଡ଼ାଦି ପୃଥ୍ୱୀଜାତ ଯେତେ ସୁମିଷ୍ଟ ଫଳ ଟ୍ରକ ଟ୍ରକ ୱାଗନ ୱାଗନ ଭରି ସ୍ୱାହା କଲେ ସେ କେବେ କାହାକୁ ଅମର କରିଦେବେ କି ? ମଦ, ବାଣବାଜୀର ଆଶ୍ରୟ ନ ନେଇ ଦିବ୍ୟ ମନ୍ତ୍ର ଦେବତାଙ୍କ ନାମ, ନାଦ, ବ୍ରହ୍ମର ଉଚ୍ଚାରଣ କରିଥିଲେ ହୁଏତ ଅକାଳମୃତ୍ୟୁର ଭବିଷ୍ୟତକୁ କମିଯାଇଥାନ୍ତା । ଏଥର ଗ୍ରହ ଅଗ୍ନୀ ରାଶିରେ ୫ ଗ୍ରହ ଯାହା ଧର୍ମଭାବ ଦର୍ଶାଉଛନ୍ତି । ଜଳରାଶିରେ ଏକା ଶନି ଯେ ମୋକ୍ଷକାମୀ ସୂଚକ, ପୃଥ୍ୱୀ ରାଶିରେ ଚନ୍ଦ୍ର ଏକା ବଳବାନ ସ୍ଥିର ଅର୍ଥ ରାଶିରେ, ବାୟୁ ରାଶିରେ ଦୁଇ ପରସ୍ପର ବିରୋଧ ଗ୍ରହ ଗୁରୁବୃହସ୍ପତି ଓ ମାୟାବୀ ରାହୁ ଯେ କାମ (ସେକ୍ସ) ଜୀବନ ସଂସାରୀ ଦେହୀଙ୍କୁ ଆକ୍ରାନ୍ତ କରିବ ଶୁଦ୍ଧ କାମ ଠାରୁ ଅଶୁଦ୍ଧ କାମ ପ୍ରଭାବ ଅନଙ୍ଗଙ୍କ ବହୁଅଙ୍ଗ ଖୋଜିବ, ମାତିବେ ମଦନ ଭୃଙ୍ଗଣ୍ଡା, କାମାତୁର ଯୁବତୀ, କାଣ୍ଡ ଲଗାଇବେ, ଜାତି, ଧର୍ମ, ଆଚାର, ବିଚାରରେ ସ୍ୱର ଏ ପାଇଁ ଉଠିବ । ବିବାଦ ଛାଡ଼ିବନାହିଁ ପରସ୍ପର ବିରୋଧ ଗ୍ରହମାନେ ଏକ ଘରେ ଅଗ୍ନୀ ରାଶିରେ ରହି କେହି ମୁଁ କାର ଛାଡ଼ିବେ ନାହିଁ । ମଙ୍ଗଳ ଶୁକ୍ର ପରସ୍ପର ମୂଳତ୍ରିକୋଣର ସମ୍ମୁଖ ରାଶିର ଗ୍ରହ ପୁରୁଷ ପଣିଆ ଦେଖାଇବାରେ ପୁଣି ବିଯୁକ୍ତ ରାଶି ବୃଷର ମାଲିକ ଶୁକ୍ର, ବିଯୁକ୍ତ ରାଶିର ମାଲିକ ମଙ୍ଗଳ ପରସ୍ପର ବାଦୀ ପ୍ରତିବାଦୀ ଏକତ୍ରିତ ଅଗ୍ନି ଓ ଧର୍ମରାଶିରେ ଏକାଠି ହେବା ଖୋଳିଦ୍ୱନ୍ଦ୍ୱ ଗର୍ଜନ ଜନତାଙ୍କୁ ଉତେଜିତ ଶକ୍ତି ରାଜ ବିରୋଧ କରାଇବ ଓ ରାଜ ଠେଙ୍ଗେଶୀ ଦୁଲଦ୍ରେଳର ଲୁହାମଛ ବୁଲିବ । ଗର୍ଜନ ରବରେ ଗାଳି କନ୍ଦି କମିବ, ଆହୁରି ବହୁତ କଥା ପରଲେଖାକୁ ରହିଲା ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

ସୁଦୂର ପ୍ରସାରି ହୋଇପାରୁନି ବନାଟି

॥ ଗୋପୀନାଥ ଦାଶ ॥

ବନାଟି କ'ଣ : ଆସନ୍ତୁ ସର୍ବ ପ୍ରଥମେ ଜାଣିବା ? ଏକ ବଉଡିର ଦୁଇ ପାର୍ଶ୍ୱରେ ଦୁଇଟି ପେଣ୍ଡୁ ଆକୃତିର ପଦାର୍ଥ ଥାଏ । ଯାହା କପଡ଼ାରେ ତିଆରି ହୋଇ ଦୁଇ ପାର୍ଶ୍ୱରେ ବନ୍ଧା ଯାଇଥାଏ । ଏହାକୁ ଗୋଟିଏ କିମ୍ବା ଦୁଇ ହାତରେ ଧରି ବୁଲାଯାଏ । ଏହା ଦୁଇ ପ୍ରକାର । ପ୍ରଥମଟି ହେଉଛି ପିଣ୍ଡୁଳା ବନାଟି ଓ ଅନ୍ୟଟି ହେଉଛି ହୁଳା ବନାଟି । ପିଣ୍ଡୁଳା ବନାଟିରେ ଅଗ୍ନିସଂଯୋଗ ହୋଇ ନଥାଏ । କିନ୍ତୁ ହୁଳା ବନାଟିରେ ଅଗ୍ନି ସଂଯୋଗ ହୋଇଥାଏ । ଏହାକୁ ଅଭ୍ୟାସ କରିଥିବା ଜଣେ ପ୍ରତିଯୋଗୀ ଗୋଟିଏ କିମ୍ବା ଦୁଇ ହାତରେ ବୁଲାଇଥାନ୍ତି । ଏହି ଖେଳ ଦ୍ୱାରା ଶାରୀରିକ ବ୍ୟାୟାମ ହୋଇଥାଏ ଓ ଶରୀର ସୁସ୍ଥ ରହିଥାଏ ।

ବନାଟି ଖେଳ । ଏହା ଏକ ସମର କଳା । ବ୍ୟୁହ ଯୁଦ୍ଧ ସମୟରେ ଏହାକୁ ପ୍ରୟୋଗ କରାଯାଏ । ଶତ୍ରୁ ପକ୍ଷରୁ ଆସୁଥିବା ଟେଂଟା, ବର୍ଛା, ତୀର ଓ ଅନ୍ୟାନ୍ୟ ଅସ୍ତ୍ର ଏହାଦ୍ୱାରା ପ୍ରତିହତ ହୋଇଥାଏ । ଯାହା ଶତ୍ରୁକୁ ମୁକାବିଲା କରିବାରେ ସାହାଯ୍ୟ କରିଥାଏ । ପୁରାଣ ଯୁଗରେ ଅସୁରଙ୍କ ସେନାପତି ରାହୁ ଓ ଦେବତାଙ୍କ ସେନାପତି କାର୍ତ୍ତିକ ଏହି କୌଶଳକୁ ଯୁଦ୍ଧ ସମୟରେ ଅଧିକ ପ୍ରୟୋଗ କରୁଥିଲେ ବୋଲି କିମ୍ବଦନ୍ତୀର ତଥ୍ୟ ରହିଛି । ଏହି କ୍ରୀଡ଼ା ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି । ପୁରୀରେ ଏହି କ୍ରୀଡ଼ା ବହୁଳ ଭାବେ ଦେଖିବାକୁ ମିଳୁଥିବାବେଳେ ଅନ୍ୟ ଜିଲ୍ଲାଗୁଡ଼ିକରେ କାଁ ଭାଁ ଦେଖିବାକୁ ମିଳୁଛି । ରାଜ୍ୟ ସରକାର ଏଥିପ୍ରତି ଧ୍ୟାନ ଦେଉ ନଥିବାରୁ ଏହା ଜନମାନସରୁ ଉଭେଇ ଯିବାକୁ ଲାଗିଲାଣି । ଏହି ଖେଳକୁ ସୁଦୂର ପ୍ରସାରି କରିବାପାଇଁ ଓଡ଼ିଶା ବନାଟି ଆସୋସିଏସନ ପକ୍ଷରୁ ଦେବଗଡ଼, କଟକ, ଖୋର୍ଦ୍ଧା, ଭଦ୍ରକ, ଜଗତସିଂହପୁର, ଢ଼େଙ୍କାନାଳ, ଗଞ୍ଜାମ ଇତ୍ୟାଦି ଜିଲ୍ଲାରେ ସ୍କୁଲ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ଦିଆଯାଉଛି । ଅନ୍ୟ ଜିଲ୍ଲା ଚାହିଁଲେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କୁ ଏହି ଶିକ୍ଷା ବିନା ଅର୍ଥରେ ପ୍ରଦାନ କରାଯାଇପାରିବ ବୋଲି ଆସୋସିଏସନ ପକ୍ଷରୁ କୁହାଯାଇଛି ।

ଏହି କଳାର ଲୋକପ୍ରିୟତା ଯୋଗୁଁ ୨୦୦୭ରେ କେରଳରେ ଅନୁଷ୍ଠିତ ଜାତୀୟ ସଂହତି କ୍ୟାମ୍ପରେ ଓଡ଼ିଶା ପକ୍ଷରୁ ଏହା ପ୍ରଦର୍ଶିତ କରାଯାଇଥିଲା । ସେହିପରି ୨୦୦୯ରେ ପଞ୍ଜାବର ଅମୃତସର, ୨୦୧୦ରେ ଭୁବନେଶ୍ୱର, ୨୦୧୨ରେ ମାଙ୍ଗାଲୋରରେ ଅନୁଷ୍ଠିତ ଜାତୀୟ ଯୁବ ଉତ୍ସବରେ ପୁରୀର ପ୍ରତିଯୋଗୀମାନେ ଏହି କଳା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ । ଅନ୍ୟ କ୍ରୀଡ଼ା ପରି ବନାଟିକୁ କ୍ରୀଡ଼ାର ମାନ୍ୟତା ଓ ଏହାର ଉନ୍ନତି ପାଇଁ ରାଜ୍ୟ ସରକାର ଚିନ୍ତା କରିବା ଦରକାର । ବନାଟିର ଉନ୍ନତି ପାଇଁ ସରକାର ପ୍ରତିବର୍ଷ ବନାଟି ଆସୋସିଏସନକୁ ଅନୁଦାନ ପ୍ରଦାନ କରୁଛନ୍ତି । କିନ୍ତୁ ଏହା କେବଳ ପୁରୀ ଓ ନିର୍ଦ୍ଦିଷ୍ଟ କେତୋଟି ଜିଲ୍ଲାରେ ସୀମିତ ଅଛି । ଯଦି ଏହା ବିଭିନ୍ନ ରାଜ୍ୟ ଓ କେତେକ ଦେଶରେ ପ୍ରଚଳିତ ହେବ ତାହାଲେ ଏହାକୁ କ୍ରୀଡ଼ାର ମାନ୍ୟତା ଦିଆଯିବା ପାଇଁ ସରକାର ଚିନ୍ତା କରିବେ । ଏହି କଳାକୁ କ୍ରୀଡ଼ା ବିଭାଗରେ ସାମିଲ କରିବା ପାଇଁ ରାଜ୍ୟ ସରକାରଙ୍କୁ ସବୁ ମହଲରୁ ଅନୁରୋଧ ହେଉଛି । କିନ୍ତୁ ସରକାର ଏହାକୁ ଏକ ସାମରିକ କଳା ବୋଲି ଅଭିହିତ କରୁଛନ୍ତି ।

ପଲାଇ, ବଉଦା, ଯାଜପୁର, ମୋ : ୮୮୯୫୨୯୬୧୬୭

ଅବିଶ୍ୱାସରୁ ବିଶ୍ୱାସ ଓ ଲୀଳାମୟ ପ୍ରଭୁ ଶ୍ରୀସତ୍ୟସାଇ

॥ ସୌର ଚନ୍ଦ୍ର ମହାପାତ୍ର ॥

ଭଗବାନ ଶ୍ରୀସତ୍ୟସାଇ ବାବା ସମଗ୍ର ବିଶ୍ୱକୁ ବାର୍ତ୍ତା ଦେଇ କହିଛନ୍ତି – 'ସତ୍ୟ ମୋର ପ୍ରଚାର, ଧର୍ମ ମୋର ଆଚାର, ଶାନ୍ତି ମୋର ସ୍ୱଭାବ, ପ୍ରେମ ମୋର ସ୍ୱରୂପ' । ବାବା ପୁଣି କହିଛନ୍ତି – 'ତମେ ମୋ ପାଖକୁ ପାଦେ ଆସିଲେ – ମୁଁ ତୁମ ପାଖକୁ ଶହେ ପାଦ ଯିବି' । ସ୍ୱାମୀଙ୍କର ପ୍ରାତଃ ସ୍ମରଣୀୟ ବାଣୀଟି ହେଉଛି – 'ଯେଉଁଠି ବିଶ୍ୱାସ ଅଛି – ସେଠାରେ ପ୍ରେମ ଅଛି, ଯେଉଁଠି ପ୍ରେମ ଅଛି – ସେଥିରେ ଶାନ୍ତି ଅଛି, ଯେଉଁଠି ଶାନ୍ତି ଅଛି – ସେଠାରେ ସତ୍ୟ ଅଛି, ଯେଉଁଠି ସତ୍ୟ ଅଛି – ସେଠାରେ ଆନନ୍ଦ ଅଛି, ଯେଉଁଠି ଆନନ୍ଦ ଅଛି – ସେଠାରେ ଈଶ୍ୱର ଅଛନ୍ତି' । ଭଗବାନ ବାବାଙ୍କର ଏ ଦିବ୍ୟ ବାଣୀ କିପରି ଭାବରେ ମୋର ବ୍ୟକ୍ତିଗତ, ପାରିବାରିକ, ସାମାଜିକ ଓ ବୃତ୍ତିଗତ ଜୀବନକୁ ପ୍ରଭାବିତ କରିଛି ତାହା ଉଲ୍ଲେଖ କରୁଛି ।

୧୯୭୧ ମସିହାର କଥା । ବିଦ୍ୟାଳୟ ପାଠପରେ ମହାବିଦ୍ୟାଳୟ ଶିକ୍ଷା ଆରମ୍ଭ ହୁଏ । ଭଗବାନ ବାବାଙ୍କ ଲାଲରଙ୍ଗର ଲମ୍ବା ଗାଉନ ମୁଣ୍ଡରେ ଆଫ୍ରିକୀୟ ଲୋକଙ୍କ ଭଳି ବାଳର ଫଟୋ ଦେଖି ମୋତେ ଲାଗୁଥିଲା ସେ ଜଣେ ବହୁରୂପୀ, ଯାଦୁକରୀ ବ୍ୟକ୍ତି ଯିଏକି ଲୋକଙ୍କୁ ଆକର୍ଷିତ କରିବା ପାଇଁ ନିଜକୁ ସଜାଇଛନ୍ତି । ଲୋକଙ୍କ ଠାରୁ ତାଙ୍କର ଅଲୌକିକ ମହିମା ଶୁଣିଲେ ଲାଗୁଥିଲା ସେ ଜଣେ ଦକ୍ଷ ମ୍ୟାଜିକସିଆନ । ସେତେବେଳର ପ୍ରକାଶିତ ବହୁଳ ପ୍ରଚାରିତ ପିରିୟଡ଼ିକାଲ ମାଗାଜିନ 'ବ୍ଲିଜ୍'ରେ ଆର.କେ. କରଞ୍ଜିଆଙ୍କ ଲେଖା ପଢ଼ି ମୋ ମନରେ ଦୃଢ଼ ଧାରଣା ହୋଇଥିଲା ଯେ ବାବା ଜଣେ ଫ୍ରଡ୍ । ତେଣୁ ଯୁବ ସୁଲଭ ମନରେ ସେତେବେଳେ ତାଙ୍କ ପ୍ରତି ସନ୍ଦେହ ଓ ଅବିଶ୍ୱାସ ଭରି ଯାଇଥିଲା । ସେହିବର୍ଷ ଆମ ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷା ପାଇଁ ବୋର୍ଡ଼ ତରଫରୁ ନୂଆ ଭାବେ ସ୍ଥିରୀକୃତ ହୋଇଥିଲା । ସେ ସମୟରେ ମାଟ୍ରିକ ପରୀକ୍ଷା ଏକ ବିଶେଷ ଆଲୋଚନାର ବିଷୟ ରହୁଥିଲା । ସେଥିପାଇଁ ପରୀକ୍ଷାର୍ଥୀଙ୍କ ପିତାମାତା, ଅଭିଭାବକ ଓ ଅଭିଭାବିକା ତଥା ସମ୍ପର୍କୀୟ ମାନଙ୍କର ପରୀକ୍ଷା କେନ୍ଦ୍ର ପାଖରେ ଭୁଣ୍ଡ ହେଉଥିଲେ । ସେଠାରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ଓ କଲରେ କିପରି ପରୀକ୍ଷା ହେବ, ଆମେ କିଛି ସ୍ଥାନୀୟ ଲୋକ ଓ ପୁରାତନ ଛାତ୍ର ସ୍କୁଲ ବାହାରେ ଉପସ୍ଥିତ ଥିଲୁ । ହଠାତ୍ କୌଣସି କାରଣରୁ ଆମ ଭିତରେ କଥା କଟାକଟି ଓ ଯୁକ୍ତିତର୍କ ଆରମ୍ଭ ହୋଇଗଲା । ମୋ ସହିତ ଜଣେ ଅଧିକ ଯୁକ୍ତିତର୍କ କରିବାରେ ଲାଗିଲେ । ସେତେବେଳେ ମୋର ଯୁବସୁଲଭ ଗୁଣରେ ମୁଁ ଭାରି କ୍ରୋଧୀ, ଅହଂକାରୀ ଓ ଗର୍ବୀ ଥିଲି । ଏହି କଥାବାର୍ତ୍ତା ସମୟରେ ସେହି ଯୁବକଙ୍କ ସହିତ ଯୁକ୍ତି କଲାବେଳେ ତାଙ୍କ ହାତରେ ଏକ ବହି ଦେଖିଲି ଯେଉଁଥିରେ ଲେଖା ଥିଲା – 'ସାଇବାବା – ମ୍ୟାନ ଅଫ ମିରାକିଲ୍ସ' ଓ ବହିର କଭରରେ ସତ୍ୟସାଇ ବାବାଙ୍କ ରଙ୍ଗୀନ ଫଟୋ ଥିଲା । ମୁଁ ରାଗରେ ହିତାହିତ ଭୁଲି ସେହି ଯୁବକଙ୍କୁ ଆକ୍ଷେପ କରି କହିଲି ତୁମେ ଜଣେ ଠକ ଓ ଭଣ୍ଡ ତେଣୁ ତୁମେ ଏପରି ଭଣ୍ଡ ଓ ଠକଙ୍କ ବହିଧରି ବୁଲୁଛ । ସେହି ଯୁବକ ଜଣଙ୍କ ମୋର ଏପରି ଅଭଦ୍ର ଓ ଅଶାଳୀନ କଥାରେ ବିଚଳିତ ନ ହୋଇ ମୋତେ ଭଗବାନ ବାବାଙ୍କ ପ୍ରତି ଏପରି ଅଶାଳୀନ ଶବ୍ଦ ବ୍ୟବହାର କରିବାର ପ୍ରଶ୍ନ କରି କହିଲେ – 'ସତ୍ୟସାଇଙ୍କ ବିଷୟରେ କିଛି ଜାଣନ୍ତି ?' ମୋର ଉତ୍ତର ଥିଲା – 'ଅନେକ ଲୋକଙ୍କ ଠାରୁ ଓ ବ୍ଲିଜ ପତ୍ରିକାରୁ ଜାଣିଛି ।' ସେହି ଯୁବକଙ୍କର ଉତ୍ତର ଥିଲା ଏହି ଜ୍ଞାନ ତୃତୀୟ ଲୋକଙ୍କ ଠାରୁ ପାଇ ଏହାକୁ ସତ୍ୟ ବୋଲି ଭାବୁଛ । ଯଦି ସତ୍ୟ ଜାଣିବାକୁ ଚାହୁଁଛ ପ୍ରଶାନ୍ତି ନିଳୟମ୍ ଯାଇ ବାବାଙ୍କୁ ଦେଖି ପାର୍ଥିବ ଜ୍ଞାନ ଆହରଣ କର । ଏତିକିରେ ସେ ସେଠାରୁ ପଳାଇଗଲେ ।

ଏହାର କିଛି ବର୍ଷ ପରେ ମୋର ବଡ଼ ଭଉଣୀର ବାହାଘର ହେଲା । ପ୍ରଥା ଅନୁସାରେ ତାର ଚତୁର୍ଥୀ ଦିନ ମୁଁ ମୋର ଭଉଣୀର ଶାଶୁଘରକୁ ଯାଇଥିଲି । ସେଠାରେ ହଠାତ୍ ଯେଉଁ ଯୁବକଙ୍କ ସହିତ ଯୁକ୍ତିତର୍କ ହୋଇଥିଲା ତାଙ୍କୁ ମୋ ଭଉଣୀ ଘରେ ଦେଖିଲି । ଜାଣିବାକୁ ପାଇଲି ସେ ହେଉଛନ୍ତି ମୋ ଭଉଣୀର ଦିଅର । ଏଠାରେ ଉଲ୍ଲେଖ ରଖୁଛି ସେହି ଯୁବକଙ୍କୁ ବିବାହ ପ୍ରସ୍ତାବ, ନିର୍ବନ୍ଧ ବା ବିବାହ ସମୟରେ ଦେଖିନଥିଲି । ମାତ୍ର ପରେ ଶୁଣିଲି ସେ ସବୁ କାର୍ଯ୍ୟରେ ଯୋଗଦାନ ପୂର୍ବକ ସକ୍ରିୟ କାର୍ଯ୍ୟ ସମ୍ପାଦନ କରିଥିଲେ । ମୋର ସେ ଯୁବକଙ୍କ ପ୍ରତି ଆକର୍ଷଣ ନଥିଲା ମନରେ ଥିଲା ସନ୍ଦେହ । ପୂର୍ବକାଳରେ ମୋର ଅହଂକାର ଓ ବାବାଙ୍କ ପ୍ରତି ଯେଉଁ ନକରାତ୍ମକ ଧାରଣା ଥିଲା ତାକୁ ସାବ୍ୟସ୍ତ କରି ମୋର ଭଉଣୀର ଦିଅରରୁ ପ୍ରମାଣ ସଂଗ୍ରହ କରି ମୋ ଯୁକ୍ତି ମାଧ୍ୟମରେ ବାବା ଫ୍ରଡ୍ ବୋଲି ପ୍ରମାଣ କରିବା ପାଇଁ ଆଗ୍ରହ ଦୃଢ଼ୀଭୂତ ହେଲା । (ପ୍ରକାଶ ଥାଉକି ମୋ ଭଉଣୀର ଦିଅର ହେଉଛନ୍ତି ପ୍ରଦୀପ କୁମାର ଦାସ ଯିଏ କି ପ୍ରାକ୍ତନ ଜିଲ୍ଲା ସଭାପତି, ଜଗତସିଂହପୁର, ସତ୍ୟସାଇ ସେବା ସଙ୍ଗଠନ ଓ ବାବାଙ୍କର ସମରକୋର୍ସିର ଜଣେ ଛାତ୍ର) ।

ଭଗବାନଙ୍କ ଅନୁଭୂତି ମୋ ଜୀବନରେ ଅନେକ ରହିଛି ତାକୁ ଲେଖି ବସିଲେ ଅନେକ ପୃଷ୍ଠା ଲାଗିଯିବ । ମାତ୍ର ଏତିକି ସମୟ ଭିତରେ ମୁଁ ଯେତିକି ଜାଣିଛି, ଯେତିକି ବୁଝିଛି ଭଗବାନ ହେଉଛନ୍ତି ସତ୍ୟର ଶିକ୍ଷାଦାତା, ଧର୍ମର ମୂର୍ତ୍ତିମନ୍ତ ପ୍ରତୀକ, ଶାନ୍ତିର ସ୍ୱଭାବ, ପ୍ରେମର ସ୍ୱରୂପ ତାଙ୍କର ସାନ୍ନିଧ୍ୟ, ତାଙ୍କର ଦର୍ଶନ, ସ୍ପର୍ଶନ, ସମ୍ଭାଷଣ ପାଇଁ ମୋ ଜୀବନକୁ ଧନ୍ୟ ମନେ କରୁଛି । ଯଥାର୍ଥରେ ଆମ ସମସ୍ତଙ୍କ ପାଇଁ ଆମେ ସମସ୍ତେ ଏକ ଓ ସେହି ବିଶ୍ୱନିୟନ୍ତାଙ୍କ ସନ୍ତାନ ସନ୍ତତିମଣି କିଛି କିଛି ସ୍ୱାର୍ଥତ୍ୟାଗ ସ୍ୱୀକାର କରିବାକୁ ପଡ଼ିବ । ନିଃସ୍ୱାର୍ଥପର ସେବା ସଦୃଶ ମହତ୍ କର୍ମ ସମ୍ପାଦନ କଲାବେଳେ ଅନେକ ବାଧା ବ୍ୟତିକ୍ରମ ଉପୁଜିପାରେ ଏଥିପାଇଁ ହତାଶ ନ ହୋଇ ବରଂ ଆମର ଏକ ମାତ୍ର ଲକ୍ଷ୍ୟ ଭଗବାନଙ୍କ କୃପା ପ୍ରାପ୍ତିକୁ ମନେରଖି ଏଥିରୁ ଓହରି ଯିବା ଉଚିତ ନୁହେଁ । ସେ ହେଉଛନ୍ତି ସର୍ବୋଚ୍ଚ କର୍ତ୍ତା ତାଙ୍କର ମାଧ୍ୟମ ହୋଇ ଜୀବନକୁ କୃତାର୍ଥ କରୁ ଓ ଜଗତର ହିତ ସାଧନ କରିଥାଉ । ତାହା ହିଁ ମାନବ ଜୀବନର ଉଦ୍ଦେଶ୍ୟ ଓ ବଂଚିବାର ପ୍ରଣାଳୀ ଓ ସାର୍ଥକତା ।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬

ଧାମନଗରରେ ଜିଲ୍ଲା ଓ ବ୍ଲକ ଠିକାଦାର ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ

ଭଦ୍ରକ, ୧୧/୦୫(ଆ.ପ୍ର) : ଏହି ଜିଲାର ଧାମନଗର ଠାରେ ଭଦ୍ରକ ଜିଲ୍ଲା ଠିକାଦାର ସଂଘର ସହଯୋଗରେ ଧାମନଗର ଠିକାଦାର ସଂଘର ଏକ ଜରୁରୀକାଳୀନ ବୈଠକ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସଂଘର ପ୍ରାୟ ୨୦୦ରୁ ଅଧିକ ଠିକାଦାର ଯୋଗ ଦେଇ ବିଭିନ୍ନ ବିଭାଗୀୟ ସମସ୍ୟା ଓ ନିର୍ମାଣ କାର୍ଯ୍ୟର ଗୁଣାତ୍ମକ ମାନ ବଜାୟ ରଖିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି ।ବୈଠକରେ ମୁଖ୍ୟତଃ ବିଭିନ୍ନ ସରକାରୀ କାର୍ଯ୍ୟର ମାନ ବଜାୟ ରଖିବା ପାଇଁ ସିଡିଲ ରେଟ୍‌ରେ ଟେଣ୍ଡର ପକାଇବାକୁ ନିଷ୍ପତ୍ତି ନିଆଯାଇଛି । ସାମ୍ପ୍ରତିକ ସ୍ଥିତିରେ ଅତ୍ୟଧିକ କମ୍ ଦରରେ ଟେଣ୍ଡର ପକାଇବା ଦ୍ୱାରା କାର୍ଯ୍ୟର ମାନ ପ୍ରଭାବିତ ହେବାର ଆଶଙ୍କା ରହୁଛି । ତେଣୁ ସମସ୍ତ ଠିକାଦାର ଏକଜୁଟ ହୋଇ ୧୪.୯୯ ପ୍ରତିଶତ ମଧ୍ୟରେ ଟେଣ୍ଡର ପକାଇଲେ କାମର ମାନ ଠିକ୍ ରହିବ ବୋଲି ମତ ପ୍ରକାଶ ପାଇଛି । ଯଦି ସବୁ ଠିକାଦାର ସଂଗଠିତ ହୋଇ ଉଚିତ୍ ଦରରେ କାର୍ଯ୍ୟ କରିବେ, ତେବେ ଭିତିଭୂମି ବିକାଶରେ ସଠିକ୍ ସହଯୋଗ ହୋଇପାରିବ । ଏଥିସହିତ ବିଭାଗୀୟ ଅଧିକାରୀ ଏବଂ ସରକାର ମଧ୍ୟ ଠିକାଦାର ମାନଙ୍କର ଏହି ନ୍ୟାଯ୍ୟ ଦାବି ଏବଂ ଗୁଣାତ୍ମକ କାର୍ଯ୍ୟ ପ୍ରତି ଥିବା ଆଭିମୁଖ୍ୟକୁ ସମର୍ଥନ କରିବାକୁ ବୈଠକରେ ଅନୁରୋଧ କରାଯାଇଛି ।ଏହି ବୈଠକରେ ସଂଘର ବରିଷ୍ଠ କର୍ମକର୍ତାମାନେ ଉପସ୍ଥିତ ରହି ଠିକାଦାରମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ଆହ୍ୱାନ ଦେଇଥିଲେ ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଶିକ୍ଷକ ଏବଂ ଅଣ ଶିକ୍ଷକ କର୍ମଚାରୀଙ୍କ ମିଳିତ ପ୍ରତିବାଦ ସଭା

ଗୋପାଳପୁର, ୧୧/୦୫(ଆ.ପ୍ର) : ଓଡିଶାର ସରକାରୀ ଅନୁଦାନ ମିଳୁଥିବା ବିଶ୍ୱବିଦ୍ୟାଳୟ ଗୁଡିକରେ ମାସିକ ଦରମା ମିଳିବାରେ ବିଳମ୍ବ ହେବାରୁ ନିଖିଳ ଓଡିଶା ବିଶ୍ୱବିଦ୍ୟାଳୟ କର୍ମଚାରୀ ମହାସଂଘର ଆହ୍ୱାନକ୍ରମେ ଆଜି ପୂର୍ବାହ୍ନରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀ ସଂଘ ମିଳିତ ଭାବେ ପ୍ରତିବାଦ କରିଛନ୍ତି । ସରକାରଙ୍କ ରାଜ୍ୟର ବିଶ୍ୱବିଦ୍ୟାଳୟ କର୍ମଚାରୀ ମାନଙ୍କ ପ୍ରତି ଦୀର୍ଘ ଦିନଧରି ଥିବା ବୈମାତୃକ ମନୋଭାବ ବିରୁଦ୍ଧରେ ସ୍ୱର ଉତ୍ତୋଳନ ହୋଇଥିଲା । ରାଜ୍ୟରେ ସବୁ ସରକାରୀ କର୍ମଚାରୀ ମାନଙ୍କୁ ଟଟଙ୍କ ବ୍ୟବସ୍ଥା, ଘଟଙ୍କ ପେନସନ ବ୍ୟବସ୍ଥା ଥିବା ବେଳେ ବିଶ୍ୱବିଦ୍ୟାଳୟ କର୍ମଚାରୀମାନଙ୍କୁ ଏଥିରୁ ବାଦ ଦିଆଯାଇଛି । ଏହା ଅତ୍ୟନ୍ତ ଦୁଃଖଦାୟକ ବୋଲି ନିଖିଳ ଓଡିଶା କର୍ମଚାରୀ ମହାସଂଘର ସଭାପତି ଡ ମିହିର କୁମାର ତ୍ରିପାଠୀ ଜଣାଇଛନ୍ତି । ଏହି ପ୍ରତିବାଦ ସଭାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘର ସଭାନେତ୍ରୀ ପ୍ରଫେସର ଜୋସ୍ନା ସାହୁ, ଉପସଭାପତି ଡ ଜୟନ୍ତ କୁମାର ପଣ୍ଡା, ଡ ସତ୍ୟ ନାରାୟଣ ସାହୁ, ଡ ମୃତ୍ୟୁଞ୍ଜୟ ଜେନା ପ୍ରମୁଖ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ସଭାପତି ବି. ତେଜେଶ୍ୱର ରାଓ, ସମ୍ପାଦକ ସତ୍ୟ ନାରାୟଣ ଶତପଥୀ, ଉପଦେଷ୍ଟା ବିଶ୍ୱବିହାରୀ ବିଷୋୟୀ, ଭଦ୍ର ପ୍ରସାଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । କର୍ମଚାରୀ ସଂଘ ତରଫରୁ ଏକ ସ୍ମାରକ ପତ୍ର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଛି । ଆଗାମୀ ଦିନରେ ରାଜ୍ୟ ବିଶ୍ୱବିଦ୍ୟାଳୟ କର୍ମଚାରୀଙ୍କ ବିଭିନ୍ନ ଦାବି ନେଇ ସରକାରଙ୍କୁ ସାକ୍ଷାତ କରି ଦାବିପତ୍ର ଦିଆଯିବ ବୋଲି ନିଖିଳ ଓଡିଶା ବିଶ୍ୱବିଦ୍ୟାଳୟ କର୍ମଚାରୀ ମହାସଂଘର ସଭାପତି ଡ ତ୍ରିପାଠୀ ଜଣାଇଛନ୍ତି ।

ଏରସମା ଯୁବ ବିଜୁ ଜନତା ଦଳର ପଂଚାୟତସ୍ତରୀୟ କର୍ମକର୍ତା ଚୟନ ପାଇଁ ଜୋନ୍ ସ୍ତରୀୟ କମିଟି ଗଠିତ

ଏରସମା, ୧୧/୦୫(ଆ.ପ୍ର) : ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନାଙ୍କ ନିର୍ଦ୍ଦେଶ କ୍ରମେ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ଯୁବ ବିଜୁଜନତା ଦଳର ସଭାପତି ପାର୍ଥ ସାରଥୀ ରାଉତଙ୍କ ସଭାପତିତ୍ୱରେ ବିଧାୟକଙ୍କ ଏରସମା ସ୍ଥିତ କାର୍ଯ୍ୟାଳୟରେ ଏରସମା ବ୍ଲକ ଯୁବ ବିଜୁଜନତା ଦଳର ପଂଚାୟତସ୍ତରୀୟ କର୍ମକର୍ତା ଚୟନ ପାଇଁ ଜୋନ୍‌ସ୍ତରୀୟ କମିଟି ଗଠନ କରାଯାଇଛି । ଏହି କମିଟିର ମୁଖ୍ୟ ଉଦ୍ଦେଶ୍ୟ ପଂଚାୟତ ସ୍ତରୀୟ ଯୁବ, ଛାତ୍ର କମିଟି ଏବଂ ପଂଚାୟତ ଯୁବ ସଭାପତି ଓ ଛାତ୍ର ସଭାପତି ଚୟନ । ବିଧାୟକ ଶ୍ରୀ ଜେନାଙ୍କ ନିର୍ଦ୍ଦେଶ କ୍ରମେ ୪ ନଂ ଜୋନର ଲୋକନାଥ ରାଉତ, ମାନସ ମହାନ୍ତି, ଅନିତ୍ ପାତ୍ର, ଶ୍ୟାମସୁନ୍ଦର ରାଉତ, ଅନିଲ୍ ରାଉତ ୩ ନଂ ଜୋନର ରାଜେଶ ସ୍ୱାଇଁ, ଚନ୍ଦନ ମଲ୍ଲିକ, ମନୋଜ ମହାନ୍ତି, ବିକ୍ରମ ଦଳାଇ, ରାଜେଶ ବାରିକ ୨ ନଂ ଜୋନର ଜୀବନ ନାୟକ, ରାଜନ ସାମଲ, ପ୍ରଦୀପ ସ୍ୱାଇଁ, ଶ୍ରୁଶାନ୍ତ ସାହୁ ୧ ନଂ ଜୋନର ପ୍ରକାଶ ପରିଡ଼ା, ସୁବାସ ସାହୁ, ସୌରଭ ସାହୁ, ଶୁଭ୍ରଜିତ ସ୍ୱାଇଁଙ୍କୁ ନିଯୁକ୍ତି କରାଯାଇଛି ।

ଡାବୁଗାଁ ଠାରେ ଅତିରିକ୍ତ ଜିଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ନବରଙ୍ଗପୁର, ୧୧/୦୫(ଆ.ପ୍ର) : ଡାବୁଗାଁ ପଂଚାୟତ ସମିତି ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ପ୍ରମୋଦ କୁମାର ପୃଷ୍ଟି ଏବଂ ଆରକ୍ଷୀ ଅଧିକ୍ଷକ ମନ୍ଦାର ରଙ୍ଗଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଶ୍ରୀ ନିତ୍ୟାନନ୍ଦ ଦାଶ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ବି ଡି ଓ ଶ୍ରୀ ସମ୍ରାଟ କୁମାର ପାତ୍ରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ଶିବିରରେ ମୋଟ ୨୭ଜଣ ଅବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ୧୬ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଓ ୧୧ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ବନ୍ଧିତ ଥିଲା । ୦୬ଟି ଅଭିଯୋଗର ସମାଧାନ ତତକ୍ଷଣାତ କରାଯାଇଥିଲା । ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ଦିବ୍ୟାଙ୍ଗଙ୍କୁ ୪ଟି ହୁଇଲ ଚେୟାର ପ୍ରଦାନ କରାଯାଇଥିଲା ।

ଦୁଇ ଶିକାରୀଙ୍କୁ ଗିରଫ କରିବା ସହ ଦୁଇଟି ଦେଶୀ ବନ୍ଧୁକ ଜବତ

ବାଲିଗୁଡା, ୧୧/୦୫(ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ବନ ବିଭାଗ ଦ୍ୱାରା ସୋମବାର ଦୁଇ ଶିକାରୀଙ୍କୁ ଗିରଫ କରିବା ସହ ଦୁଇଟି ଦେଶୀ ବନ୍ଧୁକ ଜବତ କରିଛନ୍ତି । ସୂଚନା ପ୍ରକାରେ ବାଲିଗୁଡା ବନାଂଚଳ କାର୍ଯ୍ୟାଳୟର କର୍ମଚାରୀ ମାନେ ଡାକା ଜଙ୍ଗଲରେ ରାତି ପେଟ୍ରୋଲିଙ୍ଗ କରିବା ସମୟରେ ଦୁଇ ଜଣ ଯୁବକ ଜଙ୍ଗଲରେ ନିଆଁ ଲଗାଇ ଜଙ୍ଗଲ ଜନ୍ତୁଙ୍କୁ ଶିକାର କରିବାକୁ ପ୍ରସ୍ତୁତ ହେଉଥିଲେ । ଏହି ସମୟରେ ବନ ବିଭାଗର କର୍ମଚାରି ମାନେ ଏହି ଦୁଇ ଯୁବକ ସୁଇଲା ମଲିକ (୨୮)ଓ ଲକ୍ଷ୍ମଣ କହଁର (୨୮) କୁ ଗିରଫ କରିବା ସହ ସେମାନଙ୍କ ଠାରୁ ଦୁଇଟି ବନ୍ଧୁକ ଓ କିଛି ସାମଗ୍ରୀ ଜବତ କରିଛନ୍ତି । ଏ ନେଇ ବାଲିଗୁଡା ବନ ବିଭଗ କେଶ ନଂ. ୧୭/୨୬ପ୍ରକାରେ ଏକ ମାମଲା ରୁଜୁ କରି ଏସଡିଜେଏମ କୋର୍ଟକୁ ଚାଲାଣ କରିଥିବା ନେଇ ବନାଂଚଳ ଅଧିକରୀ ଡି.ସୁବାଷ ସୂଚନା ଦେଇଛନ୍ତି । ଏହି ଚଢ଼ାଉ ସମୟରେ ବନପାଳ ଟିକେଶ୍ୱର ବେହେରା, ଗାର୍ଡ ସୁରେଶ ମୁଠାମାଝି, ଯୁଧିଷ୍ଠିର ଦିଗାଲ, ଓ ନାସିମୁଲ ହକ ପ୍ରମୁଖ ସାମିଲ ଥିଲେ ।

ଉଦଘାଟନ ନ ହୋଇ କାର୍ଯ୍ୟକ୍ଷମ ହେଲା ମାତୃ ଓ ଶିଶୁ ଗୃହ

ଦଶପଲ୍ଲା, ୧୧/୦୫(ଆ.ପ୍ର) : ରାଜ୍ୟର ବିଭିନ୍ନ ଜିଲ୍ଲା ଏବଂ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ବିକାଶ ପାଇଁ ସରକାର ଅଂଟା ଭିଡ଼ିଥିବା ବେଳେ ବିକାଶ ପରିବର୍ତେ ଅବସାନ ଆଡ଼କୁ ଦଶପଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ଗତିକରୁଥିବା ଦେଖାଦେଉଛି । ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ମାତୃ ଓ ଶିଶୁ ଗୃହ ନିର୍ମାଣ ପାଇଁ ୨୦୧୫ମସିହାରୁ ଭିତି ପ୍ରସ୍ତର ସ୍ଥାପନ କରାଯାଇଥିଲା । କିନ୍ତୁ ଦୁଃଖର ବିଷୟ ୧୧ବର୍ଷ ହୋଇଗଲା ହେଲେ ନିର୍ମାଣ କାର୍ଯ୍ୟ ସରିଥିଲେହେଁ ଉଦଘାଟନ ହୋଇପାରିନଥିଲା । ଚଳିତ ମାସର କିଛିଦିନ ପରେ ମାତୃ ଓ ଶିଶୁ ବିଭାଗର ନୂତନ ଗୃହ ଉଦଘାଟନ ହେବାର ଥିଲା ହେଲେ ଉଦଘାଟନ ପୂର୍ବରୁ ନୂତନ ଗୃହ ହୋଇଗଲା କାର୍ଯ୍ୟକ୍ଷମ । କାହା ଇସାରାରେ ଏମିତି ହେଲା ନା ନିଜର ଅହମଭାବ ଲାଗି ଉଦଘାଟନ ପୂର୍ବରୁ କାର୍ଯ୍ୟକ୍ଷମ କରାଗଲା ତାହା ତଦନ୍ତ ସାପେକ୍ଷ ବୋଲି ଜନ ସାଧାରଣରେ ଆଲୋଚନା ହେଉଛି ।

ମାଟ୍ରିକ ଟପରଙ୍କୁ ଶୁଭେଚ୍ଛା ସମ୍ବର୍ଦ୍ଧିତ କଲେ ବିଜେପି ନେତା ହିମାଂଶୁ

ଟାଙ୍ଗୀ ଚୌଦ୍ୱାର, ୧୧/୦୫(ଆ.ପ୍ର) : ଟାଙ୍ଗୀ-ସାଲେପୁର ନିର୍ବାଚନ ମଣ୍ଡଳୀର ସୌରୀ ପଂଚାୟତ ଅଳିପୁର ଗ୍ରାମର ପ୍ରକାଶ ଖଟୋଇଙ୍କ କନ୍ୟା କୁମାରୀ ଅର୍ପିତା ପ୍ରିୟଦର୍ଶିନୀ ଚଳିତବର୍ଷ ସାଲେପୁର ଶିକ୍ଷାମଣ୍ଡଳର ଦଶମ ବୋର୍ଡ ପରୀକ୍ଷାରେ ଟପର ଏ ୧ ଶ୍ରେଣୀରେ ଉତ୍କୃଷ୍ଟ ସଫଳତା କରିଥିବା ଖବର ପାଇ ବିଜେପି ନେତା ହିମାଂଶୁ ମହାନ୍ତି ତାଙ୍କ ବାସଭବନରେ ପହଂଚି ତାଙ୍କୁ ସମ୍ମାନିତ କରିବା ସହିତ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇବା ସହିତ ଏହି ସଫଳତା ତାଙ୍କ ପରିଶ୍ରମ ଓ ଶିକ୍ଷକ-ଅଭିଭାବକଙ୍କ ମାର୍ଗଦର୍ଶନର ପରିଣାମ । ଆଗାମୀ ଦିନରେ ସେ ଆହୁରି ଉଚ୍ଚ ଶିଖର ଛୁଇଁବେ ବୋଲି ଆଶା କରୁଛି ।

ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଅଭିଯାନ ଶିବିର ଅନୁଷ୍ଠିତ

ନିମାପଡା, ୧୧/୦୫(ଆ.ପ୍ର) : ସ୍ଥାନୀୟ ପୁରୁଣା ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ନିମାପଡା ପଂଚାୟତ ସମିତି ଦ୍ୱାରା ଭିମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ପିଙ୍ଗଳାକ୍ଷୀ ପବ୍ଲିକ ଓ୍ୱେଲ ଫେୟାର ଅର୍ଗାନାଇଜେସନ ମିଳିତ ଅନୁକୂଲ୍ୟରେ ଭିନ୍ନକ୍ଷମ ଚିହ୍ନଟ ଓ ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା । ଏଥିରେ ମାନସିକ ଅନଗ୍ରସର ୨୦ଜଣ, ଦୃଷ୍ଟିଶକ୍ତି ବାଧିତ ୧୫ଜଣ, ଶ୍ରବଣ ବାଧିତ ୨୯ଜଣ ଓ ଅସ୍ଥିବାଧିତ ଚଳନ ବାଧିତ ୧୦୯ ଜଣ,୧୬ଜଣଙ୍କୁ ଔଷଧ ପ୍ରଦାନ ମୋଟ ୧୮୯ଜଣ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷ ଅନୁସୂୟା ମହାନ୍ତି, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ବରାଳ, ସଂସଦୀୟ ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ପି.ପି.ଟିଭି ସଂପାଦକ ଗଗନ ବିହାରୀ ଦାସ, କୋଷାଧ୍ୟକ୍ଷ ପଦ୍ମଲୋଚନ ମହାନ୍ତି, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜୟକୃଷ୍ଣ ସ୍ୱାଇଁ, ପବିତ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ ।

ବାଦି ପଂଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର : ସରକାରୀ ଯୋଜନାର ଲାଭ ନେବାକୁ ଜିଲ୍ଲାପାଳଙ୍କ ଆହ୍ୱାନ

ନୂଆପଡ଼ା, ୧୧/୦୫(ଆ.ପ୍ର) : ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକର ବାଦି ଗ୍ରାମ ପଂଚାୟତରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ଗ୍ରାମ ପଂଚାୟତ ସ୍ତରୀୟ ପ୍ରବାସୀ ଶ୍ରମିକ ନିରାକରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସ୍ୱର୍ମି ସୋରେନ ଓ ତହସିଲଦାର ନରସିଂହ ଗଦବା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଶ୍ରମିକ, କୃଷକ, ମହିଳା ଓ ସାଧାରଣ ଲୋକଙ୍କ ପାଇଁ ରହିଥିବା ବିଭିନ୍ନ ଲୋକାଭିମୁଖୀ ଯୋଜନା ବିଷୟରେ ସଚେତନ କରାଇଥିଲେ । ସମାରୋହରେ 'ଝିଅ ପାଇଁ ଗଛଟିଏ' ଓ 'ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଜଣେ ନବଜାତ କନ୍ୟା ଶିଶୁକୁ କୋଳରେ ଧରି ତାହାର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଶିଶୁର ପିତାମାତାଙ୍କୁ ଉପହାର ଓ ବୃକ୍ଷ ଚାରା ପ୍ରଦାନ କରିଥିଲେ । ଗର୍ଭବତୀ ମହିଳାମାନଙ୍କୁ ଫଳମୂଳ, ପନିପରିବା, ପୌଷ୍ଟିକ ଖାଦ୍ୟ ଓ ବିଭିନ୍ନ ଉପହାର ମଧ୍ୟ ବଂଟନ କରାଯାଇଥିଲା । ଏହି ଅବସରରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇ ପ୍ରବାସୀ ଶ୍ରମିକ ନିରାକରଣ ଓ ସରକାରୀ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା । ସ୍କୁଲ ଛାତ୍ରଛାତ୍ରୀମାନେ ନୃତ୍ୟ ପରିବେଷଣ କରି ସାମାଜିକ ବାର୍ତା ପ୍ରଦାନ କରିଥିଲେ । ଶିବିରରେ ଜିଲ୍ଲାପାଳ କହିଥିଲେ ଯେ ଜିଲ୍ଲାରେ ବହୁ ସରକାରୀ କର୍ମନିଯୁକ୍ତି ଓ ଜନମଙ୍ଗଳକାରୀ ଯୋଜନା ଉପଲବ୍ଧ ଅଛି । ଗ୍ରାମବାସୀମାନେ ପ୍ରବାସୀ ଶ୍ରମିକ ଭାବେ ବାହାରକୁ ନଯାଇ ଘରେ ରହି ସରକାରୀ ଯୋଜନାର ଲାଭ ଉଠାଇବାକୁ ସେ ଆହ୍ୱାନ ଦେଇଥିଲେ । ଛୋଟ ପିଲାଙ୍କୁ ଶିଶୁ ଶ୍ରମିକ ଭାବେ ନ ନିୟୋଜିତ କରି ସ୍କୁଲକୁ ପଠାଇବାକୁ ମଧ୍ୟ ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ଗାଁକୁ ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ରଖିବା ପାଇଁ ସମସ୍ତଙ୍କୁ ସଚେତନ କରାଯାଇଥିଲା । ମନରେଗା ଯୋଜନାରେ ୧୦୦ ଦିନରୁ ଅଧିକ କାମ କରିଥିବା ଶ୍ରମିକମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ "ପକ୍ଷୀ ପାଇଁ ଦିନଟିଏ" କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା । ଖଡ଼ିଆଳ ବିଡିଓ ମିଳନ କୁମାର ଝାଙ୍କର, ତହସିଲଦାର ନରସିଂହ ଗଦବା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଏସ୍. ଗୀତା, ସ୍ଥାନୀୟ ସରପଂଚ ଓ ପଂଚାୟତିରାଜ, ଜଙ୍ଗଲ ବିଭାଗ ପକ୍ଷରୁ ଏହି ଶିବିରକୁ ମିଳିତ ଭାବେ ଆୟୋଜନ କରିଥିଲେ ।

ଗୋଦାମ ଘରୁ ପିଡିଏସ୍ ଚାଉଳ ଚୋରି ସନ୍ଦେହରେ ଦୁଇ ଜଣଙ୍କୁ ଅଟକ ରଖିଲେ ଗ୍ରାମବାସୀ

ବାଲିଗୁଡା, ୧୧/୦୫(ଆ.ପ୍ର) : ରାତି ଅଧରେ ଗୋଦାମ ଘରୁ ପିଡିଏସ୍ ଚାଉଳ ଚୋରି ସନ୍ଦେହରେ ଦୁଇ ଜଣଙ୍କୁ ଅଟକ ରଖିଲେ ଗ୍ରାମବାସୀ । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ମହାସିଙ୍ଗି ପଂଚାୟତରେ । ସୂଚନା ଅନୁଯାୟୀ ରବିବାର ଡିୟୁଟି ସାରି ଗୋଦାମ ଘର ଏବଂ ଚାଉଳ ବିତରଣ କେନ୍ଦ୍ର ତାଲା ଦେଇ ବନ୍ଦ କରି ଯାଇଥିଲେ ଯୋଗାଣ ସହାୟକ । ସୋମବାର ସକାଳେ ଗୋଦାମ ଘର ତାଲା ଭାଙ୍ଗି ଖୋଲାଥିବା ଦେଖି ମହାସିଙ୍ଗି ସରପଂଚ ରଞ୍ଜିତ ମଲ୍ଲିକଙ୍କୁ ଜଣାଇଥିଲେ ଅଂଚଳବାସୀ । ସରପଂଚ ଘଟଣା ସ୍ଥଳକୁ ଯାଇ ଦେଖିବା ପରେ କ.ନୂଆଗାଁ ବ୍ଲକ୍ ଯୋଗାଣ ନିରୀକ୍ଷକ ପ୍ରୀତିରଞ୍ଜନ ବିଶ୍ୱାଳଙ୍କୁ ଜଣାଇଥିଲେ । ଯୋଗାଣ ନିରୀକ୍ଷକ ଘଟଣାସ୍ଥଳରେ ପହଁଚି ଷ୍ଟକ୍ ଯାଂଚ୍ କରିବା ପରେ ଗୋଦାମ ଘରେ ସମୁଦାୟ ୯୬୩ ବସ୍ତା ଚାଉଳ ଥିଲା ଏବଂ ସେଥିରୁ ୯ ବସ୍ତା ଚାଉଳ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ପ୍ରକାରେ ଘଟଣାସ୍ଥଳରେ ବାଲିଗୁଡ଼ା ପୋଲିସ୍ ପହଁଚି ତଦନ୍ତ ଆରମ୍ଭ କରିଥିବା ବେଳେ ଚୋରି ସନ୍ଦେହରେ ଗ୍ରାମବାସୀ କାବୁ କରିଥିବା ଦୁଇଜଣ ଯୁବକଙ୍କୁ ପୋଲିସର ଜିମା ଦେଇ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

ଉତ୍କଳ ସମ୍ମିଳନୀ ଗଜପତି ଶାଖା ସଦସ୍ୟ ଦ୍ୱନ୍ଦ ଗଙ୍ଗାବାଡ ବୁଲି ସମୀକ୍ଷା କଲେ

ପାରଳାଖେମୁଣ୍ଡି, ୧୧/୦୫(ଆ.ପ୍ର) : ଗଜପତି ଜିଲ୍ଲା ଉତ୍କଳ ସମ୍ମିଳନୀ ଶାଖାର ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କର ନେତୃତ୍ୱରେ କିଛି ସଦସ୍ୟ ରାୟଗଡ ବ୍ଲକର ଗଙ୍ଗାବାଡ ପଂଚାୟତ ଯାଇଥିଲେ । ସେଠାରେ ଅନ୍ଧ୍ରପ୍ରଦେଶର ମନମୁଖୀ ଜନଗଣନା ସର୍ଭେ ଚାଲିଥିବାରୁ ସ୍ଥାନୀୟ ପଂଚାୟତ ପ୍ରତିନିଧି ଓ ଗ୍ରାମବାସୀଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଗଙ୍ଗାବାଡ ପଂଚାୟତର ଉଭୟ ମାଣିକପାଟଣା ଓ ଗୁଡିଗୁଡି ଗ୍ରାମରେ ଅନ୍ଧ୍ରପ୍ରଦେଶ ସରକାରୀ କର୍ମଚାରୀ ଜନଗଣନା କରିଥିବା ବେଳେ ଗଂଜାମ ଜିଲ୍ଲାର ପାତ୍ରପୁର ବ୍ଲକର ବୁରଡା ସମ୍ପର୍କ ଜନଗଣନା ମଧ୍ୟ ସର୍ଭେ ହୋଇଛି । ଯାହା ପୂର୍ବରୁ ଗଜପତି ଜିଲ୍ଲା ତରଫରୁ ସର୍ବେକ୍ଷଣ କରାଯାଇଥିଲା । ଘର କାନ୍ଥରେ ଲେଖାଥିବା ନମ୍ବରକୁ ଅନ୍ଧ୍ରପ୍ରଦେଶର ସରକାରୀ କର୍ମଚାରୀମାନେ ଲିଭାଇ ସେମାନଙ୍କ ନମ୍ବର ସବୁ ଲେଖିଥିଲେ । ଆଗରୁ ମାଣିକପାଟଣାରେ ଅନ୍ଧ୍ରପ୍ରଦେଶ ତରଫରୁ ଅଙ୍ଗନବାଡି କେନ୍ଦ୍ର ଖୋଲାଯାଇଛି । ମାଣିକପାଟଣାରେ ୧୫ ଘର ଗଜପତି ଜିଲ୍ଲା ସହ ସହଯୋଗ କରୁଥିବା ବେଳେ ୭ଟି ପରିବାର ଆନ୍ଧ୍ରପ୍ରଦେଶକୁ ସମର୍ଥନ କରୁଛନ୍ତି । ନିକଟରେ ଉପଜିଲ୍ଲାପାଳ ଅନୁପ ପଣ୍ଡା ଗ୍ରାମବାସୀଙ୍କ ସହ ଆଲୋଚନା କରି ପୂନର୍ବାର ଆନ୍ଧ୍ରପ୍ରଦେଶର ନମ୍ବର ନିଜ କର୍ମଚାରୀ ମାନଙ୍କ ସହାୟତାରେ ଲିଭାଇ ଥିଲେ । ଏହି ସବୁ ଦ୍ୱନ୍ଦ ଦୂର କରି ଗଜପତି ଜିଲ୍ଲା ପ୍ରଶାସନ ଏଦିଗରେ ଦୃଷ୍ଟି ଦେବାପାଇଁ ଗଙ୍ଗାବାଡ ସରପଂଚ ହରି ଜନ୍ମ କାର୍ଯ୍ୟ କହିଛନ୍ତି । ସେମାନେ ଅନ୍ଧ୍ରପ୍ରଦେଶର କର୍ମଚାରିଙ୍କୁ ଉପରେ ରହିଛନ୍ତି । ଏହାର ନିର୍ଯ୍ୟାସ କିପରି ବାହାରିବ ସମୟ ହିଁ କହିବ । ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ସମ୍ମିଳନୀ ଗଜପତି ଜିଲ୍ଲା ଶାଖା ସଭାପତି ରୂଷଣ ମହାନ୍ତି, ବିନୋଦ ଚନ୍ଦ୍ର ଜେନା , ପ୍ରମୋଦ ଚନ୍ଦ୍ର ପାଢୀ ଓ ତ୍ରିପତି ପ୍ରସାଦ ପଣ୍ଡା ଏହି ଦଳରେ ଯାଇଥିଲେ ।

ସାପ୍ତାହିକ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୧୨ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ଚାରି ବର୍ଷର ଝିଅକୁ ୧୫ ହଜାରରେ ବିକ୍ରି କରିଦେଲେ ପିତା-ମାତା

ଭଦ୍ରକ, ୧୧/୦୫(ଆ.ପ୍ର) : ୧୫ ହଜାର ଟଙ୍କାରେ ୪ ବର୍ଷର ଝିଅକୁ ବିକି ଦେଲେ ଦମ୍ପତି । ଏଭଳି ଏକ ଅଭିଯୋଗ ଆସିଛି ଭଦ୍ରକ ଜିଲ୍ଲା ଧାମନଗର ଥାନା ଅନ୍ତର୍ଗତ ଗୁମୁଗଡ ଛକ ନିକଟ ତମ୍ପଆଡ଼ି ଅଂଚଳରୁ । ଅଭାବ ଅନଟନରେ ପଡ଼ି ଜଣେ ଦମ୍ପତି ନିଜ ୪ ବର୍ଷର ଝିଅକୁ ୧୫ ହଜାର ଟଙ୍କାରେ ବିକ୍ରି କରିଦେଇଥିବା ଅଭିଯୋଗ ହୋଇଛି ।ଖବର ଅନୁଯାୟୀ, ଧାମନଗର ଥାନା ଅଧୀନ ତମ୍ପ ଆଡ଼ିରେ ରହୁଥିବା ବନ୍ଧୁଆ ମୁଣ୍ଡା ଓ ତାଙ୍କ ସ୍ତ୍ରୀ କାଳୀ ମୁଣ୍ଡା ନିଜ ସାନ ଝିଅକୁ ବାଲେଶ୍ୱରର ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦେଇଥିବା ସ୍ୱୀକାର କରିଛନ୍ତି । ପରିବାରରେ ୩ ଟି ସନ୍ତାନ ଥିବା ବେଳେ ୨ ଝିଅ ଓ ଜଣେ ବଡ ପୁଅ ଘରେ ରହିଛନ୍ତି । ସାନ ଝିଅକୁ ଟଙ୍କା ନେଇ ଅନ୍ୟ ହାତକୁ ଦେଇଦେବା ଘଟଣା ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ବନ୍ଧୁଆ ମୁଣ୍ଡାଙ୍କ ମୂଳ ଘର ଭଦ୍ରକ ବ୍ଲକ କଳେଇ ଗାଁରେ ଥିବାବେଳେ ପ୍ରାୟ ଏକ ବର୍ଷ ହେବ ସେମାନେ ତମ୍ପ ଆଡ଼ିରେ ରହି ମାଗିଯାଚି ପରିବାର ପ୍ରତିପୋଷଣ କରୁଥିଲେ । ଗତ ଶୁକ୍ରବାର ପଡ଼ୋଶୀ ଘରେ ଏକ ପୂଜା କାର୍ଯ୍ୟକ୍ରମ ଥିବାରୁ ବାଲେଶ୍ୱରରୁ ଦୁଇ ଜଣ ବ୍ୟକ୍ତି ଆସିଥିଲେ । ସେଠାରେ ଶିଶୁଟିକୁ ବିକ୍ରି କରି ଦେଇଥିବା ସ୍ୱୀକାର କରିଛନ୍ତି । ପୂର୍ବରୁ ୫ ହଜାର ଟଙ୍କା ନେଇଥିବା ବେଳେ ବିକ୍ରି ବେଳେ ଆଉ ୧୦ ହଜାର ଟଙ୍କା ନେଇଛନ୍ତି । ଏହି ଟଙ୍କାରେ ମା କାଳୀ ମୁଣ୍ଡା ୧ ହଜାର ଟଙ୍କାର ଜୋତା ଓ ଖାଇବା ଜିନିଷ କିଣିଦେଇଥିବା ବେଳେ ଅନ୍ୟ ଟଙ୍କା ଜଣେ ପଡ଼ୋଶୀଙ୍କୁ ରଖିବା ପାଇଁ ଦେଇଥିବା କହିଛନ୍ତି । ଖବର ଜଣାପଡ଼ିବା ପରେ ସ୍ଥାନୀୟ ଅଂଚଳରେ ଉତ୍ତେଜନା ସୃଷ୍ଟି ହୋଇଛି । ଶିଶୁକୁ ଉଦ୍ଧାର ପାଇଁ ଶିଶୁ ସୁରକ୍ଷା ଆୟୋଗ ନିର୍ଦ୍ଦେଶ ଦେବାପରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୁଭଶ୍ରୀ ପରିଡା ଓ ରମାକାନ୍ତ ଜେନାଙ୍କ ସମେତ ଧାମନଗର ଥାନା ଏସଆଇ ରଶ୍ମିତା ମଲ୍ଲିକ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି । ତେବେ ଏକ ବିଶେଷ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ଶିଶୁଟିକୁ କୋଲକାତା ଚାଲାଣର ବ୍ୟବସ୍ଥା କରାଯାଇଥିବାରୁ ତାର ସୁରକ୍ଷା ଅବସ୍ଥିତି ଜନିତ ଉଦ୍ଧାର ପାଇଁ ଚାଇଲ୍ଡ ଲାଇନ୍ ଓ ଶିଶୁ ସୁରକ୍ଷା ବିଭାଗର ଟିମର ଚିନ୍ତା ବଢିଛି ।

ଖବର ପ୍ରସାରଣ ପରେ ହଟିଲା ସୁପରିଟେଣ୍ଡେଂଟଙ୍କ ନାମଫଳକ

ଦଶପଲ୍ଲା, ୧୧/୦୫(ଆ.ପ୍ର) : ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚକ୍ଷୁ ବିଭାଗ ଗୃହକୁ ସୁପରିଟେଣ୍ଡେଂଟଙ୍କ କାର୍ଯ୍ୟାଳୟ ଭାବେ ବ୍ୟବହାର କରାଯିବା ନେଇ ପ୍ରକାଶିତ ଖବରର ସୁଫଳ ମିଳିଛି । ସମ୍ବାଦ ପ୍ରସାରଣ ପରେ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଉଥିବା ବେଳେ, ସମ୍ପୃକ୍ତ ଗୃହର କବାଟରେ ଲଗାଯାଇଥିବା 'ସୁପରିଟେଣ୍ଡେଂଟ କାର୍ଯ୍ୟାଳୟ'ର ନାମଫଳକ ବା କାଗଜଟିକୁ ଏବେ ଚିରି ଦିଆଯାଇଛି । ସୂଚନାଯୋଗ୍ୟ ଯେ, ରୋଗୀଙ୍କ ଚକ୍ଷୁ ପରୀକ୍ଷା ପାଇଁ ଉଦ୍ଦିଷ୍ଟ ଏହି ଗୃହକୁ କର୍ତ୍ତୃପକ୍ଷ ନିଜ କାର୍ଯ୍ୟାଳୟ ଭାବେ ବ୍ୟବହାର କରୁଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ବିଭିନ୍ନ ମହଲରୁ ସମାଲୋଚନା ଓ ପ୍ରଶ୍ନବାଚୀ ସୃଷ୍ଟି ହେବା ପରେ, ପ୍ରଶାସନ ନିଜର ଭୁଲ୍ ସୁଧାରିବାକୁ ଚେଷ୍ଟା କରୁଥିବା ପରି

ମନେହେଉଛି । ତେବେ କେବଳ କାଗଜ ଚିରିଦେଲେ ସମସ୍ୟାର ସମାଧାନ ହେବ ନାହିଁ; ବରଂ ଉକ୍ତ ଗୃହକୁ ସମ୍ପୂର୍ଣ୍ଣ ଭାବେ ଚକ୍ଷୁ ରୋଗୀଙ୍କ ସେବା ପାଇଁ ଉତ୍ସର୍ଗ କରାଯାଉ ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି । ଅନ୍ୟପଟେ, ସରକାରୀ ନିୟମକୁ ଅଣଦେଖା କରି ଏଭଳି ଅସ୍ଥାୟୀ ବ୍ୟବସ୍ଥା କାହିଁକି କରାଯାଇଥିଲା ଏବଂ ଖବର ପ୍ରକାଶ ପାଇବା ପରେ ଏହାକୁ କାହିଁକି ଏଭଳି ଢଙ୍ଗରେ ହଟାଗଲା, ତାହା ଏବେ ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଛି । ଚକ୍ଷୁ ବିଭାଗ ଗୃହଟି ପୂର୍ଣ୍ଣ ସକ୍ରିୟ ହେଲେ ହିଁ ଦୂରଦୂରାନ୍ତରୁ ଆସୁଥିବା ରୋଗୀମାନେ ଉପକୃତ ହୋଇପାରିବେ ବୋଲି ଆଶା କରାଯାଉଛି ।

ମାଓ ବଙ୍କର ଠାବ, ବିପୁଳ ବନ୍ଧୁକ ଓ ବୋମା ତିଆରି ସାମଗ୍ରୀ ଜବତ

ମାଲକାନଗିରି, ୧୧/୦୫(ଆ.ପ୍ର) : ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ବିଜାପୁର ଜିଲ୍ଲାର ଗାଙ୍ଗଲୁର ଥାନା ଅନ୍ତର୍ଗତ ତୋଡିତୁମନାର ଜଂଗଲରୁ ସୁରକ୍ଷାକର୍ମୀ ମାଓବାଦୀଙ୍କ ଏକ ବଡ ବଙ୍କରକୁ ଠାବ କରିଛନ୍ତି । ଅଂଚଳରେ ନିୟମିତ ପାଟ୍ରୋଲିଂ ଓ ସର୍ଚ୍ଚ ଅପରେସନ୍ କାର୍ଯ୍ୟକ୍ରମ ଚାଲିଛି । ସୋମବାର ମଧ୍ୟ ପୁଲିସ ଏବଂ ସୁରକ୍ଷାକର୍ମୀ ତୋଡିତୁମନାର ଜଂଗଲରେ ପଶିଥିଲେ । ସର୍ଚ୍ଚ ଅପରେସନ ବେଳେ ଜଂଗଲର ମଝିରେ ମାଟି ତଳେ ବଙ୍କର କରି ମାଓବାଦୀ ବହୁ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଲୁଚାଇ ରଖିଥିଲେ । ପ୍ରଶିକ୍ଷିତ ଯବାନଙ୍କ ଏକ ଟିମ୍ ଅତି ସତର୍କତାର ସହ ବଙ୍କରରେ ପଶି ମାଓ ସାମଗ୍ରୀକୁ ଜବତ କରିଥିଲେ । ବଙ୍କରରୁ ବିଜିଏଲ ଲଂଚର, ବିଦ୍ୟୁତ୍ ତାର, ଡିଟୋନେଟର, ସୋଲାର ପ୍ଲେଟ, ବ୍ୟାଟେର ଚରିଜିଂ ମେସିନ ସମେତ ଅନ୍ୟ ବନ୍ଧୁକ ତିଆରି ଯନ୍ତ୍ରପାତି ମଧ୍ୟ ରହିଥିବା ଜଣାପଡିଛି । ତେବେ ଏହି ବଙ୍କରରେ ଅସ୍ତ୍ରଶସ୍ତ୍ର ନିର୍ମାଣ ଓ ବୋମା ପ୍ରସ୍ତୁତ ପାଇଁ ଅତ୍ୟାଧୁନିକ ସାମଗ୍ରୀ ରଖାଯାଇଥିଲା । ଯାହା ପରବର୍ତ୍ତୀ ସମୟରେ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ରଖାଯାଇଥିବା ପୁଲିସ କହିଛି । ସେହି ଜଂଗଲର ଅନ୍ୟ ସ୍ଥାନମାନଙ୍କରେ ମଧ୍ୟ ସୁରକ୍ଷାକର୍ମୀ ସର୍ଚ୍ଚ ଅପରେସନ କରୁଥିବା ବୁଝାଯାଉଛି । ଜଂଗଲରେ ନକ୍ସଲ ବିଭିନ୍ନ ସ୍ଥାନରେ ଡମ୍ପ କରି ମାଓ ସାମଗ୍ରୀ ଲୁଚାଇ ରଖିଛନ୍ତି । ଏଥିସହ ଜଂଗଲର ବିଭିନ୍ନ ସ୍ଥାନରେ ଲ୍ୟାଣ୍ଡମାଇନ ମଧ୍ୟ ଖଞ୍ଜିଛନ୍ତି । ଯାହାକୁ ସୁରକ୍ଷାକର୍ମୀମାନେ କ୍ରମାଗତ ଭାବେ ଯାଂଚ କରି ନିଷ୍କ୍ରିୟ କରୁଛନ୍ତି ।

ଅସ୍ତଳରେ ଶହେବର୍ଷରୁ ଊର୍ଦ୍ଧ୍ୱ ଶ୍ରୀରାମ ନବମୀ ମହୋତ୍ସବ ଏକ ନିଆରା ପରମ୍ପରା

ଭଦ୍ରକ, ୧୧/୦୫(ଆ.ପ୍ର) : ଭଦ୍ରକ ସହର ନରିପୁର ଅସ୍ତଳ ଗ୍ରାମରେ ଥିବା ବହୁ ପୁରାତନ ଜାଡ଼ିବାସୁଳୀ, ବୁଢ଼ି ଜାଗୁଳାଇ, ଗ୍ରାମଦେବୀ ମନ୍ଦିର, ପାର୍ଶ୍ୱ ଶହେବର୍ଷରୁ ଊର୍ଦ୍ଧ୍ୱ ସାର୍ବଜନୀନ ଶ୍ରୀରାମ ନବମୀ ମହୋତ୍ସବ ମହାସମାରୋହରେ ଦୀର୍ଘ ଦେଢମାସ ଧରି ଉଦ୍‌ଯାପିତ ହୋଇଯାଇଛି । ଏହାର ଭସାଣି ଉତ୍ସବ ସାଳନ୍ଦୀ ନଦୀଘାଟରେ ସମ୍ପନ୍ନ ହୋଇଛି । ଏଥିରେ ପୂଜା କର୍ମକର୍ତ୍ତା, କାଉନ୍‌ସିଲର, କାଉନ୍‌ସିଲରଙ୍କ ପ୍ରତିନିଧି ଏବଂ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆୟୋଜିତ ପୂଜାକର୍ମରେ ପ୍ରତ୍ୟେକ ଦିନ ପ୍ରସାଦ ସେବନ, ସନ୍ଧ୍ୟା ଆଳତି ଶ୍ରଦ୍ଧାଳୁମାନେ ଦର୍ଶନ କରିଥାନ୍ତି । ଦୈନନ୍ଦିନ ବିଗ୍ରହଙ୍କ ଠାରେ ପୂଜାର୍ଚ୍ଚନା ସହ ନୀତିକାନ୍ତି ହୋଇଥାଏ । ପ୍ରତ୍ୟେକ ସନ୍ଧ୍ୟାରେ ଭାଗବତ ପାଠ, ପ୍ରବଚନ, ଭଜନ, ପାରାୟଣ, ଧର୍ମଚର୍ଚ୍ଚା, ମନୋରଂଜନ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହୋଇଥିଲା । ତେବେ ଏହି ଶ୍ରୀରାମ ନବମୀରେ ପ୍ରତିଦିନ ଗ୍ରାମବାସୀଙ୍କ ପକ୍ଷରୁ ପାଳିଭୋଗ ଲାଗି ହୋଇ ପ୍ରସାଦ ସେବନ ସମସ୍ତେ କରିଥାନ୍ତି । ସୂଚନାଯୋଗ୍ୟ ଯେ ପାଳିଭୋଗ ଶେଷ ନ ହେବା ଯାଏ ମହାପ୍ରଭୁ ପୂଜା ପାଇଥାନ୍ତି । ଏହା ଏକ ଦୀର୍ଘ ବର୍ଷ ଧରି ନିଆରା ପରମ୍ପରା ରହିଆସିଛି । ଶ୍ରୀରାମ ନବମୀ ପୂଜା କମିଟିର ସମ୍ପାଦକ ତଥା ପୂର୍ବତନ କାଉନ୍‌ସିଲର୍ ସମାଜସେବୀ ଗଜେନ୍ଦ୍ର ପଣ୍ଡା, କାଉନ୍‌ସିଲର ଗୀତାଞ୍ଜଳି ଦାସ, କାଉନ୍‌ସିଲର୍‌ଙ୍କ ପ୍ରତିନିଧି ଯୁବନେତା ସୂର୍ଯ୍ୟକୁମାର ଦାସଙ୍କ ସମେତ ସମସ୍ତ ଗ୍ରାମବାସୀ, ସାମ୍ବାଦିକ, ଆଇନଜୀବୀ ଓ ଶୁଭେଚ୍ଛୁଙ୍କ ସହଯୋଗରେ ପ୍ରତିବର୍ଷ ପାଳିତ ହୋଇଆସୁଛି । ଏହାଛଡ଼ା ଜନପ୍ରତିନିଧିମାନେ ମଧ୍ୟ ସାହାଯ୍ୟ ସହଯୋଗ କରିଆସୁଛନ୍ତି । ଗ୍ରାମରେ ଥିବା ଜାଡ଼ିବାସୁଳୀ, ଶ୍ରୀରାମ ମନ୍ଦିର, ଶ୍ରୀହନୁମାନ ମନ୍ଦିର ଏବଂ ନରେଶ୍ୱର ମନ୍ଦିରରେ ପୂଜକ ମଦନମୋହନ ମିଶ୍ର, ପ୍ରହଲ୍ଲାଦ ମିଶ୍ର, ଗୋବର୍ଦ୍ଧନ ମିଶ୍ର ଦୈନନ୍ଦିନ ପୂଜାପାଠ କରି ଆସୁଛନ୍ତି । ଉଲ୍ଲେଖଯୋଗ୍ୟ ଯେ ଶହେ ବର୍ଷରୁ ଊର୍ଦ୍ଧ୍ୱ ଧରି ଅସ୍ତଳରେ ଶ୍ରୀରାମ ନବମୀ ଉତ୍ସବ ଅଦ୍ୟାବଧି ମହାସମାରୋହରେ ପାଳିତ ହୋଇଆସୁଅଛି । ଦୀର୍ଘ ବର୍ଷ ଧରି ଶ୍ରୀରାମ ନବମୀ ପୂଜା କମିଟିର ସମ୍ପାଦକ ତଥା ପୂର୍ବ କାଉନ୍‌ସିଲର ପୂର୍ବତନ ଗଜେନ୍ଦ୍ର ପଣ୍ଡା ଶ୍ରୀରାମ ନବମୀ ଉତ୍ସବରେ ୧୯୮୫ ମସିହାରୁ ସେବା ମନୋବୃତ୍ତିରେ ଓତଃପ୍ରୋତଃ ଭାବେ ଅଦ୍ୟାବଧି ଜଡ଼ିତ ରହି ଆସୁଛନ୍ତି । ସୂଚନାଯୋଗ୍ୟ ଶ୍ରୀରାମ ନବମୀ କମିଟିର ସଦସ୍ୟ ଦେବବ୍ରତ ନାୟକ(କାଳିଆ)ଙ୍କ ବିୟୋଗରେ ନୀରବ ଶୋକସଭା ଶ୍ରୀରାମ ନବମୀ ଉତ୍ସବରେ ଅନୁଷ୍ଠିତ ହୋଇଥିଲା ।

ସ୍ୱଚ୍ଛତା ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ସଫଳତାର ସହିତ ଆୟୋଜିତ

ବ୍ରହ୍ମପୁର, ୧୧/୦୫(ଆ.ପ୍ର) : ଇଂଟରନେସନାଲ ଓଡ଼ିଆ ଫାଉଣ୍ଡେସନ ଓ ଗ୍ରୀନ ପିସ୍ ଭିଲେଜ ଫାଉଣ୍ଡେସନର ମିଳିତ ଆୟୋଜନରେ ଗୋପାଳପୁର ସମୁଦ୍ର ବେଳାଭୂମିରେ ଏକ ବିଶାଳ ସ୍ୱଚ୍ଛତା ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ସଫଳତାର ସହିତ ଆୟୋଜିତ ହୋଇଥିଲା । ସମୁଦ୍ରତଟର ସୌନ୍ଦର୍ଯ୍ୟ ଓ ପରିବେଶକୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଆୟୋଜିତ ଏହି ଅଭିଯାନରେ ସ୍ଥାନୀୟ ଯୁବକ-ଯୁବତୀ, ସ୍ୱେଚ୍ଛାସେବୀ, ପରିବେଶପ୍ରେମୀ ଓ ବିଭିନ୍ନ ସାମାଜିକ ସଂଗଠନର ସଦସ୍ୟମାନେ ଉତ୍ସାହର ସହିତ ଭାଗ ନେଇଥିଲେ । ଏହି ସ୍ୱଚ୍ଛତା ଅଭିଯାନ ସମୟରେ ପ୍ରାୟ ୨ କିଲୋମିଟର ଧରି ବିସ୍ତୃତ ଗୋପାଳପୁର ସମୁଦ୍ର ବେଳାଭୂମିରୁ ପ୍ଲାଷ୍ଟିକ ଆବର୍ଜନା, ପଲିଥିନ, ପ୍ଲାଷ୍ଟିକ ବୋତଲ, ଖାଦ୍ୟ ପ୍ୟାକେଟ୍ ଓ ଅନ୍ୟାନ୍ୟ ଅପଚୟ ପଦାର୍ଥ ସଂଗ୍ରହ କରାଯାଇଥିଲା । ସମୁଦ୍ର ପରିବେଶ ଉପରେ ପ୍ଲାଷ୍ଟିକ ଦୂଷଣର କୁପ୍ରଭାବ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯାଇଥିଲା । ବିଶେଷକରି ସମୁଦ୍ରଜୀବ ଓ ପର୍ଯ୍ୟଟନ ଉପରେ ପ୍ଲାଷ୍ଟିକ ଆବର୍ଜନାର ଖରାପ ପ୍ରଭାବ ବିଷୟରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ଇଂଟର ନେସନାଲ ଓଡ଼ିଆ ଫାଉଣ୍ଡେସନ ର ଅଧ୍ୟକ୍ଷ ପ୍ରତାପ ନାୟକ, ପରିବେଶ ମୁଖ୍ୟ ରବି ସାହାଣୀ, ଓଡ଼ିଶା ଇଭେଂଟ କୋଡ଼ିନେଟର ସମୀରା ନାୟକ ସଭାପତି ବିଶ୍ୱରଂଜନ ସାହୁ, ପ୍ରଶାନ୍ତ ମେହେର, ସଂଜିତ ନାୟକ, ଗ୍ରୀନ ପିସ୍ ଭିଲେଜ୍ ପ୍ରତିଷ୍ଠାତା ପ୍ରଶାନ୍ତ ଦାସ, ସଭାପତି ବିକାଶ ନାହାକ, ଉପଦେଷ୍ଟା ରବୀନ୍ଦ୍ର ନାୟକ, ଶାନ୍ତନୁ ନାହାକ, ଲକ୍ଷ୍ମୀନାରାୟଣ ନାହାକ, ଆଲୋକ ନାହାକ, ଦେବାଶିଷ୍ ନାହାକ, ଉପଦେଷ୍ଟା ପଂଚାନନ ଖଟୁଆ, ପ୍ରତାପ ନାହାକ, ବିଶ୍ୱରାଜ ନାହାକ ଅଂଶଗ୍ରହଣ କରି "ସ୍ୱଚ୍ଛ ସମୁଦ୍ରତଟ, ସୁରକ୍ଷିତ ପରିବେଶ" ବାର୍ତ୍ତାକୁ ସମସ୍ତଙ୍କ ମଧ୍ୟରେ ପହଂଚାଇବା ପାଇଁ ଶପଥ ଗ୍ରହଣ କରିଥିଲେ । ଆୟୋଜକମାନେ କହିଥିଲେ ଯେ, ଏପରି କାର୍ଯ୍ୟକ୍ରମ କେବଳ ସମୁଦ୍ରତଟକୁ ସଫା ରଖିବାରେ ସହାୟକ ନୁହେଁ, ବରଂ ଲୋକମାନଙ୍କ ମନରେ ପରିବେଶ ସୁରକ୍ଷା ପ୍ରତି ଦାୟିତ୍ୱବୋଧ ଜାଗ୍ରତ କରିଥାଏ । ଗୋପାଳପୁର ସମୁଦ୍ର ବେଳାଭୂମିରେ ଆୟୋଜିତ ଏହି ଅଭିଯାନ ସମାଜ ପାଇଁ ଏକ ପ୍ରେରଣାଦାୟକ ପଦକ୍ଷେପ ଭାବେ ପରିଗଣିତ ହୋଇଛି । ପରିବେଶ ସୁରକ୍ଷା ଓ ପ୍ଲାଷ୍ଟିକମୁକ୍ତ ଭାରତ ଗଠନ ପାଇଁ ଏପରି ସାମୂହିକ ପ୍ରୟାସ ଅତ୍ୟନ୍ତ ଆବଶ୍ୟକ ବୋଲି ସମସ୍ତେ ମତ ପ୍ରକାଶ କରିଥିଲେ ।

ଚାନ୍ଦବାଲି ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ମିଳିତ ଜନ ଶୁଣାଣି ଅନୁଷ୍ଠିତ

ଭଦ୍ରକ, ୧୧/୦୫(ଆ.ପ୍ର) : ଭଦ୍ରକର ଚାନ୍ଦବାଲି ବ୍ଲକ ପଂଚାୟତ ସମିତି ସମ୍ମିଳନୀ କକ୍ଷ ପରିସରଠାରେ ଆଜି ଯୁକ୍ତ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଶୁଣାଣିରେ ମୋଟ ୭୦ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ଏଥିରୁ ୫୮ ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୭ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ କ୍ରସ ଅଧିନସ୍ଥ ୫ଟି ଅଭିଯୋଗ ରହିଥିଲା । ଶୁଣାଣି ସମୟରେ ୮ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିଲା । ଜିଲ୍ଲା ରେଡକ୍ରସ ପାଣ୍ଠି ମାଧ୍ୟମରେ ୫ ଜଣ ଅଭିଯୋଗକାରୀଙ୍କୁ ମୋଟ ୧୫,୦୦୦/- ଟଙ୍କା ମଞ୍ଜୁର କରାଯାଇଛି । ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

ଆକାଂକ୍ଷା ମହିଳା ସଙ୍ଗଠନ ପକ୍ଷରୁ 'ମା ପାଇଁ ଦିନଟିଏ' ପାଳିତ

ପାରଳାଖେମୁଣ୍ଡି, ୧୧/୦୫(ଆ.ପ୍ର) : ପାରଳାର ଅଗ୍ରଣୀ ମହିଳା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆକାଂକ୍ଷା ମହିଳା ସଙ୍ଗଠନ ପକ୍ଷରୁ ' ମା ପାଇଁ ଦିନଟିଏ' ସ୍ଥାନୀୟ ଉତ୍କଳ ହିତୈଷିଣୀ ସମାଜ ସଭାଗୃହ ଠାରେ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଆକାଂକ୍ଷା ମହିଳା ସଙ୍ଗଠନର ସଭାନେତ୍ରୀ ଆଶାଲତା ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା, ସମ୍ମାନୀତ ଅତିଥି ଭାବେ ଆଇନଜୀବୀ ଇତିଶ୍ରୀ ମହାପାତ୍ର ଓ ସଙ୍ଗଠନର ସମ୍ପାଦିକା ମୀନା କୁମାରୀ ଟହଲ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ କୁମୁଦିନୀ ଗୁଲ୍ଲା, ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ମାତୃ ଦିବସର ତାତ୍ପର୍ଯ୍ୟ ଓ ମହତ୍ୱ ବିଷୟରେ ଆଲୋକପାତ କରିଥିଲେ । ଏହି ଅବସରରେ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମାତୃମଣ୍ଡଳୀ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନର ଅଧ୍ୟକ୍ଷ ଶ୍ରୀ ଡକ୍ଟର ମୂର୍ତ୍ତି, କବି ଗୌରହରି କରଙ୍ଗଣା ପଟ୍ଟନାୟକ ତଥା ଉପସ୍ଥିତ ସଦସ୍ୟ ବୃନ୍ଦ କବିତା ପାଠ କରିବା ସହ ମା ପାଇଁ ଦିନଟିଏ ବିଷୟରେ ନିଜ ନିଜର ମତାମତ ପ୍ରଦାନ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ରାଜେନ୍ଦ୍ର କୁମାର ରଥ ପରିଚାଳନା କରିଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ଶଶୀଭୂଷଣ ପଟ୍ଟନାୟକ ସମସ୍ତ ଅତିଥି ବୃନ୍ଦ, ମାତୃମଣ୍ଡଳୀ , ଉପସ୍ଥିତ ବୁଦ୍ଧିଜୀବୀ ଓ ଗଣମାଧ୍ୟମକୁ ଧନ୍ୟବାଦ ଅର୍ପଣ କରିଥିଲେ ।

ମାଟ୍ରିକ ପରୀକ୍ଷାରେ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଙ୍କୁ ସମ୍ବର୍ଦ୍ଧନା

ମାହାଙ୍ଗା, ୧୧/୦୫(ଆ.ପ୍ର) : ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ରାଜ୍ୟରେ ତୃତୀୟ ସ୍ଥାନ ଓ କଟକ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ଜନ୍ମେଜୟ ମହାନ୍ତିଙ୍କୁ ସ୍ନାୟୁ ବିଭାଗର ପ୍ରଫେସର ସୂର୍ଯ୍ୟପ୍ରକାଶ ଚୌଧୁରୀ ସମ୍ବର୍ଦ୍ଧିତ କରିଛନ୍ତି । ପ୍ରଫେସର ଚୌ. ହଳଦିଆ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଜନ୍ମେଜୟ ମହାନ୍ତିଙ୍କ ବାସଭବନ ଓଳକଣା ଠାରେ ପହଂଚି ଉତ୍ତରୀୟ, ପୁଷ୍ପଗୁଚ୍ଛ, ମାନପତ୍ର ଓ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଏପରିକି ଡାକ୍ତର ହେବାକୁ ଚାହୁଁଥିବା ଜନ୍ମେଜୟଙ୍କୁ କିଭଳି ଭାବରେ ଡାକ୍ତର ହେବାକୁ ପଡିବ ସେ ନେଇ ଅନେକ ପରାମର୍ଶ ପ୍ରଫେସର ଚୌଧୁରୀ ପ୍ରଦାନ କରିଥିଲେ । ଏହି ସମ୍ବର୍ଦ୍ଧନା ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପରୀକ୍ଷିତ ବେହେରା, ରାଜୀବଲୋଚନ ନାୟକ, ସ୍ୱରୂପ କୁମାର ସ୍ୱାଇଁ, ଉତ୍କଳକେଶରୀ ପଣ୍ଡା, ବକ୍ସି, ବବୁଲ ପ୍ରମୁଖ ଉପସ୍ଥିତ ଥିଲେ ।

ଶୀତଳେଶ୍ୱରୀ ପ୍ରକାଶନୀର ପଂଚମ ବାର୍ଷିକ ଉତ୍ସବ

ଭଦ୍ରକ, ୧୧/୦୫(ଆ.ପ୍ର) : ଓଡିଶାର ଏକ ଅଗ୍ରଣୀ ପ୍ରକାଶନୀ ସଂସ୍ଥା ଶୀତଳେଶ୍ୱରୀ ପ୍ରକାଶନୀର ୫ମ ବାର୍ଷିକ ଉତ୍ସବ କଟକ ସ୍ଥିତ ବାଣୀପିଠ ଶ୍ରୀରାମ ଚନ୍ଦ୍ର ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି, ସାଧାରଣ ସମ୍ପାଦକ ଆଦିକନ୍ଦ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ରାଜ୍ୟସ୍ତରୀୟ ସାରସ୍ୱତ ଉତ୍ସବରେ ବାଣୀକୃପା ସାହିତ୍ୟ ପତ୍ରିକାର ପାଠକ ଲୋକାର୍ପଣ, ମାତୃଭାଷାର ସୁରକ୍ଷା ନେଇ ଆଲୋଚନା ଚକ୍ର, କବିତା ପାଠ ସହିତ ନୃତ୍ୟ, ସଂଗୀତ ପ୍ରତିଯୋଗୀତା ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି ଏହି ସାହିତ୍ୟ ସଭା ଓ ଆଲୋଚନା ଚକ୍ରରେ ମୋ ଦୃଷ୍ଟି ରେ କବିତା ଓ କବିତାର ଭବିଷ୍ୟତ ଉପରେ ରାଜ୍ୟର ବହୁ ସୁନାମ ଧନ୍ୟ ସାହିତ୍ୟିକ, ସ୍ତମ୍ଭକାର ଯୋଗଦାନ କରି ଉତ୍ସବଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ । କବି ତଥା ଲେଖକ ବିଜୟ ମଲ୍ଲ ଦୁଇଟି ଅଧିବେଶନରେ ସଂଯୋଜନା କରିଥିଲେ । ମୁଖ୍ୟ ଅତିଥି ଭାବେ ଡ. ବୈଜୟନ୍ତୀମାଳା ଶତପଥୀ, କବିତା ସଂଯୋଜିକା ଭାବେ ଗୀତାଞ୍ଜଳି ପୃଷ୍ଟି ସୁକାନ୍ତ ମହାନ୍ତି ଓ ସଂଯୋଜକ ଭାବେ ସୀତାନାଥ ସାହୁ ଯୋଗଦେଇ ଥିବା ବେଳେ ସମ୍ମାନୀତ ଅତିଥି ଭାବେ ବରିଷ୍ଠ ପତ୍ରକାର ତଥା ସାହିତ୍ୟିକ ରବିନାରାୟଣ ଖିଲାର, ଉତ୍କଳ ସମାଜର ସମ୍ପାଦକ ସୁଧାଂଶୁ ଷଡ଼ଙ୍ଗୀ, ପଣ୍ଡିତ ଚୈତନ କୁମାର ସାହୁ, ଡ଼ ପ୍ରଭାତି ମିଶ୍ର, ଅନ୍ୟ ଅଧିବେଶନ ରେ ସଭାପତି, ସାରଳା ସାହିତ୍ୟ ସଂସଦ ସୁସ୍ମିତା ରଥ ସମ୍ପାଦିକା, ଗଙ୍ଗାଧର ରଥ ଫାଉଣ୍ଡେସନ, ମାନସ ପଣ୍ଡା, ରତ୍ନାକର ରାଉତ, ଭା.ପ୍ର.ସେ ପୂର୍ବତନ ସରକାରୀ ପ୍ରଶାସକ ତଥା କବି ଜ୍ଞାନୀ ଦେବାଶିଷ ମିଶ୍ର ଓଡ଼ିଆ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ ଅମିୟ ରଞ୍ଜନ ମହାପାତ୍ର ବିଶିଷ୍ଟ କବି ଓ ସାହିତ୍ୟ ସୁରେଶ କୁମାର ନାୟକ, ବିଜୟ ମଲ୍ଲ ପ୍ରମୁଖ ଯୋଗଦେଇ ଭାଷାର ସୁରକ୍ଷା, ସାହିତ୍ୟ ଓ ସଂସ୍କୃତି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ ଏହି ଅବସରରେ ରାଜ୍ୟରୁ ଆସିଥିବା ବହୁ ସାରସ୍ୱତ ସାଧକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ବେଳେ ଭଦ୍ରକରୁ ଲେଖକ ତଥା ସୁସାହିତ୍ୟିକ ରବିନାରାୟଣ ଖିଲାର,ଶିକ୍ଷୟତ୍ରୀ ମନୋରମା ରାୟ, ସାବିତ୍ରୀ ସେଠି, ଡ଼. ଜାନକୀ ପାଢ଼ୀ, ଅନନ୍ତ ନାଥ, ସୁବ୍ରତ ଦୀକ୍ଷିତ, ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା, ରଣିତା ଶୁଭ ଦର୍ଶିନୀ ନୃତ୍ୟ ପରିବେଷଣ କରିଥିଲେ, ଶେଷରେ ବିଜୟ କୁମାର ରାଉତ ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

ସାଥୀ ରାମଚନ୍ଦ୍ର ସଙ୍କ ଦିତୀୟ ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି ସଭା

ନୀଳଗିରି, ୧୧/୦୫(ଆ.ପ୍ର) : ବାମପନ୍ଥୀ ଖଟିଖିଆ ଶ୍ରମିକ ନେତା ରାମଚନ୍ଦ୍ର ସଙ୍କ ଦିତୀୟ ଶ୍ରାଦ୍ଧ ଦିବସରେ ତାଙ୍କ ବାସସ୍ଥାନ ବାଙ୍କାସାହି ରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ଲକ୍ଷ୍ମୀଧର ସାହୁ ସଭାପତିତ୍ୱ କରିଥିଲେ । ରାମଚନ୍ଦ୍ର ସ ବଣସାମା ଅଂଚଳର ଜଣେ ବିଶିଷ୍ଟ ଶ୍ରମିକ, କୃଷକ ନେତା ଥିଲେ । ଅରାୟରଣୀ ଆନ୍ଦୋଳନରେ ମୁଖ୍ୟ ପୁରୋଧା ଭାବେ କାର୍ଯ୍ୟ କରୁଥିଲେ । ତାଙ୍କ ଅବର୍ତମାନରେ ନୀଳଗିରିରେ ପାର୍ଟୀର ଯେଉଁ କ୍ଷତି ହୋଇଛି ତାହା ବର୍ତ୍ତମାନ ସୁଦ୍ଧା ପୂରଣ ହୋଇ ପାରି ନାହିଁ । ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ଗରଡିହିର ପୂର୍ବତନ ସରପଂଚ ଜଗନ୍ନାଥ ସିଂ, ପୁରୁଷୋତମ ବାରିକ, ମହେଶ୍ୱର ଖିଲାର, ମନୋରଞ୍ଜନ ସାହୁ, ରାମଚନ୍ଦ୍ର ପଡ଼ିଆରୀ, ଅମରେନ୍ଦ୍ର ନାୟକଙ୍କ ସମେତ ତାଙ୍କ ସାନ ଭାଇ ଲକ୍ଷ୍ମଣ ଓ ତାଙ୍କର ସମସ୍ତ ପରିବାର ବର୍ଗ ଉପସ୍ଥିତ ଥିଲେ ।

ସଫିପୁରରେ ଶ୍ରୀ ଶଙ୍କରେଶ୍ୱର ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ସମ୍ପନ୍ନ

ନିମାପଡ଼ା, ୧୧/୦୫(ଆ.ପ୍ର) : ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ତମ୍ପାଳ ପଂଚାୟତ ଅନ୍ତର୍ଗତ ସଫିପୁର ଗ୍ରାମରେ ଏକ ନୂତନ ମନ୍ଦିର ପ୍ରତିଷ୍ଠା ସହିତ ପାର୍ଶ୍ୱ ଦେବା ଦେବୀଙ୍କ ପ୍ରାଣ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞରେ ମୁଖ୍ୟ କର୍ତ୍ତା ଭାବେ ଚନ୍ଦନ ହାତୀ ଓ କର୍ତ୍ତୀ ଭାବେ ମିତା ରାଣୀ ହାତୀ କାର୍ଯ୍ୟ ସମ୍ପାଦନ କରିଥିଲେ । ଅନ୍ୟତମ କର୍ତ୍ତା ଭାବେ ଶରତ ହାତୀ, ମିଥୁନ ଭଟ୍ଟ ଏବଂ କର୍ତ୍ତୀ ସସ୍ମିତା ହାତୀ ଓ ଆରତୀ ଭଟ୍ଟ ପୂଜା କର୍ମରେ ବସିଥିଲେ । ମୁଖ୍ୟ ପଣ୍ଡିତ ବିରଂଚି ନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ସହଯୋଗୀ ପଣ୍ଡିତ ବିଜୟ କୁମାର ତ୍ରିପାଠୀ, ସଞ୍ଜୟ ତ୍ରିପାଠୀ ଓ ମନୟ ରଞ୍ଜନ ଆଚାର୍ଯ୍ୟ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ । ମନ୍ଦିର ପୂଜକ ରାମଚନ୍ଦ୍ର ପଣ୍ଡା ସମସ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସାହାଯ୍ୟ ସହଯୋଗ କରିଥିଲେ । ଏହି ଅବସରରେ ମନ୍ଦିରରେ ମା' ପାର୍ବତୀ, ପ୍ରଭୁ କାର୍ତ୍ତିକେୟ, ଗଣେଶ ଏବଂ ନନ୍ଦିଭୃଙ୍ଗୀ ଆଦି ପାର୍ଶ୍ୱ ଦେବଦେବୀଙ୍କୁ ଶାସ୍ତ୍ରୀୟ ରୀତିନୀତି ଅନୁଯାୟୀ ପ୍ରତିଷ୍ଠା କରାଯାଇଥିଲା । ପ୍ରାୟ ୪ ଦିନ ଧରି ଚାଲିଥିବା ଏହି ଭବ୍ୟ ଉତ୍ସବର ଶେଷ ଦିବସରେ ସନ୍ଧ୍ୟା ସମୟରେ ଠାକୁରଙ୍କୁ ଗ୍ରାମ ପରିକ୍ରମା କରାଯାଇ ମନ୍ଦିରରେ ସ୍ଥାପନ କରାଯାଇଥିଲା । ଏହି ପ୍ରତିଷ୍ଠା ଉତ୍ସବ ଓ ଯଜ୍ଞ ଦର୍ଶନ ପାଇଁ ସଫିପୁର ସମେତ ଆଖପାଖ ଅଂଚଳରୁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଭକ୍ତମାନେ ଶଙ୍କରେଶ୍ୱର ଦେବଙ୍କ ଦର୍ଶନ କରିବା ସହ ବିଶ୍ୱଶାନ୍ତି ମହାଯଜ୍ଞରେ ଆହୁତି ପ୍ରଦାନ କରି ପୁଣ୍ୟ ଅର୍ଜନ କରିଥିଲେ । ଗ୍ରାମର ବରିଷ୍ଠ ପାଲା ଗାୟକ ରମେଶ ଚନ୍ଦ୍ର ଖଟୋଇଙ୍କ ସମେତ ସମସ୍ତ ଗ୍ରାମବାସୀ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।

ସେଇଠୁ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୧୨ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ବଟଶ୍ରୀକ୍ଷେତ୍ରର ଚନ୍ଦନ ଉତ୍ସବ ଉଦ୍‌ଯାପିତ

ଜଗତସିଂହପୁର, ୧୧/୦୫(ଆ.ପ୍ର) : ଆଜି ବଟଶ୍ରୀକ୍ଷେତ୍ରର ଚନ୍ଦନ ଉତ୍ସବ ମହା ସମାରୋହରେ ଉଦଯାପିତ ହୋଇଯାଇଛି । ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଥିବା ୨୧ ଦିନ ବ୍ୟାପୀ ଚନ୍ଦନ ଯାତ୍ରାର ଅନ୍ତିମ ଦିବସରେ ମହାପ୍ରଭୁଙ୍କ ସହସ୍ର ନାମ ପାଠ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ଭୁବନେଶ୍ୱରରୁ ଆସିଥିବା ମୂରଲିଧର ପଲାଇ । ଉକ୍ତ ସଭାରେ ସଭାପତିତ୍ୱ କରିଥିଲେ ବଟଶ୍ରୀକ୍ଷେତ୍ର ଚାରିଟେବଲ ଟ୍ରଷ୍ଟର ଅଧ୍ୟକ୍ଷ ଡ. ଅଭୟ କୁମାର ନାୟକ । ମୁଖ୍ୟ ଅତିଥିରୂପେ ଯୋଗଦେଇ ଓଡିଶା ସରକାରଙ୍କ ଅତିରିକ୍ତ ରିଲିଫ କମିଶନର ସତ୍ୟଭାଷ ଚନ୍ଦ୍ର ନାଥଶର୍ମା କହିଲେ ଯେ ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଭାବ ଓ ସମର୍ପଣର ଠାକୁର । ତାଙ୍କ ନିକଟରେ ନିଜକୁ ସମର୍ପି ଦେଲେ ସେ ସବୁକିଛିର ସମାଧାନ କରାଇ ଦିଅନ୍ତି । ଏହି ପରିପେକ୍ଷୀରେ ସେ ପୁରୀର ଅତିରିକ୍ତ ଜିଲ୍ଲାପାଳ ଥିଲାବେଳେ କରୋନା ସମୟରେ ରଥଯାତ୍ରାର କିଛି ଅନୁଭୂତି ବାଂଟିଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ତ୍ରିଦଣ୍ଡୀ ସ୍ୱାମୀ ଭକ୍ତିଗୌରବ ସଚ୍ଚିଦାନନ୍ଦ ମହାରାଜ କହିଲେ ଯେ ମହାପ୍ରଭୁ ଅଧାରତା ହୋଇଥିଲେ ହେଁ ସେ ପୂର୍ଣ୍ଣବ୍ରହ୍ମ । ସ୍ୱହସ୍ର ନାମ ପଠନ ଏବଂ ଶ୍ରବଣ ଶରୀରକୁ ପୁଲକିତ କରେ ଏବଂ ମନ ପ୍ରାଣକୁ ଶ୍ରୀଜଗନ୍ନାଥଙ୍କ ଆଡକୁ ଉନ୍ମୁଖ କରାଏ । ଏହି ସଭାରେ ସମ୍ମାନୀତ ଅତିଥିରୂପେ ଯୋଗଦେଇ ଭୁବନେଶ୍ୱରସ୍ଥ ଦିମ୍ ଅନୁଷ୍ଠାନର ମୁଖ୍ୟ ନିର୍ବାହି ଅଧିକାରୀ ମହାପ୍ରଭୁଯେ ପୁରୁଷୋତମ ତାହା ଗୀତାର ପଂଚଦଶ ଅଧ୍ୟାୟ ଆଧାରରେ ଉପସ୍ଥାପିତ କରିଥିଲେ । ଭକ୍ତଙ୍କ ଇଚ୍ଛା ଆଧାରରେ ଚଳନ୍ତି ବିଗ୍ରହ ମଦନମୋହନ ଡିଗି ନରେନ୍ଦ୍ରରେ ଚାପକୁ ବିଜେ କରିଥିଲେ ଏବଂ ଦୀର୍ଘ ସମୟ ଧରି ଚାପ ଖେଳିଥିଲେ । ଶେଷରେ ବଟଶ୍ରୀକ୍ଷେତ୍ରର ଠାକୁର ରାଜା ନୀଳକଣ୍ଠ ଶତପଥି ଅତିଥିମାନଙ୍କୁ ଅଂଗଲାଗି ବସ୍ତ୍ର ଏବଂ ସ୍ମୃତି ଫଳକ ପ୍ରଦାନ କରିଥିଲେ ଓ ବଟଶ୍ରୀକ୍ଷେତ୍ର ପରିଚାଳନା କମିଟିର ସଭାପତି ପଣ୍ଡିତ ରବୀନ୍ଦ୍ର ନାଥ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ । ଅନୁଷ୍ଠାନ ତରଫରୁ ସମସ୍ତଙ୍କ ପାଇଁ ମହାପ୍ରସାଦ ସ୍ୱରୂପ ଦହି ପଖାଳର ବ୍ୟବସ୍ଥା କରାଯାଇଥିଲା । ୨୧ଦିନ ବ୍ୟାପୀ ଏହି ଭବ୍ୟ ସମାରୋହରେ ଯେଉଁମାନେ ସହଯୋଗର ହାତ ବଢାଇଥିଲେ ସେମାନେ ହେଲେ ଶ୍ରୀଉମେଶ ନାୟକ, ନରେନ୍ଦ୍ର ନାୟକ, ସମୀର ସ୍ୱାଇଁ, ଦିବ୍ୟଜିତ ସ୍ୱାଇଁ ପରମାନନ୍ଦ ନାୟକ, ସୁଶାନ୍ତ ସ୍ୱାଇଁ, ମହେଶ୍ୱର ନାୟକ, ରୁଦ୍ରପ୍ରତାପ ସ୍ୱାଇଁ, ଉମାକାନ୍ତ ଗୋହାୟତ, ଦିବ୍ୟଜିତ୍ ଏବଂ ଅକ୍ଷୟ ନାୟକ ।

ଅଫୁଟା ବାଣ ସଂସ୍ପର୍ଶରେ ଆସି ୨ଭଉଣୀ ଗୁରୁତର

ଭଦ୍ରକ, ୧୧/୦୫(ଆ.ପ୍ର) : ଭଦ୍ରକ ଜିଲ୍ଲା ତିହିଡ଼ି ଥାନା କାଁପଡ଼ା ପଂଚାୟତ ଅଧୀନ ଦପା ଗ୍ରାମରେ ରବିବାର ଅଫୁଟା ବାଣ ସଂସ୍ପର୍ଶରେ ଆସି ୨ଭଉଣୀ ଗୁରୁତର ଆହତ ହୋଇଛନ୍ତି । ସେମାନେ ହେଉଛନ୍ତି ଫକୀର ଦାସଙ୍କ ଝିଅ ଲକ୍ଷ୍ମୀ (୮) ଏବଂ ସଖୀ (୫) । ଜଣାଯାଇଛି ଯେ, ଶନିବାର ରାତିରେ ଗ୍ରାମରେ ଏକ ବିବାହ ଶୋଭାଯାତ୍ରାରେ ରୋଷଣୀ ଜଳାଯିବା ସହିତ ବାଣ ଫୁଟା ଯାଇଥିଲା । ତେବେ ବାଣ ଭିତରୁ କିଛି ଅଫୁଟା ରହି ଯାଇଥିଲା । ଲକ୍ଷ୍ମୀ ଓ ସଖୀ ସେହି ବାଣରେ ନିଆଁ ଲଗାଇ ଫୁଟାଉ ଥିବାବେଳେ ହଠାତ ନିଆଁ ଉଠି ୨ଭଉଣୀଙ୍କ ମୁହଁ ଜଳି ଯାଇଥିଲା । ଯାହାଫଳରେ ସେମାନେ ଗୁରୁତର ହେବାରୁ ୨ଭଉଣୀଙ୍କୁ ଚିକିତ୍ସା ନିମନ୍ତେ ତିହିଡ଼ି ଡାକ୍ତରଖାନାରେ ଭର୍ତି କରାଯାଇଥିଲା । ସେଠାରୁ ତାଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାଯାଇଛି ।

ପଂଚାୟତ ସମିତିର ଷଷ୍ଠ ସାଧାରଣ ବୈଠକ

ବାସୁଦେବପୁର, ୧୧/୦୫(ଆ.ପ୍ର) : ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ପରିସରରେ ପଂଚାୟତ ସମିତିର ଷଷ୍ଠତମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଂଚଳର ୩୬ଟି ଗ୍ରାମ ପଂଚାୟତର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ, ପାନୀୟ ଜଳ, ରାସ୍ତାଘାଟ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଜନସାଧାରଣଙ୍କ ମୌଳିକ ସମସ୍ୟାକୁ ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ବୈଠକରେ ସାଂସଦ, ଅଭିମନ୍ୟୁ ସେଠୀ ବାସୁଦେବ ପୁର ବିଧାୟକ, ଅଶୋକ କୁମାର ଦାସ ବାସୁଦେବ ପୁର ବ୍ଲକ ଅଧ୍ୟକ୍ଷ, ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ବାସୁଦେବ ପୁର ବିଡିଓ, ତନ୍ମିତା କର, ମୃତ୍ୟୁଞ୍ଜୟ ନାୟକ, ମନୋରଞ୍ଜନ ନାୟକ, ସ୍ମୃତିରଞ୍ଜନ ତରାଇ, ଜିଲ୍ଲା ପରିଷଦ ସଦସ୍ୟ, ସରପଂଚ ଓ ସମିତି ସଭ୍ୟମାନେ ଯୋଗଦେଇ ଅଂଚଳର ବିକାଶ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ମତ ପ୍ରକାଶ କରିଥିଲେ ।ବାସୁଦେବପୁର ବ୍ଲକ ସଭାଗୃହରେ ଆୟୋଜିତ ଏହି ସାଧାରଣ ବୈଠକରେ ବିଭିନ୍ନ ପଂଚାୟତର ଅପୂର୍ଣ୍ଣ ପ୍ରକଳ୍ପ, ଗ୍ରାମୀଣ ରାସ୍ତା ନିର୍ମାଣ, ପାନୀୟ ଜଳ ସମସ୍ୟା ଓ ସରକାରୀ ଯୋଜନାର କାର୍ଯ୍ୟକାରିତା ନେଇ ଆଲୋଚନା ହୋଇଥିଲା । ଉପସ୍ଥିତ ଜନପ୍ରତିନିଧିମାନେ ଲୋକଙ୍କ ସମସ୍ୟାର ଶୀଘ୍ର ସମାଧାନ ଓ ବିକାଶମୂଳକ କାର୍ଯ୍ୟରେ ସମନ୍ୱୟ ରଖି କାମ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ବାସୁଦେବ ପୁର ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ ।

୭ମ ବାଟାଲିୟନ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୧୧/୦୫(ଆ.ପ୍ର) : ରାଜଧାନୀର ଅନତମ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୁରକ୍ଷା ପକ୍ଷରୁ ଇନଫୋସିଟି ନିକଟସ୍ଥ ନନ୍ଦୁଜ ୱାର୍ଲ୍ଡ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୭ମ ବାଟାଲିୟନ ଚାକିରୀରୁ ସଦ୍ୟ ଅବସର ଗ୍ରହଣ କରିଥିବା କର୍ମଚାରୀ ଚିତ୍ତରଞ୍ଜନ ରାଉତରାୟଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି । ସୁରକ୍ଷାର ଉପଦେଷ୍ଟା ସୁଧାଂଶୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ନନ୍ଦୁଜ ୱାର୍ଲ୍ଡର ପ୍ରତିଷ୍ଠାତା ତଥା ମାଲିକ ମନୋଜ କୁମାର ସାହୁ, ସୁରକ୍ଷା ସମ୍ପାଦକ କେଶବ ରଣା, ବରିଷ୍ଠ ସଭ୍ୟ ପଦ୍ମଲୋଚନ ସାହୁ, ଦେବ ଚୌଧୁରୀ, ପ୍ରଶାନ୍ତ ଦାସ, ବିଜୟ ଦାସ, ଲୋଚନ ପ୍ରତାପ ସିଂ, ରାଜେନ୍ଦ୍ର ନାୟକ, ସମୀର ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ଶ୍ରୀ ରାଉତରାୟଙ୍କୁ ଉତରୀୟ, ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ତାଙ୍କ କର୍ମମୟ ଜୀବନ ଅନ୍ୟ ମାନଙ୍କ ପାଇଁ ଏକ ଉଦାହରଣ ହୋଇ ରହିବ ବୋଲି କହିଥିଲେ । ସମ୍ବର୍ଦ୍ଧନା ଉତରରେ ଶ୍ରୀ ରାଉତରାୟ ତାଙ୍କ ଚାକିରି ଜୀବନର ସୁଖଦୁଃଖର କାହାଣୀ ବଖାଣିବା ସହିତ ସମୟାନୁବର୍ତ୍ତିତା ଓ କର୍ତବ୍ୟନିଷ୍ଠା ରଖିବା ପାଇଁ ପରାମର୍ଶ ଦେଇଥିଲେ । ଏବଂ ଆଗାମୀ ଜୀବନ ଦାନଧର୍ମ କରି ସୁରକ୍ଷା ସହିତ ରହି ସମାଜସେବା କରିବା ପାଇଁ ଘୋଷଣା କରିଥିଲେ । ନିର୍ଦ୍ଦେଶିକା ମିଲି ରଣା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

୧୪ତାରିଖରେ କଟକ ସଦର ବିଜେଡ଼ି ପକ୍ଷରୁ ସାଂଗଠନିକ ବୈଠକ ପାଇଁ ପ୍ରସ୍ତୁତି

ନିଶ୍ଚିନ୍ତକୋଇଲି, ୧୧/୦୫(ଆ.ପ୍ର) : କଟକସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅନ୍ତର୍ଗତ ୧୪ଗୋଟି ଗ୍ରାମ ପଞ୍ଚାୟତର ବିଜୁ ଜନତା ଦଳର କର୍ମୀମାନଙ୍କୁ ନେଇ ଆସନ୍ତା ତା.୧୪.୦୫.୨୦୨୬ରିଖରେ ନିଶ୍ଚିନ୍ତକୋଇଲି ବାଣୀନଗର ନଡକାଇ ଠାରେ ଅବସ୍ଥିତ ଶକ୍ତିଶ୍ୱର ମନ୍ଦିର ପରିସରରେ ଦଳୀୟ ସାଂଗଠନିକ ଆଲୋଚନା ବୈଠକ ଅନୁଷ୍ଠିତ ହେବ ଏ ନେଇ ଏକ ପ୍ରସ୍ତୁତି ବୈଠକ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅନ୍ତର୍ଗତ କଳମିଶ୍ରି ଗ୍ରାମପଞ୍ଚାୟତରେ ଥିବା ପଞ୍ଚାୟତ କଳା ପରିଷଦ ସଭା ଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଜୁ ଜନତା ଦଳ କଟକ ଜିଲ୍ଲା ସମ୍ପାଦକ ଶ୍ରୀଯୁକ୍ତ ପ୍ରମୋଦ କୁମାର ନାୟକଙ୍କ ସଂଯୋଜନାରେ ତା.୧୦.୦୫.୨୦୨୬ରିଖ ରବିବାରରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ କଟକସଦର ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ନେତା ପୂର୍ବତନ ମନ୍ତ୍ରୀ ତଥା ନବନିଯୁକ୍ତ ବିଜୁ ଜନତା ଦଳ ରାଜ୍ୟ ସମ୍ପାଦକ ଶ୍ରୀଯୁକ୍ତ ଚନ୍ଦ୍ରସାରଥୀ ବେହେରା ଯୋଗ ଦେଇ କିପରି ଭାବରେ ବିଜୁ ଜନତା ଦଳକୁ ତୃଣମୂଳ ସ୍ତରରୁ ମଜବୁତ୍ କରାଯିବ ସେ ନେଇ ଉପସ୍ଥିତ କର୍ମୀମାନଙ୍କ ମଧ୍ୟରେ ଆଲୋଚନା କରିଥିଲେ । ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ୨୫ନଂ ଜୋନ୍ ଜିଲ୍ଲାପରିଷଦ ସଭ୍ୟ ଇଂ.ବିକାସ କୁମାର ଭୋଇ,ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଅଚ୍ୟୁତାନନ୍ଦ ଦାସ,ସମିତିସଭ୍ୟ ବିଶ୍ୱେନ୍ଦୁ ମହାରଣା, ବିଜୁ ଜନତା ଦଳ ସଂଗଠକ ଶରତ କୁମାର ସାମଲ,କାଳିନ୍ଦୀ ଭୋଇ, ବିଶ୍ୱଜିତ୍ ପରିଡ଼ା, ପ୍ରକାଶ ମହାନ୍ତି,କାଳିନ୍ଦୀ ସାହୁ, ବିଷ୍ଣୁ ପ୍ରଧାନ,ମଙ୍ଗୁଳି ଲେଙ୍କା,ଅରୁଣ ସିଂହଙ୍କ ସମେତ ବହୁ କର୍ମୀ ଆଲୋଚନାରେ ଭାଗ ନେଇଥିଲେ ।

ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ ପାଇଁ ସଦସ୍ୟଙ୍କୁ ଚୁକ୍ତିଭିତିକ ନିୟୋଜନ ପତ୍ର ପ୍ରଦାନ ଆରମ୍ଭ

ରାଉରକେଲା, ୧୧/୦୫(ଆ.ପ୍ର) : ରାଉରକେଲା ଇସ୍ପାତ କାରଖାନାର ଗ୍ରୀନଫିଲ୍ଡ ସମ୍ପ୍ରସାରଣ କାର୍ଯ୍ୟ ପାଇଁ ପ୍ଲାଂଟର ଅଧୀନରେ ଥିବା ଅଂଚଳରୁ ସ୍ଥାନାନ୍ତରିତ ହେଉଥିବା କୁଟୀରବାସୀଙ୍କୁ କ୍ଷତିପୂରଣ ପ୍ୟାକେଜ୍ ପ୍ରଦାନ କରିବା ଦିଗରେ ନିଜର ଗମ୍ଭୀରତା ଓ ଆନ୍ତରିକତା ପ୍ରଦର୍ଶନ କରି, ଇସ୍ପାତ କାରଖାନା ପକ୍ଷରୁ ପ୍ରତି କୁଟୀରର ଜଣେ ସଦସ୍ୟଙ୍କୁ ଚୁକ୍ତିଭିତିକ ନିୟୋଜନ ପତ୍ର ପ୍ରଦାନ କରାଯିବା ଆରମ୍ଭ ହୋଇଛି । ଏହି କ୍ରମ ରେ କାଟେ ବସ୍ତିରୁ ସ୍ଥାନାନ୍ତରିତ ହୋଇଥିବା କୁଟୀରବାସୀଙ୍କ ମଧ୍ୟରୁ ୫ ଜଣ ବ୍ୟକ୍ତିଙ୍କୁ ୧୧ ମଇ ୨୦୨୬ ରେ ଏହି ନିୟୋଜନ ପତ୍ର ପ୍ରଦାନ କରାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏ ମଧ୍ୟରେ, ରାଉରକେଲା ଇସ୍ପାତ କାରଖାନା କାଟେ ବସ୍ତିରୁ ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ ହୋଇଥିବା ୧୭ଟି ପରିବାରକୁ ଚେକ୍ ମଧ୍ୟ ହସ୍ତାନ୍ତର କରିସାରିଛି । କ୍ଷତିପୂରଣ ପ୍ରସ୍ତାବ ଅନୁଯାୟୀ, ପ୍ରତ୍ୟେକ ପ୍ରଭାବିତ ପରିବାରକୁ ମୋଟ ୫,୧୬,୬୨୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ । ଏହା ବ୍ୟତୀତ, ପ୍ରତ୍ୟେକ କୁଟୀର ବଦଳରେ ୬୫୦ ବର୍ଗଫୁଟର ଏକ ବିକଶିତ ପ୍ଲଟ୍ ପ୍ରଦାନ କରାଯିବ ଏବଂ ନିର୍ଭରଶୀଳ ପରିବାର ସଦସ୍ୟମାନଙ୍କୁ ଇଏସଆଇ ଚିକିତ୍ସା ସୁବିଧା ଅନ୍ତର୍ଭୁକ୍ତ କରାଯିବ । ରାଉରକେଲା ଇସ୍ପାତ କାରଖାନା ବର୍ତ୍ତମାନ ଏକ ବିରାଟ ପଦକ୍ଷେପ ନେବାକୁ ପ୍ରସ୍ତୁତ ହେଉଛି ଯାହା ଏହି ଅଂଚଳର ଅର୍ଥନୈତିକ ଦିଗନ୍ତକୁ ପୁଣିଥରେ ପରିଭାଷିତ କରିବ । ଆର.ଏସ.ପି. ଏହାର ବାର୍ଷିକ ଉତ୍ପାଦନ କ୍ଷମତାକୁ ବର୍ତ୍ତମାନର ବାର୍ଷିକ ୪.୬୫ ନିୟୁତ ଟନ୍ ରୁ ୯.୮ ନିୟୁତ ଟନ୍ କୁ ବୃଦ୍ଧି କରିବ । ଏହି ସମ୍ପ୍ରସାରଣ ସ୍ଥାନୀୟ ବାଣିଜ୍ୟରେ ଏକ ବଡ଼ ପରିବର୍ତ୍ତନ ଆଣିବ, ଯାହା ସୁନ୍ଦରଗଡ଼ ଜିଲ୍ଲା ଏବଂ ଓଡ଼ିଶା ରାଜ୍ୟ ପାଇଁ ସମୃଦ୍ଧିର ଏକ ନୂତନ ଲହରୀ ଆଣିବ । ଏହି ଗ୍ରୀନଫିଲ୍ଡ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ଆର.ଏସ.ପି. ନିଜ ଅଧୀନରେ ଥିବା କାରଖାନା ସଂଲଗ୍ନ ୧,୨୦୦ ଏକର ଜମି ବ୍ୟବହାର କରିବ । ଯଦିଓ ଏହି ଜମି ସରକାରୀ ଭାବେ ରାଉରକେଲା ଇସ୍ପାତ କାରଖାନାର ଅଧୀନରେ ଅଛି, ତେବେ ସମୟକ୍ରମେ ଏହି ସ୍ଥାନରେ ବିଭିନ୍ନ ଅବରୋଧ ସୃଷ୍ଟି ହୋଇଛି । ପ୍ଲାଂଟର ବୃଦ୍ଧି ସହିତ ସମ୍ପୃକ୍ତ ସମୁଦାୟକୁ ମଧ୍ୟ ଆଗକୁ ନେବା ନିଶ୍ଚିତ କରିବା ପାଇଁ, କାରଖାନା ପକ୍ଷରୁ ବର୍ତ୍ତମାନ ସେଠାରେ ରହୁଥିବା ପରିବାରଗୁଡ଼ିକ ପାଇଁ ସ୍ୱତଃପ୍ରବୃତ ଭାବେ ଏକ ଅନୁକମ୍ପାମୂଳକ କ୍ଷତିପୂରଣ ପ୍ୟାକେଜ୍ ପ୍ରଦାନ କରାଯାଉଛି ।

ବନ୍ଧୁକ ଲଗାଇ ଲୁଟିନେଲେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର

ଭଦ୍ରକ, ୧୧/୦୫(ଆ.ପ୍ର) : ରାତି ପ୍ରାୟ ୯ ଟା ସମୟରେ ମୁଣ୍ଡରେ ବନ୍ଧୁକ ଲଗାଇ ଗାଁ ବାହାର ରାସ୍ତାପାର୍ଶ୍ୱରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟ୍ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ଏହି ଜିଲାର ସାବରଙ୍ଗ ଥାନା ଅଧୀନସ୍ଥ ଏରେଡା ପଂଚାୟତର ନଣ୍ଡେଇବିହ ଗ୍ରାମନିବାସୀ ମୁକ୍ତିକାନ୍ତ ସ୍ୱାଇଁଙ୍କ ପରିବାର ଗାଁ ଠାରୁ କିଛି ଦୂର ରାସ୍ତା ପାର୍ଶ୍ୱରେ ଘରକରି ରହିଆସୁଥିଲେ । ତେବେ ଗତକାଲି ରାତି ପ୍ରାୟ ୯ଟା ସମୟରେ ତାଙ୍କ ଘରର ମୁଖ୍ୟ ଦ୍ୱାରକୁ କେତେକ ଦୁର୍ବୃତ ଆସି ଠକ୍ ଠକ୍ କରି ଡାକିଥିଲେ । ସେତେବେଳେ ବାହାର ପାର୍ଶ୍ୱ ଅନ୍ଧାର ଥିବାରୁ ପରିବାର ଲୋକେ ଗ୍ରାମର କୌଣସି ବ୍ୟକ୍ତି ଡାକୁଥିବାର ଅନୁମାନ କରି କବାଟିକୁ ସାମାନ୍ୟ ଖୋଲି ଦେଖୁଥିବାବେଳେ ୬ ଜଣ ଦୁର୍ବୃତ ତାଙ୍କୁ ପେଲି ଘର ଭିତରକୁ ପ୍ରବେଶ କରିଥିଲେ । ଏହାପରେ ସେମାନଙ୍କ ମଧ୍ୟରୁ ମୁହଁରେ ପଟି ବାନ୍ଧିଥିବା ୪ ଜଣ ଦୁର୍ବୃତ ମୁଣ୍ଡରେ ବନ୍ଧୁକ ଲଗାଇଥିବାବେଳେ ମୁହଁ ଖୋଲାଥିବା ଦୁଇଜଣ ଛୁରୀ ଧରି ସମସ୍ତଙ୍କ ଦେହରେ ଥିବା ସୁନା ଅଳଙ୍କାର ଖୋଲି ଦେବାକୁ କହିଥିଲେ । ଫଳରେ ଭୟରେ ମହିଳା ଓ ପୁରୁଷମାନେ ସେମାନେ ପିନ୍ଧିଥିବା ହାର, କାନଫୁଲ ଓ ମୁଦି ଖୋଲି ସେମାନଙ୍କୁ ଦେଉଦେଇଥିବାବେଳେ ଦୁର୍ବୃତମାନେ ଏକ ଆଇଫୋନ୍ ସହ ଦୁଇଟି ମୋବାଇଲ୍ ନେଇଯାଇଥିଲେ । ଏବଂ ସେମାନଙ୍କୁ ଗୋଟିଏ ଘରେ ବନ୍ଦ କରି ଅସିଥିବା ବାଇକ୍‌ରେ ଫେରାର ହୋଇଯାଇଥିଲେ । ଏହି ଘଟଣାକୁ ନେଇ ଥାନାରେ ଅଭିଯୋଗ ପରେ ଆଜି ଏସ୍‌ଡିପିଓ ଓ ଥାନାଧିକାରୀ ଶାନ୍ତନୁ ଜେନା ସାଇଂଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାର୍ଡ ସହ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି ।

ବରିଷ୍ଠ ନାଗରିକ ସଂଘ ପକ୍ଷରୁ ହାଜୀ ଅବୁଲ କାଶିମ ଖାନଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ଭଦ୍ରକ, ୧୧/୦୫(ଆ.ପ୍ର) : ଭଦ୍ରକ ପୁରୁଣା ବଜାର ବରିଷ୍ଠ ନାଗରିକ ସଂଘ ଆନୁକୂଲ୍ୟରୁ ଭଦ୍ରକ ପୁରୁଣା ବଜାର ସ୍ଥିତ ବାଙ୍କୀ ବଜାର ସୈନିକ ସ୍କୁଲ ଠାରେ ସନ୍ଧ୍ୟା ୫ ଘଟିକା ସମୟରେ ବିଶିଷ୍ଟ ସୁନାମଧନ୍ୟ କ୍ରୀଡ଼ାବିତ, ସାମ୍ପ୍ରଦାୟିକ ସଦଭାବନାର ରକ୍ଷକ ତଥା ଜୀବନବ୍ୟାପି ଶିକ୍ଷା, ସଂସ୍କୃତି ଏବଂ ପୂଜ୍ୟାପୂଜା ସଂଗଠନର ବ୍ୟକ୍ତି ହାଜୀ ଅବୁଲ କାଶିମ ଖାନଙ୍କ ଶ୍ରଦ୍ଧାଞ୍ଜଳି ସଭା ସଂଘର ସଭାପତି ହାଜୀ ହକିମୁଦ୍ଦିନ ଖାନଙ୍କ ସଭାପତିତ୍ୱ ରେ ଏବଂ ସମ୍ପାଦକ ରାମଚନ୍ଦ୍ର କରଙ୍କ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଫେଲୋସିପ ର ସମ୍ପାଦକ ଏସ.ଏମ. ଫାରୁକ, ସମାଜସେବୀ ସୁଧାକର ରାଉତ, ଲଳାଟେନ୍ଦୁ ମହାନ୍ତି, କୈଳାଶ ଚନ୍ଦ୍ର ମହାପାତ୍ର, ରୋଇର୍ସ କ୍ଲବର ସମ୍ପାଦକ ହରିହର ନନ୍ଦୀ, ମୁସଲିମ ଜମାତର ସମ୍ପାଦକ ହାଜୀ ଅବଦୁଲ ମୁଜିତ ଖାନ, ବିବେକ ମୁଖାର୍ଜୀ, ଆଇନଜିବି ଶେଖ ଅବୁ ସୁଫିଆନ, ବାଳଆଶ୍ରମ ସମ୍ପାଦକ ଅଶୋକ ଦାସ, ଇଂ ମନାୱାର ହୋସେନ ଓ ଲକ୍ଷ୍ମୀକାନ୍ତ ବାରିକ ପ୍ରମୁଖ ଯୋଗଦାନ କରି ସ୍ୱର୍ଗତ କାଶିମ ଖାନଙ୍କ ଗୁଣାବଳୀ ଉପରେ ଆଲୋକପାତ କରିଥିଲେ । ପୂର୍ବତନ ମନ୍ତ୍ରୀ ସାମଲଙ୍କ ବକ୍ତବ୍ୟ ରେ କହିଥିଲେ ଯେ ସ୍ୱର୍ଗତ କାଶିମ ମୋର ଘନିଷ୍ଠ ବନ୍ଧୁ ଏବଂ ପୁରୁଣା ବଜାର ନାରାୟଣ ଚନ୍ଦ୍ର ହାଇସ୍କୁଲ ରେ ସାଙ୍ଗରେ ପାଠ ପଢୁଥିଲୁ , ଯେଉଁ ସମୟରେ ସ୍ୱର୍ଗତ କାଶିମ କେନ୍ଦୁଝରରେ ଚାକିରୀ କରୁଥିଲେ । ସେ ସମୟରେ ଭଦ୍ରକର ଖବର ଉପରେ ତାଙ୍କ ନଜର କ୍ରୀଡା ଉପରେ, ଶିକ୍ଷା ଉପରେ ରହୁଥିଲା ଏବଂ ସୁଖଦୁଃଖର ସାଥି ମଧ୍ୟ ଥିଲେ । ସ୍ୱର୍ଗତ କାଶିମ ଆମ ଗହଣରେ ନାହାନ୍ତି କିନ୍ତୁ ତାଙ୍କ କଥା, କାର୍ଯ୍ୟ ଓ ସଂଗଠନ ସହିତ ଜଡିତ ଥିବାରୁ ବର୍ଷେ ବର୍ଷେ ମନେ ରହିଥିବ । ଏହି ସଭାକୁ ବରିଷ୍ଠ ନାଗରିକ ସଂଘ ର ସମସ୍ତ ସଭ୍ୟ ଉପସ୍ଥିତ ରହି ପରିଚାଳନା କରିଥିଲେ ।

ମ୍ୟାଟ୍ରିକ୍ ପରୀକ୍ଷାଫଳ : ସହରାଂଚଳ ଠାରୁ ଗ୍ରାମାଂଚଳ ଆଗରେ ବ୍ଲକଗ୍ରାଂଟ, ଏଡେଡ୍ ସ୍କୁଲ ଠାରୁ ସରକାରୀ ହାଇସ୍କୁଲ ବହୁ ପଛରେ

ଭଦ୍ରକ, ୧୧/୦୫(ଆ.ପ୍ର) : ଚଳିତବର୍ଷ ସହରାଂଚଳ ତୁଳନାରେ ଗ୍ରାମାଂଚଳରେ ମ୍ୟାଟ୍ରିକ୍ ପରୀକ୍ଷାଫଳ ଆଗରେ ଅଛି । ସହରାଂଚଳରେ ଥିବା ହାଇସ୍କୁଲ ଗୁଡିକର ଭିତିଭୂମିର ବିକାଶ ସାଙ୍ଗକୁ ଶିକ୍ଷକ ଅଭାବ ନଥିବାବେଳେ ମ୍ୟାଟ୍ରିକ୍ ପରୀକ୍ଷାଫଳ ଗତ କିଛିବର୍ଷ ଧରି କାହିଁକି ଖରାପ ହେଉଛି, ଏନେଇ ଶିକ୍ଷାବିତ୍ ମହଲ ଚିନ୍ତା ପ୍ରକଟ କରିଛି । ଜିଲା ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ନଦେବା ପରିତାପର ବିଷୟ । ଯଦି ଆମେ ନମୁନା ଭାବେ ଚଳିତବର୍ଷର ଭଦ୍ରକ ବ୍ଲକ୍ ଓ ପୌରାଂଚଳର ମ୍ୟାଟ୍ରିକ୍ ପରୀକ୍ଷାଫଳକୁ ତର୍ଜମା କରିବା, ତେବେ ଭଦ୍ରକ ସହରାଂଚଳ ନୟାବଜାରରେ ଥିବା ମଂଜୁଳା ମଂଜରୀ ଶିଶୁ ମନ୍ଦିରରୁ ୧୭ ଜଣ ଏ୧ ପାସ୍ କରିଛନ୍ତି । ଏହି ବେସରକାରୀ ସ୍କୁଲକୁ ବାଦ୍ ଦେଲେ ଭଦ୍ରକ ସହରରେ ୭ଟି ହାଇସ୍କୁଲ । ଚଳିତବର୍ଷ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ପରୀକ୍ଷା ଫଳ ଶତ ପ୍ରତିଶତ ରହିଛି । ଏ୧ ରେ ଜଣେ ଅଛନ୍ତି । ସେହିପରି ବହୁ ପୁରାତନ ୧୮୫୮ ମସିହାରେ ପ୍ରତିଷ୍ଠିତ ବି.ଏମ. ବାଗୁରାଇ ହାଇସ୍କୁଲର ପରୀକ୍ଷାଫଳ ସନ୍ତୋଷ ଜନକ ନୁହେଁ । ୧୮୮୮ ମସିହାରେ ସ୍ଥାପିତ ଭଦ୍ରକ ଜିଲାସ୍କୁଲରେ ଜଣେ । ବି.ଏମ ବାଗୁରାଇ ହାଇସ୍କୁଲରେ ୧୩୪ ଜଣଙ୍କ ମଧ୍ୟରୁ ୧୨୬ ଜଣ ପାସ୍ କରିଛନ୍ତି । ଏ୧ ରେ ଜଣେ, ଏ୨-୬, ବି୧-୧୧ , ବି୨-୧୪, ୬୦ ପ୍ରତିଶତରୁ କମ୍ ମାର୍କ ରଖିଛନ୍ତି ୩୫ ଜଣ, ୫୦ ପ୍ରତିଶତରୁ କମ୍ ମାର୍କ ରଖିଛନ୍ତି ୪୦ ଜଣ, ୪୦ ପ୍ରତିଶତରୁ କମ୍ ମାର୍କ ରଖିଛନ୍ତି ୧୯ ଜଣ । ଭଦ୍ରକ ଜିଲାସ୍କୁଲରେ ୧୬୨ ଜଣଙ୍କ ମଧ୍ୟରୁ ୧୫୯ ଜଣ ପାସ୍ କରିଛନ୍ତି । ଏ୧-୧, ଏ୨-୧୦, ବି୧-୨୩, ବି୨-୪୦, ୬୦ ପ୍ରତିଶତରୁ କମ୍ ମାର୍କ ରଖିଛନ୍ତି ୫୩, ୫୦ ପ୍ରତିଶତରୁ କମ୍ ରଖିଛନ୍ତି ୨୧ ଓ ୪୦ ପ୍ରତିଶତରୁ କମ୍ ମାର୍କ ରଖିଛନ୍ତି ୧୨ ଜଣ । ଅନ୍ୟପକ୍ଷରେ ୧୯୦୮ ମସିହାରେ ସ୍ଥାପିତ ପୁରୁଣାବଜାରସ୍ଥିତ ନାରାୟଣ ଚନ୍ଦ୍ର ହାଇସ୍କୁଲର ପରୀକ୍ଷାଫଳ ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଏହି ବିଦ୍ୟାଳୟରେ ୨୪୯ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୨ ଜଣ ଫେଲ୍ ହୋଇଛନ୍ତି । ଏ୧-୦, ଏ୨-୨, ବି୧-୮, ବି୨-୧୦, ୬୦ ପ୍ରତିଶତରୁ କମ୍ ରଖିଛନ୍ତି ୪୧ ଜଣ, ୫୦ ପ୍ରତିଶତରୁ କମ୍ ରଖିଛନ୍ତି ୭୧ ଓ ୪୦ ପ୍ରତିଶତରୁ କମ୍ ରଖିଛନ୍ତି ୯୫ ଜଣ । ଅନ୍ୟପକ୍ଷରେ ଚଳିତ ମ୍ୟାଟ୍ରିକ୍ ପରୀକ୍ଷାଫଳରୁ ଜଣାପଡୁଛି ଯେ ସରକାରୀ ଉଚ୍ଚ ବିଦ୍ୟାଳୟ ଗୁଡିକ ବ୍ଲକଗ୍ରାଂଟ ଓ ଏଡେଡ୍ ହାଇସ୍କୁଲ ଠାରୁ ବହୁ ପଛରେ ପଡିଛି । ଭଦ୍ରକ ବ୍ଲକ୍ ଅଧୀନସ୍ଥ ବ୍ଲକଗ୍ରାଂଟ ହାଇସ୍କୁଲ ରମ୍ଭିଳାରୁ ୫ ଜଣ ଏ୧ ପାଇଥିବା ବେଳେ ପଲ୍ଲୀଶ୍ରୀ ହାଇସ୍କୁଲ କୋଡଗମ୍ଭୀରରୁ ୨ ଜଣ, କାନ୍ତଳାବି ହାଇସ୍କୁଲ ବାହାବଲପୁରରୁ ଜଣେ ଓ ଏଡେଡ୍ ବି.ଜେ. ହାଇସ୍କୁଲ ବାଣିଚିଆରୁ ୩ ଜଣ ଏ୧ ପାଇଛନ୍ତି । ସେହିପରି ସମସ୍ତ ବ୍ଲକର ଗ୍ରାମାଂଚଳ ଗୁଡିକରେ ଥିବା ବ୍ଲକଗ୍ରାଂଟ ଓ ଏଡେଡ୍ ସ୍କୁଲ ସରକାରୀ ଉଚ୍ଚ ବିଦ୍ୟାଳୟ ଅପେକ୍ଷା ମ୍ୟାଟ୍ରିକ ପରୀକ୍ଷାଫଳ ଭଲ ରହୁଛି । ଚାନ୍ଦବାଲି ବ୍ଲକ୍ ଜମୁଆଳି ବିଏସସି ନୋଡାଲ ହାଇସ୍କୁଲର ଛାତ୍ରୀ ସର୍ବାଧିକ ୫୭୩ ନମ୍ବର ରଖିଛନ୍ତି । ସେହିଭଳି ଜିଲାର ୧୦ ଜଣଙ୍କ ମଧ୍ୟରେ ଗ୍ରାମାଂଚଳ ହାଇସ୍କୁଲ ଗୁଡିକ ବହୁସଂଖ୍ୟାରେ ଅଧିକ ନମ୍ବର ରଖିଛନ୍ତି ।

ବିଦ୍ୟାଳୟ ଖୋଲିଲା ହେଲେ ପାଠ୍ୟପୁସ୍ତକ ଦେଖାନାହିଁ

ମାହାଙ୍ଗା, ୧୧/୦୫(ଆ.ପ୍ର) : ମାହାଙ୍ଗା ବ୍ଲକରେ କିଭଳି ଭାବରେ ସରକାରୀ ଶିକ୍ଷା ଅନୁଷ୍ଠାନ ଗୁଡିକରେ ଶିକ୍ଷାଦାନ କରାଯାଉଛି ସେ ନେଇ ଚିନ୍ତାରେ ଅଭିଭାବକ, ଅଚିନ୍ତାରେ ପ୍ରଶାସନ । ବିଦ୍ୟାଳୟ ଖୋଲିଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ଏବଂ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ରାଜ୍ୟସରକାର ମାଗଣାରେ ବହି ପ୍ରଦାନ କରିବାରେ ବିଫଳ ହୋଇଛନ୍ତି । ଅପରପକ୍ଷରେ ଛୁଟିରେ ଅନ୍‌ଲାଇନ୍‌ରେ ପାଠ ପଢ଼ା ହେବ । ବହି ନାହିଁ ପାଠପଢ଼ା ହେବ କିପରି ? ନୂତନ ଶିକ୍ଷାନୀତି ଅନୁଯାୟୀ ପଂଚମ, ଅଷ୍ଟମ, ଓ ଦଶମ ଶ୍ରେଣୀରେ ବୋର୍ଡ ପରୀକ୍ଷା କରାଯାଉଛି । ଅପରପକ୍ଷରେ ସରକାରୀ ବିଦ୍ୟାଳୟ ଗୁଡ଼ିକରେ ଠିକ୍ ଭାବରେ ପାଠପଢ଼ା ହେଉ ନଥିବା ଅଭିଯୋଗ ହେଉଛି । ବିଷୟଭିତ୍ତିକ ଶିକ୍ଷକ ନାହାନ୍ତି, ପିଲା ପାଠ ପଢ଼ିବେ କିପରି ? ବିଗତ ସରକାର ଅମଳରେ ରାଜ୍ୟ ଶିକ୍ଷା ବ୍ୟବସ୍ଥା ଭୁଷୁଡି ପଡିଥିଲା । ଫଳରେ ମାହାଙ୍ଗା ବ୍ଲକରେ ଛାତ୍ରଛାତ୍ରୀ ଅଭାବରୁ ଅନେକ ବିଦ୍ୟାଳୟରେ ତାଲା ପଡିଛି । ବର୍ତ୍ତମାନର ସରକାର ଶିକ୍ଷା ବ୍ୟବସ୍ଥା ପ୍ରତି ଧ୍ୟାନ ଦେଉ ନଥିବା ଅଭିଯୋଗ ହେଉଛି । ତୁରନ୍ତ ମାହାଙ୍ଗା ବ୍ଲକ ଅଂଚଳରେ ଥିବା ସମସ୍ତ ବିଦ୍ୟାଳୟ ଗୁଡ଼ିକୁ ଆବଶ୍ୟକୀୟ ପାଠ୍ୟପୁସ୍ତକ ଯୋଗାଇଦେବା ପାଇଁ ସାଧାରଣରେ ରାଜ୍ୟ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି ।

ସିପିଆଇଏମ ନେତା ଚକ୍ରଧର ଦାସଙ୍କ ସ୍ମୃତି ଚାରଣ ସଭା

ଭଦ୍ରକ, ୧୧/୦୫(ଆ.ପ୍ର) : ସିପିଆଇ(ଏମ) ଚାନ୍ଦବାଲି ବିଧାନସଭା ନିର୍ବାଚନ ମଣ୍ଡଳୀ ନେତା, ଘଂଟେଶ୍ୱର ଓ ଚାନ୍ଦବାଲି ଅଂଚଳର ବହୁ ଶିକ୍ଷାନୁଷ୍ଠାନ ଓ ସାଂସ୍କୃତିକ ଅନୁଷ୍ଠାନର ପ୍ରତିଷ୍ଠାତା ଚକ୍ରଧର ଦାସଙ୍କ ସ୍ମୃତି ଚାରଣ ସଭା ତାଙ୍କ ପୈତୃକ ଗ୍ରାମ ମାଣିପୁର ଠାରେ ବରିଷ୍ଠ ସିପିଆଇ(ଏମ) ନେତା ଗିରିଧାରୀ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମୃତି ଚାରଣ ସଭାରେ ସିପିଆଇ(ଏମ୍)ର ବରିଷ୍ଠ ନେତା ରବି ପଟ୍ଟନାୟକ, ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକ, ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ ପ୍ରଫୁଲ୍ଲ ପାତ୍ରୀ, ବିଷ୍ଣୁ ଦାଶ, ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଅନ୍ୟତମ ଜିଲ୍ଲା କମିଟି ସଭ୍ୟ ମଳୟ ଭୋଇ, ଚାନ୍ଦବାଲି ଆଂଚଳିକ କମିଟି ସଂପାଦକ ଗୌରାଙ୍ଗ ଯେନା, ବରିଷ୍ଠ ଚାଷୀ ନେତା ନିରଞ୍ଜନ ପାଣି, ବରିଷ୍ଠ ନେତା କାହ୍ନୁ କିଶୋର ସାହୁ, ଜୟରାମ ଦାସ, ଗଦାଧର ମଲ୍ଲିକ, ବାମଦେବ ମଲ୍ଲିକ, ଗଙ୍ଗାଧର ମହାଳିକ, ଦଳିତ ନେତା ଅଞ୍ଜନ ଦାସ, ଓଡିଶା କୃଷକ ସଭା ଚାନ୍ଦବାଲି ବ୍ଲକ ସଂପାଦକ ଅଶୋକ ବେହେରା, ଓଡିଶା କ୍ଷେତମଜଦୁର ୟୁନିୟନ ଚାନ୍ଦବାଲି ବ୍ଲକ ସଂପାଦକ ସୁବାସ ଦାସ, ବରିଷ୍ଠ ନେତା ବ୍ରହ୍ମାନନ୍ଦ ପରିଡା, ମୂଲିଆ ନେତା ନିରଞ୍ଜନ ଜେନା, ମହିଳା ନେତ୍ରୀ କାମିନୀ ଭୋଇ ପ୍ରମୁଖ ଯୋଗଦେଇ ଚକ୍ରଧର ଦାସଙ୍କ ସ୍ମୃତି ଚାରଣ କରିଥିଲେ । ଭାରତର ସମ୍ବିଧାନ ଓ ସାର୍ବଭୌମତ୍ୱ ର ସୁରକ୍ଷା ପାଇଁ ଲଢେଇ କଲେ ଚାଷୀ ନେତା ଚକ୍ରଧର ଦାସଙ୍କ ସ୍ମୃତି ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ ହେବ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ । ଏହି ସ୍ମୃତି ଚାରଣ ସଭାରେ ଶତାଧିକ ଚାଷୀ, ମୂଲିଆ ଓ ସାଧାରଣ ଜନତା ଉପସ୍ଥିତ ଥିଲେ ।

ଭିନେଶଙ୍କ ନୂଆ ବିବାଦ: 'ଲଢ଼ିବି, ସନ୍ନ୍ୟାସ ନେବି ନାହିଁ'

ନୂଆଦିଲ୍ଲୀ, ୧୧/୫(ନ୍ୟୁ.ଏ): ଭିନେଶ ଫୋଗଟଙ୍କୁ ନେଇ ନୂଆ ବିବାଦ ମୁଣ୍ଡ ଟେକିଛି । ଭାରତୀୟ କୁସ୍ତି ସଂଘସହ ପୁଣି ଥରେ ମୁହାଁମୁହିଁ ହୋଇ ଭିନେଶ କହିଛନ୍ତି 'ମୁଁ ସନ୍ନ୍ୟାସ ନେବି ନାହିଁ । ଜାତୀୟ ଓପନ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବି । ଭାରତୀୟ କୁସ୍ତି ସଂଘ (ଡବ୍ଲ୍ୟୁଏଫଆଇ)ର କାରଣ ଦର୍ଶାଅ ନୋଟିସ୍‌ର ଉତ୍ତର ଦେଇସାରିଛି । ବିଶ୍ୱ କୁସ୍ତି ସଂଘଠାରୁ ଅନୁମତି ଆଣିଥିବାରୁ ମୁଁ ଲଢ଼ିବାକୁ ଯୋଗ୍ୟ ରହିଛି ।" ଅନ୍ୟପକ୍ଷରେ ଭାରତୀୟ କୁସ୍ତି ସଂଘ କହିଛି 'ଶୃଙ୍ଖଳାଗତ ପ୍ରକ୍ରିୟା ଶେଷ ନ ହେବା ପର୍ଯ୍ୟନ୍ତ ଭିନେଶ ପ୍ରତିଯୋଗିତାରେ ଲଢ଼ିପାରିବେ ନାହିଁ' । ପୂର୍ବରୁ ଡବ୍ଲ୍ୟୁଏଫଆଇ ୨୦୨୬ ଜୁନ୍ ୨୬ ପର୍ଯ୍ୟନ୍ତ ଭିନେଶଙ୍କୁ ଅଯୋଗ୍ୟ ଘୋଷଣା କରିଥିଲା । ନିଶା ନିରୋଧୀ ଆଇନ ଦୃଷ୍ଟିରୁ ଅବସରରୁ ପ୍ରତ୍ୟାବର୍ତ୍ତନ କରିବାକୁ ହେଲେ ୬ ମାସ ଆଗରୁ ନୋଟିସ୍ ଦେବା କଥା । ଯେଉଁ ପ୍ରକ୍ରିୟା ସେ ଅନୁସରଣ କରିନଥିବା କୁହାଯାଇଛି । 'ମୋଠାରୁ ଆପଣ କ'ଣ ଆଶା କରୁଛନ୍ତି ? ସନ୍ନ୍ୟାସ ନେଇ ଦୂରେଇ ଯାଏଁ ? ପରାଜୟକୁ ସ୍ୱୀକାର କରନ୍ତୁ, ଫଳରେ ମୋ ବିପକ୍ଷରେ ରଚାଯାଇଥିବା ଷଡ଼ଯନ୍ତ୍ରରେ ସଫଳ ହେବେ' । ଅଯୋଧ୍ୟା ବିମାନବନ୍ଦରରେ ପହଂଚିବା ପରେ ୩୧ ବର୍ଷୀୟ ଭିନେଶ ଏକଥା ବି କହିଛନ୍ତି 'ମୁଁ ନିଜକୁ ସୁରକ୍ଷିତ ମଣୁନାହିଁ । ଡବ୍ଲ୍ୟୁଏଫଆଇ ଅଧିକାରୀଙ୍କ ବିପକ୍ଷରେ ସ୍ୱର ଉତ୍ତୋଳନ କରିଥିବାରୁ ମୋତେ ଦଣ୍ଡିତ କରାଯାଉଛି । ମୁଁ ଦେଶ ପାଇଁ ସର୍ବୋଚ୍ଚ ସ୍ତରରେ ଖେଳିବା ସତ୍ତ୍ୱେ ମୋ ବିପକ୍ଷରେ ଯେଉଁଭଳି ଭାଷା ପ୍ରୟୋଗ କରାଯାଉଛି ଦୁଃଖ ଲାଗୁଛି । ମୁଁ ଦେଶର ପ୍ରତିନିଧିତ୍ୱ କରିଛି । ଅଲିମ୍ପିକ୍, ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଖେଳିଛି । ତୁମେ କିନ୍ତୁ ମୋତେ ଟୁକ୍‌ଡେ ଟୁକ୍‌ଡେ ଗ୍ୟାଙ୍ଗ୍ କହୁଛ । ଏହି ସ୍ଥାନ ମୋ ପାଇଁ ସୁରକ୍ଷିତ ନୁହେଁ । ସମ୍ଭବତଃ ସେ (ଡବ୍ଲ୍ୟୁଏଫଆଇ ସଭାପତି ସଂଜୟ ସିଂହ) ମୋତେ ଉଗ୍ରବାଦୀ କହିବାକୁ ଚାହୁଁଛନ୍ତି । ସେ ତାଙ୍କ ଭାଷାରେ ମୋତେ ଖଲିସ୍ତାନୀ ବି କହିପାରିବେ । ମୁଁ କିନ୍ତୁ ଜଣେ ଭାରତୀୟ ନାଗରିକ, ଲଢ଼ିବାକୁ ମୋ ପାଖରେ ସବୁ ହକ୍ ରହିଛି । ଦେଶର କୌଣସି ପ୍ରାନ୍ତକୁ ମୁଁ ଯାଇପାରିବି' ।

ମୁମ୍ବାଇକୁ ୨ ୱିକେଟରେ ପରାସ୍ତ କଲା ଆରସିବି

ନୂଆଦିଲ୍ଲୀ, ୧୧/୫(ନ୍ୟୁ.ଏ): ହାରିଲା ମୁମ୍ବାଇ । ଜିତିଲା ବେଙ୍ଗାଲୁରୁ । ମୁମ୍ବାଇକୁ ୨ ୱିକେଟରେ ପରାସ୍ତ କଲା RCB । ଶେଷ ଓଭରରେ ୧୫ ରନ ରହିଥିବାବେଳେ ଅଟକାଇବାରେ ବିଫଳ ହୋଇଛି ମୁମ୍ବାଇ । ରାଜ୍ ବାୱା ଅନ୍ତିମ ଓଭର ବୋଲିଂ କରିଥିବାବେଳେ ରୋକିପାରିନଥିଲେ । ଏହି ବିଜୟ ସହ ବେଙ୍ଗାଲୁରୁ ଟେବୁଲ ଟପ୍ପର ହୋଇଛି । RCB ପକ୍ଷରୁ କ୍ରୁନାଲ ପାଣ୍ଡ୍ୟା ସର୍ବାଧିକ ୪୬ ବଲରୁ ୭୩ ରନ କରିବାରେ ସଫଳ ହୋଇଥିଲେ । ସେପଟେ ମୁମ୍ବାଇ ପକ୍ଷରୁ ବୋସ ସର୍ବାଧିକ ୪ ୱିକେଟ ନେଇଛନ୍ତି । ଦୀପକ ଚହର ୩ ୱିକେଟ ନେଇଥିବାବେଳେ ବୁମରା ୧୯ତମ ଓଭରରେ କମାଲ ବୋଲିଂ କରିଥିଲେ । ସେ ବେଙ୍ଗାଲୁରୁ ବ୍ୟାଟ୍ସମ୍ୟାନଙ୍କୁ ଏହି ଓଭରରେ ମାତ୍ର ୩ ରନ୍ ଦେଇଥିଲେ । ମାତ୍ର ସେ ଆଜି ମ୍ୟାଚରେ ଗୋଟିଏ ମଧ୍ୟ ୱିକେଟ୍ ନେଇପାରିନାହାନ୍ତି । ୧୬୭ ରନକୁ ପିଛା କରୁଥିବାବେଳେ ପ୍ରଥମ ଓଭରରୁ ବଡ଼ ସଟ୍ ଖେଳିଥିଲେ ବେଥଲ । ଦୀପକ ଚହରଙ୍କ ବଲରେ ଦୁଇଟି ଚୌକା ମାରିଥିଲେ । କିନ୍ତୁ ସେହି ଓଭରରେ ଆଉଟ୍ ହୋଇ ପାଭିଲିୟନ ଫେରିଥିଲେ ବିରାଟ । ଖାତା ଖୋଲିବା ପୂର୍ବରୁ ସେ ପାଭିଲିୟନ ଫେରିଥିଲେ । ବାକି ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ପାଟିଦାର ୧୨, ପଡିକଲ ୮ ରନ କରିଥିଲେ । ତେବେ ଜିତେଶ ଶର୍ମା ୧୮ ରନ କରିଥିବାବେଳେ ବାକି ବ୍ୟାଟ୍ସମ୍ୟାନ ବଡ଼ ସଟ୍ ଖେଳିବାରେ ବିଫଳ ହୋଇଥିଲେ । ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା ବେଙ୍ଗାଲୁରୁ । ମୁମ୍ବାଇକୁ ପ୍ରଥମେ ବ୍ୟାଟିଂ କରିବା ପାଇଁ ଆମନ୍ତ୍ରଣ କରିଥିଲା । ତିଲକ ବର୍ମାଙ୍କ ଅର୍ଦ୍ଧଶତକ ବଳରେ ମୁମ୍ବାଇ ୧୬୬ ରନ୍ କରିଥିଲା । ୭ ୱିକେଟ ବିନିମୟରେ ଦଳ ଏହି ସ୍କୋର କରିବାରେ ସଫଳ ହୋଇଥିଲା । ଜବାବ ପକ୍ଷରୁ ଭୁବନେଶ୍ୱର କୁମାର ୪ ୱିକେଟ ନେବାରେ ସଫଳ ହୋଇଥିଲେ । ରୋହିତ ଶର୍ମା ୨୨ ରନ କରିଥିବାବେଳେ ରିକଲଟନ ମାତ୍ର ୨ ରନରେ ଆଉଟ୍ ହୋଇଥିଲେ । ପରେ ତିଲକ ବର୍ମା ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ଆଜିର ମ୍ୟାଚରେ ଖାତା ଖୋଲିବା ପୂର୍ବରୁ ପାଭିଲିୟନ ଫେରିଥିଲେ ସୂର୍ଯ୍ୟକୁମାର ଯାଦବ । ତେବେ ନମନ ଧୀର ୪୭ ରନ କରିଥିଲେ ।

ରାପିଡୋକୁ ବେଆଇନ ଘୋଷଣା କଲେ ଜାମ୍ମୁ-କାଶ୍ମୀର ସରକାର

ନୂଆଦିଲ୍ଲୀ, ୧୧/୫(ନ୍ୟୁ.ଏ): ଜମ୍ମୁ ଏବଂ କାଶ୍ମୀର ସରକାର ଆନୁଷ୍ଠାନିକ ଭାବରେ ଆପ୍-ଆଧାରିତ ଟ୍ୟାକ୍ସି ଏବଂ ବାଇକ୍ ସେବା ରାପିଡୋକୁ ଜମ୍ମୁ କାଶ୍ମୀରରେ ବେଆଇନ ଘୋଷଣା କରିଛନ୍ତି । ଜାମ୍ମୁ କାଶ୍ମୀର ପରିବହନ କମିଶନର ବିଶେଷ ପାଲ ମହାଜନ କହିଛନ୍ତି ଯେ ବାଇକ୍ ଟ୍ୟାକ୍ସି ସେବା ରାପିଡୋ କେନ୍ଦ୍ରଶାସିତ ଅଂଚଳରେ ବେଆଇନ ଭାବରେ କାର୍ଯ୍ୟ କରୁଛି କାରଣ ଏହାର ଜାମ୍ମୁ କାଶ୍ମୀର ମୋଟର ଯାନବାହନ ଅଧିନିୟମ ନୀତି ଅନୁଯାୟୀ ବୈଧ ଲାଇସେନ୍ସ ନାହିଁ । ମହାଜନ କହିଛନ୍ତି ଯେ ସେବା ବିଷୟରେ ଅନେକ ଅଭିଯୋଗ ପାଇବା ପରେ, କର୍ତ୍ତୃପକ୍ଷଙ୍କୁ ପ୍ଲାଟଫର୍ମ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ବ୍ୟବହାରକାରୀ ଏବଂ ଆରୋହୀମାନଙ୍କୁ ନିଜ ରିସ୍କରେ ଏହାକୁ ବ୍ୟବହାର କରିବାକୁ ଚେତାବନୀ ଦିଆଯାଇଛି । ମହାଜନ ସ୍ପଷ୍ଟ କରିଛନ୍ତି ଯେ ଓଲା ଏବଂ ଉବର ଜାମ୍ମୁ କାଶ୍ମୀରରେ କାର୍ଯ୍ୟ କରିବାକୁ ଅନୁମତି ପାଇଛନ୍ତି କିନ୍ତୁ ଏପର୍ଯ୍ୟନ୍ତ ସେମାନଙ୍କର ସେବା ଆରମ୍ଭ କରିନାହାଁନ୍ତି । ଏହି କମ୍ପାନୀଗୁଡ଼ିକୁ ଜାମ୍ମୁ କାଶ୍ମୀର ମୋଟର ଯାନବାହନ ଅଧିନିୟମ ନୀତି ଅନୁଯାୟୀ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇଛି, କିନ୍ତୁ ସେମାନେ ସେବା ଆରମ୍ଭ କରିବାରେ ବିଳମ୍ବ କରୁଛନ୍ତି; ଯଦି ସେମାନେ ଶୀଘ୍ର ସେମାନଙ୍କର ସେବା ପୁନଃ ଆରମ୍ଭ ନ କରନ୍ତି, ତେବେ ସେମାନଙ୍କର ଲାଇସେନ୍ସ ପ୍ରତ୍ୟାହାର କରାଯାଇପାରେ । ଏହି ନୂତନ ଆଦେଶ ମୁଖ୍ୟତଃ ବାଇକ୍ ଟ୍ୟାକ୍ସି ସେଗମେଂଟକୁ ପ୍ରଭାବିତ କରିବ, ଯେତେବେଳେ ଜାମ୍ମୁ କାଶ୍ମୀରରେ ଅଟୋ ଏବଂ କ୍ୟାବ୍ ସେବାର ସ୍ଥିତି ମଧ୍ୟ ବର୍ତ୍ତମାନ ଯାଂଚ ଅଧୀନରେ ଅଛି । ଯଦିଓ ଜାମ୍ମୁ କାଶ୍ମୀରରେ ଆପ୍-ଆଧାରିତ ବାଇକ୍ ସେବାଗୁଡ଼ିକୁ ନିଷିଦ୍ଧ କରାଯାଇଛି, ତଥାପି ଅନ୍ୟାନ୍ୟ ନିୟନ୍ତ୍ରିତ ଟ୍ୟାକ୍ସି ସେବା ଉପଲବ୍ଧ ରହିଛି । ୨୯ ଏପ୍ରିଲ୍, ୨୦୨୬ ରେ ସରକାର ନିୟମିତ ବସ୍, ଟ୍ୟାକ୍ସି ଏବଂ ଅଟୋ-ରିକ୍ସା ପାଇଁ ୧୮% ପର୍ଯ୍ୟନ୍ତ ଭଡ଼ା ବୃଦ୍ଧି କରିଥିଲେ । ଏହି ପ୍ରସଙ୍ଗ ସେତେବେଳେ ସାମ୍ନାକୁ ଆସିଥିଲା ଯେତେବେଳେ ରାପିଡୋ ସେବା ମଧ୍ୟ ସେମାନଙ୍କର ଭଡ଼ା ବୃଦ୍ଧି କରିଥିଲା, ଏହି ଅବୈଧ ବାଇକ୍ ସେବାର ପର୍ଦ୍ଦାଫାସ କରିଥିଲା । ଏହି ଘଟଣା ସାରା ରାଜ୍ୟରେ ଆଲୋଚନାର ବିଷୟ ପାଲଟିଛି ।

ୱାର୍କ-ଫ୍ରମ୍-ହୋମ୍ ପାଇଁ ଶ୍ରମ ମନ୍ତ୍ରୀଙ୍କୁ ଆଇଟି ଶିଳ୍ପ ସଂଘର ଚିଠି

ନୂଆଦିଲ୍ଲୀ, ୧୧/୫(ନ୍ୟୁ.ଏ): କରୋନା ମହାମାରୀ ସମୟର ଏକଜୁଟତା କଥାକୁ ମନେ ପକାଇ ବର୍ତ୍ତମାନର ଆହ୍ୱାନପୂର୍ଣ୍ଣ ସମୟରେ ୱାର୍କ-ଫ୍ରମ୍-ହୋମ୍ ଢାଂଚାକୁ ଆପଣାଇ ଉର୍ଜା ସଂଚୟ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ଦେଶବାସୀଙ୍କୁ ଆହ୍ୱାନ ଦେଇଥିଲେ । ସେହି ପରିପ୍ରେକ୍ଷୀରେ ଆଜି ସୂଚନା ପ୍ରଯୁକ୍ତି ବା ଆଇଟି ଶିଳ୍ପ ଜଗତର ଏକ ସଂଘ 'ନାସେଂଟ୍ ଇନ୍‌ଫର୍ମେସନ୍ ଟେକ୍ନୋଲୋଜି ଏମ୍ପ୍ଲଇଜ୍ ସିନେଟ୍ (ନାଇଟ୍‌ସ) ପକ୍ଷରୁ ଶ୍ରମମନ୍ତ୍ରୀ ମନସୁଖ ମାଣ୍ଡଭୀୟଙ୍କୁ ଏକ ଚିଠି ଲେଖି ବାଧ୍ୟତାମୂଳକ ୱାର୍କ-ଫ୍ରମ୍-ହୋମ୍ ବ୍ୟବସ୍ଥା ପାଇଁ ପରାମର୍ଶବଳୀ ଜାରି କରିବାକୁ ନିବେଦନ କରାଯାଇଛି । ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ୱାର୍କ-ଫ୍ରମ୍-ହୋମ୍ ଲାଗୁ କରିବାକୁ କୁହାଯାଇଛି । 'ନାଇଟ୍‌ସ' ମତରେ ଡିଜିଟାଲ ବ୍ୟବସ୍ଥା ଦୃଢ଼ ହେବା ପରେ ଯେକୌଣସି ସ୍ଥାନରେ ରହି ଆଇଟି ଓ ତତ୍ ସଂକ୍ରାନ୍ତୀୟ କ୍ଷେତ୍ରର କର୍ମଚାରୀମାନେ କାମ କରିବାର ସୁବିଧା ଥିଲେ ମଧ୍ୟ ପ୍ରତିଦିନ ସେମାନଙ୍କୁ ଅଫିସ୍ ଆସିବାକୁ ଘଂଟା ଘଂଟା ଯାତ୍ରା କରିବାକୁ ପଡୁଛି । ସେଥିରେ ଇନ୍ଧନ ଅପଚୟ ହେଉଥିବା ବେଳେ ଟ୍ରାଫିକ୍ ଜାମ୍ ହେଉଛି, ସାର୍ବଜନୀନ ପରିବହନ ବ୍ୟବସ୍ଥା ଉପରେ ଚାପ ପଡୁଛି ଓ ପରିବେଶ ମଧ୍ୟ କ୍ଷତିଗ୍ରସ୍ତ ହେଉଛି । ଏହା କର୍ମଚାରୀଙ୍କ ଶାରିରୀକ ଓ ମାନସିକ ସ୍ଥିତିକୁ ମଧ୍ୟ ଦୁର୍ବଳ କରୁଛି । ଯେଉଁ କ୍ଷେତ୍ରରେ ସମ୍ଭବ ସେଠାରେ କର୍ମଚାରୀମାନେ ଘରୁ କାମ କଲେ ଇନ୍ଧନ ସଂଚୟ ହେବା ସହ ବହୁ ସମସ୍ୟାର ସମାଧାନ ହୋଇପାରିବ । କରୋନା ସମୟରେ ଦେଶ ସଫଳତାର ସହ ଦେଖାଇଥିଲା ଯେ ଉତ୍ପାଦକତା ସହ ସାଲିସ ନ କରି ବ୍ୟାପକ ଭାବେ ଘରେ ରହି କାମ କରିହେବ । କରୋନା ମହାମାରୀ ସମୟରେ ଆଇଟି କର୍ମଚାରୀମାନେ ସଫଳତାର ସହ ଘରୁ କାମ କରିଥିଲେ । ବ୍ୟବସାୟଗୁଡ଼ିକ ମଧ୍ୟ କ୍ଲାଉଡ୍ ସିଷ୍ଟମ୍, ସାଇବର ନିରାପତା ଉପକରଣ ବ୍ୟବହାର କରି କାର୍ଯ୍ୟ ଜାରି ରଖିଥିଲେ ।

ଅପରେସନ ସିନ୍ଦୂରର ବର୍ଷକ ପରେ ପୁଣି ବାହାସ୍ଫୋଟ ମାରିଲେ ପାକିସ୍ତାନ ସେନା ମୁଖ୍ୟ ମୁନିର

ନୂଆଦିଲ୍ଲୀ, ୧୧/୫(ନ୍ୟୁ.ଏ): ଭାରତୀୟ ସେନାର ଅପରେସନ ସିନ୍ଦୂରରେ ଘାଇଲା ହୋଇ ଯୁଦ୍ଧ ବିରତି ଲାଗୁ କରିଥିବା ପାକିସ୍ତାନ ସେନା ମୁଖ୍ୟ ଅସିମ ମୁନିର ପୁଣି ବାଚାଳାମୀ ଦେଖାଇଛନ୍ତି । ଅପରେସନ ସିନ୍ଦୂରର ବର୍ଷକ ପରେ ପାକିସ୍ତାନ ଫିଲ୍ଡ ମାର୍ଶାଲ ମୁନିର ଭାରତକୁ ଦେଖାଇଛନ୍ତି ନାଲି ଆଖି । ସେ ଭାରତକୁ ଉସକାଇବା ଭଳି ବୟାନ ଦେଇଛନ୍ତି । ଭବିଷ୍ୟତରେ ଯଦି ପାକିସ୍ତାନ ବିରୋଧରେ କୌଣସି ଦୁଃସାହାସ ପ୍ରଦର୍ଶନ କରିବ, ତା'ହେଲେ ଏହାର ପରିଣାମ ନୂଆଦିଲ୍ଲୀ ପାଇଁ ଅତ୍ୟନ୍ତ ତୀବ୍ର, ବିପଦଜନକ ଓ ଯନ୍ତ୍ରଣା ଦାୟକ ରହିବ ବୋଲି ସେ ବାହାସ୍ଫୋଟ ମାରିଛନ୍ତି । ରାୱଲପିଣ୍ଡିରେ ଥିବା ଜେନେରାଲ ମୁଖ୍ୟାଳୟରେ ମୁନିର ଦାବି କରିଛନ୍ତି ଯେ ୨୦୨୫ ବିବାଦ ସମୟରେ ଭାରତ ତୁଳନାରେ ପାକିସ୍ତାନର ରଣନୀତି ଅଧିକ ଉନ୍ନତର ଥିଲା । ସେ କହିଛନ୍ତି, "ଆମ ଶତ୍ରୁମାନେ ମନେ ରଖିବା ଦରକାର ଯେ ଯଦି ଭବିଷ୍ୟତରେ ସେମାନେ କୌଣସି ପ୍ରକାରର ଦୁଃସାହାସ ପାକିସ୍ତାନ ବିପକ୍ଷରେ ପ୍ରଦର୍ଶନ କରିବେ, ତା'ହେଲେ ଯୁଦ୍ଧର ପ୍ରଭାବ ଆଦୌ ସୀମିତ ରହିବ ନାହିଁ । ଏହା ଅତ୍ୟନ୍ତ ତୀବ୍ର, ବିପଦ ଜନକ, ଅଧିକ ଘାତକ ଓ ଯନ୍ତ୍ରଣା ଦାୟକ ହେବ ।" ମୁନିର ଆହୁରି ମୁହଁ ଫୁଟାଣି ଦେଖା କହି ଦାବି କରିଛନ୍ତି ଯେ ଭାରତ ୨୦୨୫ ସୈନ୍ୟ ସଂଘର୍ଷ ସମୟରେ ପାକିସ୍ତାନର ସଂପ୍ରଭୁତା ଓ କ୍ଷେତ୍ରୀୟ ସୀମାକୁ ଉଲ୍ଲଙ୍ଘନ କରି ଆମ ସଂକଳ୍ପର ପରୀକ୍ଷା ନେବାକୁ ଅସଫଳ ପ୍ରୟାସ କରିଥିଲା । ଏହାର ଜବାବ ଇସଲାମାବାଦ ପୂର୍ଣ୍ଣ ରାଷ୍ଟ୍ରୀୟ ଏକତା ଓ ସୈନ୍ୟ ବଳ ସହ ଦେଇଥିଲା । ଦୁଇ ଆଣବିକ ଶକ୍ତି ସମ୍ପନ୍ନ ରାଷ୍ଟ୍ର ମଧ୍ୟରେ କେବଳ ଗୋଟିଏ ପାରମ୍ପରିକ ଯୁଦ୍ଧ ହୋଇ ନଥିଲା । ବାସ୍ତବରେ ଏହି ଯୁଦ୍ଧ ଦୁଇଟି ବିଚାରଧାରା ମଧ୍ୟରେ ହୋଇଥିଲା । ଏଥିରେ ଆଲ୍ଲାଙ୍କ କୃପାରୁ ବିଶ୍ୱାସ ଜିତିଛି ଓ ମିଥ୍ୟା ହାରିଛି ବୋଲି ସେ ଦମ୍ଭୋକ୍ତି କରିଛନ୍ତି । ସେ କହିଛନ୍ତି ଯେ "୨୦୨୫ ବିବାଦ ଆଦୌ ଅତିର୍କିତ ନଥିଲା । ଏହା ଭାରତର ଦୀର୍ଘକାଳୀନ ରଣନୀତିର ଅଂଶବିଶେଷ । ୨୦୦୧, ୨୦୦୮, ୨୦୧୬ ଓ ୨୦୧୯ ମିଥ୍ୟା ଅଭିଯାନ ଏହା ପ୍ରମାଣିତ କରୁଛି ଯେ ଭାରତ ପୂର୍ବରୁ ମଧ୍ୟ ପାକିସ୍ତାନ ଉପରେ ଅବୈଧ ଯୁଦ୍ଧ ଥୋପିବାକୁ ଚାହୁଁଥିଲା । ନିଜର ସଂକୀର୍ଣ୍ଣ ମାନସିକତା, ଦୀର୍ଘ କାଳୀନ ରାଜନୀତିକ ଓ ସାମରିକ ଲକ୍ଷ୍ୟକୁ ଭାରତ ମିଥ୍ୟା ଅଭିଯୋଗ ଏବଂ ଯୁଦ୍ଧଖୋର ଅଭିମୁଖ୍ୟ ଦ୍ୱାରା ପୂରଣ କରିବାକୁ ଲକ୍ଷ୍ୟ ରଖିଥିଲା । ଯଦି ପାକିସ୍ତାନର ଶତ୍ରୁ ଭବିଷ୍ୟତରେ ଏପରି ପଦକ୍ଷେପ ନେବେ, ତା'ହେଲେ ଯୁଦ୍ଧର ପ୍ରଭାବ ଆଦୌ ସୀମିତ ରହିବ ନାହିଁ ।" ମୁନିର ପ୍ରଥମଥର ପାଇଁ ଭାରତକୁ ଏପରି ଧମକ ଦେଇ ନାହାନ୍ତି । ଏହାପୂର୍ବରୁ ମଧ୍ୟ ସେ ଭାରତ ବିରୋଧରେ ଉସକାଇବା ଭଳି ବୟାନ ଦେବାର ନଜିର ରହିଛି ।

ଶ୍ରମ ସଂହିତା ଶ୍ରମିକଙ୍କ ଅଧିକାର ପ୍ରତି ଶକ୍ତ ଧକ୍କା: କଂଗ୍ରେସ

ନୂଆଦିଲ୍ଲୀ, ୧୧/୫(ନ୍ୟୁ.ଏ): ଶ୍ରମ କୋଡ୍ ମାମଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାରକୁ କଂଗ୍ରେସ କଡ଼ା ସମାଲୋଚନା କରିଛି । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଶ୍ରମିକମାନଙ୍କ ଅଧିକାର ପ୍ରତି ଏହା ହେଉଛି ଏକ ଶକ୍ତ ଧକ୍କା ବୋଲି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ କହିଛନ୍ତି । ଏକ ବିବୃତି ଜାରି କରି ସେ ଜଣାଇଛନ୍ତି ଯେ ମୋଦୀ ସରକାର ଏହାର ଚିରାଚରିତ କାପୁରୁଷ ଢଙ୍ଗରେ ଗେଜେଟ୍ ବିଜ୍ଞପ୍ତି ମାଧ୍ୟମରେ ଚାରିଟି ଶ୍ରମିକ ବିରୋଧୀ ଶ୍ରମ କୋଡ୍‌ର ବିଜ୍ଞପ୍ତି ଜାରି କରିଛନ୍ତି । ସେମାନେ ସେଥିପାଇଁ ବିଧାନସଭା ନିର୍ବାଚନ ଶେଷ ହେବାକୁ ଅପେକ୍ଷା କରିଥିଲେ । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି କୌଣସି ଆଲୋଚନା ନ କରି ମୋଦୀ ସରକାର ଏହି ସଂହିତାଗୁଡ଼ିକୁ ପ୍ରସ୍ତୁତ ଓ କାର୍ଯ୍ୟକାରୀ କରୁଛନ୍ତି । ୨୦୧୫ ପରଠାରୁ ସରକାର ଭାରତୀୟ ଶ୍ରମ ସମ୍ମିଳନୀ ଆୟୋଜନ କରିନାହାନ୍ତି । ଏହି ଶ୍ରମ ସଂହିତାଗୁଡ଼ିକ କେବଳ ପ୍ରଧାନମନ୍ତ୍ରୀଙ୍କ ଶିଳ୍ପପତି ବନ୍ଧୁମାନଙ୍କୁ ଲାଭବାନ କରିବ । ତାହା ଶ୍ରମିକମାନଙ୍କ ଅଧିକାର ପ୍ରତି ଶକ୍ତ ଧକ୍କା ବୋଲି କଂଗ୍ରେସ ଦୋହରାଇଛି । ମଜୁରି ସଂହିତା ୨୦୧୯, ଶିଳ୍ପ ସମ୍ପର୍କ ସଂହିତା ୨୦୨୦, ସାମାଜିକ ସୁରକ୍ଷା ସଂହିତା ୨୦୨୦ ଏବଂ ବୃତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ସ୍ଥିତି ସଂହିତା ୨୦୨୦ ଦ୍ୱାରା ଶ୍ରମିକମାନଙ୍କୁ କିଛି ଲାଭ ମିଳିବ ନାହିଁ । କର୍ପୋରେଟ୍ ?ମାନଙ୍କୁ ଧ୍ୟାନରେ ରଖି ସେଗୁଡ଼ିକୁ ପ୍ରସ୍ତୁତ କରାଯାଇଛି । ଏଥିରେ ସର୍ବନିମ୍ନ ମଜୁରି କମ୍ ହେବ, କୃଷି ଶ୍ରମିକ ଓ ଘରୋଇ ସହାୟକଙ୍କୁ ସୁରକ୍ଷା ମିଳିବ ନାହିଁ । ଏମ୍ଏସ୍ଏମ୍‌ଇଗୁଡ଼ିକ ବଂଚି ରହିବା କଷ୍ଟକର ହୋଇପଡ଼ିବ ବୋଲି ଖଡ଼ଗେ କହିଛନ୍ତି ।

ବେଙ୍ଗଲ ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିଛି ଏସ୍ଆଇଆର, ସୁପ୍ରିମକୋର୍ଟରେ ତଥ୍ୟ ରଖିଲା ଟିଏମସି

ନୂଆଦିଲ୍ଲୀ, ୧୧/୫(ନ୍ୟୁ.ଏ): ନିକଟରେ ଶେଷ ହୋଇଥିବା ବେଙ୍ଗଲ ନିର୍ବାଚନର ରେଜଲ୍ଟ ଉପରେ ଏସ୍ଆଇଆରର ସାଂଘାତିକ ପ୍ରଭାବ ପଡ଼ିଥିବା ସୁପ୍ରିମକୋର୍ଟଙ୍କୁ ଜଣାଇଛି ମମତା ବାନାର୍ଜୀଙ୍କ ଟିଏମସି । ଭାରତୀୟ ନିର୍ବାଚନ କରିଥିବା ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଏସ୍ଆଇଆରରେ ବେଙ୍ଗଲ ଭୋଟର ତାଲିକାରୁ ୯୦.୮ ଲକ୍ଷ ନାଁ କଟି ଯାଇଛି । ନାଁ କଟିବାର ପ୍ରଭାବ ଦଳ ୨୦୨୧ରେ ଜିତିଥିବା ୩୧ଟି ଆସନରେ ସବୁଠାରୁ ଅଧିକ ପଡ଼ିଛି । ୨୦୨୧ରେ ଦଳ ଯେଉଁ ୩୧ଟି ଆସନରେ ଜିତିଥିଲା, ଏଥର ହାରିଛି । ଚଳିତ ବର୍ଷ ସେସବୁ ସ୍ଥାନରେ ବିଜେପି ଜିତିଛି । ଟିଏମସି ସାଂସଦ ତଥା ବରିଷ୍ଠ ଆଇନଜୀବୀ କଲ୍ୟାଣ ବାନାର୍ଜୀ ସୁପ୍ରିମକୋର୍ଟଙ୍କ ଆଗରେ ତଥ୍ୟ ଉପସ୍ଥାପନ କରି କହିଛନ୍ତି ଯେ ୩୧ଟି ଆସନରେ ଯେତିକି ମତଦାତାଙ୍କ ସଂଖ୍ୟା ହ୍ରାସ କରାଯାଇଛି, ତାହା ଗତ ନିର୍ବାଚନରେ ତୃଣମୂଳ କଂଗ୍ରେସର ପ୍ରାର୍ଥୀମାନେ ଜିତିଥିବା ସଂଖ୍ୟା ବା ଭୋଟ ଠାରୁ ଅଧିକ । କିଛି ଆସନରେ ସଂଖ୍ୟା ପ୍ରାୟ ସମାନ ରହିଛି । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ ଓ ଜଷ୍ଟିସ ଜୟମଲ୍ୟ ବାଗଚିଙ୍କ ଖଣ୍ଡପୀଠ ଏହା ଶୁଣିବା ପରେ କହିଛନ୍ତି ଯେ ଯଦି କିଛି ଆସନରେ ଜିତିବା ଓ ହାରିବା ବ୍ୟବଧାନ ଏତେ କମ ରହିଛି, ତା'ହେଲେ ପ୍ରଭାବିତ ଦଳ ଏନେଇ ଗୋଟିଏ ଆବେଦନ କରିପାରିବ । ଗତ ଶୁଣାଣିରେ କୋର୍ଟ ସମାନ ପ୍ରାବଧାନର ପ୍ରସ୍ତାବ ଦେଇଥିଲେ । ନିର୍ବାଚନ କମିଶନ ମଧ୍ୟ ଏପରି ସ୍ଥିତିରେ ଆବେଦନ କରିବାରେ କିଛି ଅସୁବିଧା ନଥିବା କହିଥିଲେ । ନିଜର ପକ୍ଷ ରଖି କଲ୍ୟାଣ ବାନାର୍ଜୀ କହିଛନ୍ତି ଯେ ଗୋଟିଏ ସ୍ଥାନରେ ଟିଏମସି ପ୍ରାର୍ଥୀ ମାତ୍ର ୮୬୨ ଖଣ୍ଡ ଭୋଟରେ ପରାସ୍ତ ହୋଇଛନ୍ତି । କିନ୍ତୁ ଉକ୍ତ ନିର୍ବାଚନ ମଣ୍ଡଳୀରୁ ୫ ହଜାରରୁ ଅଧିକ ନାଁ କାଟି ଦିଆଯାଇଛି । ମୋଟ ଉପରେ ଦେଖିଲେ ଟିଏମସି ଓ ବିଜେପି ମଧ୍ୟରେ ଭୋଟ ବ୍ୟବଧାନ ୩୨ ରହିଛନ୍ତି । ହେଲେ ଭୋଟର ତାଲିକାରୁ ବାଦ ପଡ଼ିଥିବା ୩୫ ଲକ୍ଷ ଲୋକଙ୍କ ଆବେଦନ ଏବେ ବି ବିଚାର ପାଇଁ ପଡ଼ି ରହିଛି ବୋଲି ସେ ସୁପ୍ରିମକୋର୍ଟଙ୍କୁ ଅବଗତ କରାଯାଇଛି । ଭୋଟର ତାଲିକାରେ ସାମିଲ ହେବା କରାଯାଉଥିବା ଆବେଦନର ଖାରଜ ପ୍ରକ୍ରିୟା ସମ୍ପର୍କରେ ବରିଷ୍ଠ ଆଇନଜୀବୀ ମେନକା ଗୁରୁସ୍ୱାମୀ କହିଛନ୍ତି ଯେ ଯଦି ଏଭଳି ଧୀମା ଗତିରେ ସବୁ କିଛି ବିଚାର କରାଯିବ ।

ହର୍ମୁଜ୍ ପ୍ରଣାଳୀରେ ସମୁଦ୍ରତଳ ଇଂଟରନେଟ୍ କେବୁଲ ଉପରେ ଇରାନର ଟିକସ ଯୋଜନା, ବଢ଼ିଲା ଡିଜିଟାଲ୍ ଯୁଦ୍ଧ ଆଶଙ୍କା

ତେହେରାନ, ୧୧/୫(ନ୍ୟୁ.ଏ): ଇରାନ ସହିତ ଯୁଦ୍ଧ ଆଉ କେବଳ କ୍ଷେପଣାସ୍ତ୍ର, ଲଢୁଆ ବିମାନ ଏବଂ ଯୁଦ୍ଧଜାହାଜ ମଧ୍ୟରେ ନୁହେଁ, ବରଂ କ୍ଲାଉଡ୍ ଏବଂ ଇଂଟରନେଟ୍ କେବୁଲ୍‌ରେ ମଧ୍ୟ ହେବାକୁ ଯାଉଛି । ହରମୁଜ୍ ପ୍ରଣାଳୀରେ ଏକ ଦୋହରା ଅବରୋଧ କାର୍ଯ୍ୟକାରୀ ହେଉଛି । ଗୋଟିଏ ପଟେ ଇରାନ ନିଜ ସହମତି ବିନା ଜାହାଜଗୁଡ଼ିକୁ ଯିବାକୁ ନିଷେଧ କରୁଛି । ଅନ୍ୟପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅବରୋଧ ଜାରି ରହିଛି । ଯାହାଦ୍ୱାରା ଇରାନୀ ଜାହାଜଗୁଡ଼ିକୁ ଯିବାକୁ ବାରଣ କରାଯାଉଛି । ତେଲ ବିକ୍ରିରେ ସମସ୍ୟା ଯୋଗୁଁ ଇରାନ ବହୁ କ୍ଷତି ସହୁଛି । ଫଳରେ ଇରାନ ଜାହାଜଗୁଡ଼ିକ ଉପରେ ଟୋଲ୍ ଟିକସ ଆଦାୟ କରି କ୍ଷତିପୂରଣ ଭରଣା କରି ଆସୁଛି । ତେବେ ଏବେ ଇରାନ ସେହି ବାଟେ ସମୁଦ୍ରର ପାଣିତଳେ ଦେଇ ଯାଉଥିବା ଡିଜିଟାଲ୍ ତଥ୍ୟର ମାଧ୍ୟମ କେବୁଲ ଉପରେ ଟିକସ ଆଦାୟ କରିବାକୁ ପ୍ରସ୍ତୁତ ହେଉଛି । ଇରାନ ହର୍ମୁଜ୍‌ରେ ଥିବା ଫାଇବର ଇଂଟରନେଟ୍ କେବୁଲଗୁଡ଼ିକ ଉପରେ ଏକ ଶୁଳ୍କ ଲାଗୁ କରିପାରେ । ଏହି ଅଂଚଳ ଦେଇ ଡାଟା ଟ୍ରାନ୍ସମିସନ୍ ପାଇଁ ଇରାନକୁ ଟିକସ ଦେବାକୁ ପଡ଼ିବ । ଯେଉଁ ଦେଶଗୁଡ଼ିକ ଏହି ଶୁଳ୍କ ଦେଇପାରିବେ ନାହିଁ ସେମାନଙ୍କର ଡାଟା ଟ୍ରାନ୍ସଫରକୁ ଇରାନ ଅବରୋଧ କରିବ । ଏହାକୁ ନେଇ ୟୁରୋପରୁ ଏସିଆ ପର୍ଯ୍ୟନ୍ତ ଦେଶଗୁଡ଼ିକର ଉତ୍ତେଜନା ବୃଦ୍ଧି କରିଛି । ରିପୋର୍ଟରେ କୁହାଯାଇଛି ଯେ, ଏହି କେବୁଲଗୁଡ଼ିକ ମାଧ୍ୟମରେ ସୁଇଫ୍ଟ ବ୍ୟାଙ୍କିଂ ମେସେଜ୍, ଷ୍ଟକ୍ ମାର୍କେଟ ବାଣିଜ୍ୟ ତଥ୍ୟ ଏବଂ ଟଙ୍କା ସ୍ଥାନାନ୍ତର ତଥ୍ୟ ସ୍ଥାନାନ୍ତରିତ ହୁଏ । ପ୍ରତିଦିନ ପ୍ରାୟ ୧୦ ଟ୍ରିଲିୟନ ଡଲାର ମୂଲ୍ୟର ଆର୍ଥିକ ତଥ୍ୟ ଏହି କେବୁଲଗୁଡ଼ିକ ଦେଇ ଗତି କରିଥାଏ । ଇରାନ ଅନୁସାରେ ଏପରି ଗୁରୁତ୍ୱପୂର୍ଣ୍ଣ ଆର୍ଥିକ କାର୍ଯ୍ୟକଳାପ ଏହାର ଅଧିକାର କ୍ଷେତ୍ର ମଧ୍ୟରେ ଘଟୁଛି ଏବଂ ଇରାନକୁ ଏହା ବଦଳରେ ଶୁଳ୍କ ମିଳିବା ଉଚିତ । ଇରାନ ମଧ୍ୟ ନିଜର ଦାବିକୁ ସମର୍ଥନ କରିବା ପାଇଁ ଅନ୍ତର୍ଜାତୀୟ ଆଇନର ଉଦାହରଣ ଦେଉଛି । ଇରାନ ଏବେ ଜାତିସଂଘର ସମୁଦ୍ର ଆଇନ ଧାରା ୩୪ର ସାହାରା ନେଉଛି । ଏହି ଆଇନ ଅନୁଯାୟୀ, ଯେକୌଣସି ପ୍ରଣାଳୀ ଅନ୍ତର୍ଜାତୀୟ ନୌପରିବହନ ପାଇଁ ସମ୍ପୂର୍ଣ୍ଣ ଖୋଲା । ଏହାକୁ ବନ୍ଦ କରାଯାଇପାରିବ ନାହିଁ, ଅର୍ଥାତ୍ ଯେଉଁ ଦେଶ ଅଧୀନରେ ଏହି ପ୍ରଣାଳୀ ପଡ଼ିଥାଏ, ସେ ଦେଶ ଜାହାଜଗୁଡ଼ିକର ଗତିକୁ ଅବରୋଧ କରିପାରିବ ନାହିଁ । ଏହା ସ୍ପଷ୍ଟ କରେ ଯେ, ପ୍ରଣାଳୀର ଜଳକ୍ଷେତ୍ର, ସମୁଦ୍ରତଟ ଏବଂ ଆକାଶପଥ ସେହି ଦେଶ ଦ୍ୱାରା ନିୟନ୍ତ୍ରିତ ହେବ ଯାହାର ଉପକୂଳ ଏହା ନିକଟରେ ରହିଥିବ । ଅନ୍ତର୍ଜାତୀୟ ସାମୁଦ୍ରିକ ଆଇନର ଧାରା ୭୯ ଅନୁଯାୟୀ କୌଣସି ଦେଶର ଜଳସୀମାରେ କେବୁଲ ବିଛାଇବା ପାଇଁ ଅନୁମୋଦନ ଆବଶ୍ୟକ । ଇରାନ ଏବେ ଏହି ଆଇନକୁ ବ୍ୟବହାର କରିବାକୁ ଚାହୁଁଛି । ହର୍ମୁଜ୍‌ରେ ବିଛାଯାଇଥିବା କେବୁଲର ଏକ ବଡ଼ ଅଂଶ ଇରାନର କ୍ଷେତ୍ରୀୟ ଜଳସୀମା ଦେଇ ଯାଇଛି । ଯଦି କେବୁଲ କ୍ଷତିଗ୍ରସ୍ତ ହୁଏ, ତେବେ ଏହାକୁ ମରାମତି କରିବା ପାଇଁ ଇରାନର ଅନୁମତି ଆବଶ୍ୟକ ହେବ ।



Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das